# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୬/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, June 26/2023 | Page 14 | ₹ 7.00 | BERHAMPUR

୪୯ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 211 | ମୂଲ୍ୟ ₹୭/-




## ନମ୍ବର ୱାନକୁ ଫେରିଲେ ଅଲ୍‌କାରାଜ

କୁଇନ୍ସକ୍ଲବ ଚାମ୍ପିୟନଶିପ୍ ଜିତିବା ପରେ କାର୍ଲୋସ ଅଲ୍‌କାରାଜ ଟେନିସ ର୍‍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି।

୧୨

୧୦

## ପୁଣି ଚର୍ଚ୍ଚାରେ ରଶ୍ମିକାଙ୍କ ପ୍ରେମ ସମ୍ପର୍କ

ସାଉଥ୍ ଇଣ୍ଡଷ୍ଟ୍ରି ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବ୍ରେକଅପ୍ ଗୁଜବ ପରେ ତାଙ୍କୁ ଏବେ ବିଜୟ ଦେବରକୋଣ୍ଡାଙ୍କ ସହ ପରିବାର ଓ ସାଙ୍ଗଙ୍କ ସହ ଏକାଠି ଦେଖିବାକୁ ମିଳିଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

## ଭଡ଼ାରେ ସୈନ୍ୟ

**ଆଜିର ମନ୍ତବ୍ୟ**

"ବିକାଶର ତେଲଙ୍ଗାନା ମଡେଲ ସମାବେଶୀ, ସାମଗ୍ରିକ, ସମନ୍ୱିତ ଓ ସନ୍ତୁଳିତ। ଭାଜପା କିମ୍ବା କଂଗ୍ରେସ କୌଣସି ରାଜ୍ୟରେ ଏପରି ଶାସନର ଦୃଷ୍ଟାନ୍ତ ସୃଷ୍ଟି କରିପାରି ନାହାନ୍ତି।

-କେ.ଟି. ରାମାରାଓ, ଭାରତ ରାଷ୍ଟ୍ର ସମିତି କାର୍ଯ୍ୟକାରୀ ଅଧ୍ୟକ୍ଷ

## ଫେରିଲାଣି ଦୁଇତୃତୀୟାଂଶ ୨,୦୦୦ ଟଙ୍କିଆ ନୋଟ୍

ମୁମ୍ବାଇ,୨୫।୬

ମେ' ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଜାରରେ ପ୍ରଚଳିତ ପ୍ରାୟ ୩.୨୬ ଲକ୍ଷ କୋଟି ଟଙ୍କାର ୨ ହଜାରିଆ ନୋଟ୍ ପ୍ରତ୍ୟାହାର ଘୋଷଣା କରିଥିଲା। ସେବେଠୁ ଅଦ୍ୟାବଧି ଏହାର ଦୁଇ-ତୃତୀୟାଂଶରୁ ଉର୍ଦ୍ଧ୍ୱ ୨,୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କଗୁଡ଼ିକୁ ଫେରିଲାଣି ବୋଲି ରବିବାର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୂଚନା ଦେଇଛନ୍ତି। ଜୁନ୍ ୨ରେ ଚଳିତ ଆର୍ଥିକବର୍ଷର ଦ୍ୱିତୀୟ କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରା ନୀତି ସମୀକ୍ଷା ପରେ ୧.୮ ଲକ୍ଷ କୋଟିର ୨,୦୦୦ ଟଙ୍କିଆ ନୋଟ୍ (ସର୍କ୍ୟୁଲେଶନ୍‌ର ପ୍ରାୟ ଅଧା) ଫେରିଥିବା ସେ କହିଥିଲେ। ବର୍ତ୍ତମାନ ସୁଦ୍ଧା ଫେରିଥିବା ମୋଟ ନୋଟ୍‌ର ୮୫% ଜମା ଆକାରରେ ଆସିଥିବାବେଳେ ଅବଶିଷ୍ଟ ୧୫%କୁ ଲୋକେ ବ୍ୟାଙ୍କଗୁଡ଼ିକରେ ବଦଳାଇଛନ୍ତି। ଏହି ବଡ଼ ନୋଟ୍‌ର ବିନିମୟ/ଜମା ପାଇଁ ଶେଷ ତାରିଖ ହେଉଛି ୨୦୨୩ ସେପ୍ଟେମ୍ବର ୩୦। ଭାରତୀୟ ଅର୍ଥନୀତି କିମ୍ବା ମୁଦ୍ରାର ସ୍ଥିରତା ଉପରେ ଏହି ପ୍ରତ୍ୟାହାରର କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ ବୋଲି ଶକ୍ତିକାନ୍ତ ସ୍ପଷ୍ଟ କରିଛନ୍ତି।




କୋଲକାତାରେ ରବିବାର ଆୟୋଜିତ ରେନ୍‌ବୋ ପ୍ରାଇଡ୍ ପରେଡ୍‌ରେ ସାମିଲ ହୋଇଥିବା ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ସଦସ୍ୟ।

# ମୋଦିଙ୍କୁ ଇଜିପ୍ଟର ସର୍ବୋଚ୍ଚ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ହାତ ମିଳାଉଛନ୍ତି ଇଜିପ୍ଟ ରାଷ୍ଟ୍ରପତି ଅବଦେଲ୍ ଫତହ ଏଲ୍-ସିସି।

କାଇରୋ, ୨୫।୬

ଇଜିପ୍ଟ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଷ୍ଟ୍ରପତି ଅବଦେଲ୍ ଫତହ ଏଲ୍-ସିସି ରବିବାର ଦେଶର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ଦି ନାଇଲ୍'ରେ ସମ୍ମାନିତ କରିଛନ୍ତି। ୧୯୧୫ରେ ସୃଷ୍ଟି ହୋଇଥିବା ଏହି ସମ୍ମାନ ଇଜିପ୍ଟ କିମ୍ବା ମାନବୀୟ ମୂଲ୍ୟବୋଧ ସେବା ପାଇଁ ରାଷ୍ଟ୍ରମୁଖ୍ୟ, କ୍ରାଉନ ପ୍ରିନ୍ସ ଏବଂ ଉପରାଷ୍ଟ୍ରପତିମାନଙ୍କୁ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହା ୧୩ତମ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ। ପ୍ରଧାନମନ୍ତ୍ରୀ ତାଙ୍କ ଇଜିପ୍ଟ ଗସ୍ତର ଦ୍ୱିତୀୟ ଦିନରେ ରବିବାର କାଇରୋସ୍ଥିତ ଏକାଦଶ ଶତାବ୍ଦୀର ଐତିହାସିକ ଅଲ-ହାକିମ୍ ମସ୍‌ଜିଦ ପରିଦର୍ଶନ କରିଛନ୍ତି। ଭାରତର ଦାଉଦି ବୋରା ସମ୍ପ୍ରଦାୟ ସହାୟତାରେ ଏହି ମସ୍‌ଜିଦର ପୁନଃସ୍ଥାପନା କରାଯାଇଛି। ୧,୦୧୨ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଥିବା ଏହି ମସ୍‌ଜିଦର କାନ୍ଥ ଓ ଦ୍ୱାରରେ ଖୋଦିତ କଳାକୃତିକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ। ଇଜିପ୍ଟ ରାଜଧାନୀ ନିକଟବର୍ତ୍ତୀ ଗିଜାଠାରେ ଥିବା ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ ବିଶାଳ ପିରାମିଡ୍‌କୁ ପ୍ରଧାନମନ୍ତ୍ରୀ ବୁଲି ଦେଖିଥିଲେ। ତାଙ୍କ ସହ ଇଜିପ୍ଟ ପ୍ରତିପକ୍ଷ ମୁସ୍ତାଫା ମାଡବୁଲି ଉପସ୍ଥିତ ଥିଲେ। ଏହି ପିରାମିଡ୍ ଖ୍ରୀଷ୍ଟପୂର୍ବ ୨୬ରେ ନିର୍ମାଣ ହୋଇଥିଲା ଓ କାର୍ଯ୍ୟ ଶେଷ ହେବାକୁ ୨୭ ବର୍ଷ ଲାଗିଥିଲା।

# ଏନ୍‌ସିବି, ସିବିଆଇ ନାଁରେ ବ୍ଲାକ୍‌ମେଲିଂ

**ଦିନକୁ ଦିନ ସାଇବର ଅପରାଧୀମାନେ ନୂଆ ନୂଆ ଉପାୟରେ ଲୋକଙ୍କୁ ଠକି ଚାଲିଛନ୍ତି। କେତେବେଳେ ଓଟିପି ଶେୟାରିଂରେ ତ ଆଉ କେତେବେଳେ ଲଟେରି ମାଧ୍ୟମରେ ଆକାଉଣ୍ଟକୁ ଟଙ୍କା ଯିବ କହି ଚଲୁ କରିଦେଉଛନ୍ତି। ଏବେ ଏନ୍‌ସିବି ଓ ସିବିଆଇ ଭଳି କେନ୍ଦ୍ରୀୟ ତଦନ୍ତ ସଂସ୍ଥା ନାଁରେ ଲୋକଙ୍କୁ ଠକୁଥିବା ଏକ ଅନ୍ତଃରାଷ୍ଟ୍ରୀୟ ର୍‍ୟାକେଟର ପର୍ଦ୍ଦାଫାଶ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କରିଛି।**

## ସାଇବର ଠକଙ୍କ ୧୭ ଆକାଉଣ୍ଟ ଅଚଳକଲା ଇଓଡବ୍ଲ୍ୟୁ

- ଭୁବନେଶ୍ୱରର ଜଣେ ମହିଳାଙ୍କୁ ଫସାଇ ଠକିନେଇଥିଲେ ୧.୫ ଲକ୍ଷ
- ଦେଶବ୍ୟାପୀ ଫସିଛନ୍ତି ଶତାଧିକ ବ୍ୟକ୍ତି, ଦୁବାଇରେ ମାଷ୍ଟରମାଇଣ୍ଡ୍
- ଗୋଟିଏ ଆକାଉଣ୍ଟରେ ୨ରୁ ୩ ଦିନରେ ୫.୫୮ କୋଟି ଜମା

ଭୁବନେଶ୍ୱର,୨୫।୬ (ସତ୍ୟଜିତ୍ ରାଉତ)

ଆପରାଧିକ ଦୁନିଆରେ ସାଇବର ଠକେଇ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ସାଇବର ଠକମାନେ ଗୋଟିଏ ଦେଶ, ରାଜ୍ୟ ବା ଅଞ୍ଚଳରେ ରହି ବିଭିନ୍ନ ଉପାୟରେ ଲୋକଙ୍କୁ ଫସାଇ କୋଟିକୋଟି ଟଙ୍କା ଲୁଟି ନେଉଛନ୍ତି। ସାଇବର ଅପରାଧ ରୋକିବାକୁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସେଲ୍ ଓ ବିଭିନ୍ନ ତଦନ୍ତକାରୀ ସଂସ୍ଥା କାର୍ଯ୍ୟ କରୁଥିଲେ ମଧ୍ୟ ଏହା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଏବେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି), ସିବିଆଇ, ଇଡି ଆଦି ସଂସ୍ଥା ନାଁରେ ସାଇବର ଠକମାନେ ବ୍ଲାକ୍‌ମେଲିଂ କରି ଟଙ୍କା ଠକି ନେଉଛନ୍ତି। ଭୁବନେଶ୍ୱର ନୟାପଲ୍ଲୀର ରତ୍ନା ତ୍ରିପାଠୀ ନାମ୍ନୀ ମହିଳାଙ୍କୁ ସାଇବର ଠକମାନେ ଭୟଭୀତ କରାଇ ପ୍ରାୟ ୧.୫ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏହି ମାମଲାରେ ତଦନ୍ତ କରି ଏହି ଠକେଇ ପଛର ମାଷ୍ଟରମାଇଣ୍ଡ୍ ଦୁବାଇରେ ରହିଥିବା ଜାଣିବାକୁ ପାଇଛି। ଏଥିସହିତ ଏହି ଅନ୍ତଃରାଷ୍ଟ୍ରୀୟ ର୍‍ୟାକେଟ ଦ୍ୱାରା ଓଡ଼ିଶା ସମେତ ଦେଶବ୍ୟାପୀ ଶତାଧିକ ଲୋକ ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ର୍‍ୟାକେଟର ୧୭ଟି ଆକାଉଣ୍ଟକୁ ଅଚଳ କରାଯାଇ ଅଧିକ ତଦନ୍ତ କରାଯାଉଥିବା ଇଓଡବ୍ଲ୍ୟୁ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

ଗତ ଜୁନ ୧୯ରେ ରତ୍ନାଙ୍କୁ ଜଣେ ବ୍ୟକ୍ତି କଲ୍ କରି ହାଇଦ୍ରାବାଦ୍‌ର କୋରିଅର୍ ସଂସ୍ଥା ଫେଡେକ୍ସର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ରତ୍ନାଙ୍କ ପାଖକୁ ଆସୁଥିବା ଏକ ପାର୍ସଲ୍ (୬ ପାସ୍‌ପୋର୍ଟ, ଗୋଟିଏ ଲାପଟପ୍, ୫ ଏଟିଏମ୍ କାର୍ଡ ଓ ୧୫୦ ଗ୍ରାମ ଡ୍ରଗ୍ସ)କୁ ମୁମ୍ବାଇ ଏନ୍‌ସିବି ଜବତ କରିଥିବା ସୂଚନା ଦେଇଥିଲେ। ଏହି ପାର୍ସଲ୍ ତାଙ୍କର ନୁହେଁ ବୋଲି ରତ୍ନା ମନା କରିବାରୁ ତାଙ୍କୁ ମୁମ୍ବାଇ ଆସି ଏନ୍‌ସିବି ଟିମ୍‌କୁ ଦେଖା କରିବାକୁ କହିଥିଲେ। ଏହାପରେ ସ୍କାଇପ୍ ଦ୍ୱାରା ମୁମ୍ବାଇ ନାର୍କୋଟିକ୍ସ ସେଲ୍ ଲୋଗୋ ଥିବା ଏକ ଆଇଡିରୁ ଭିଡିଓ କଲ୍ ତାଙ୍କ ପାଖକୁ ଆସିଥିଲା। କଲ୍ କରିଥିବା ବ୍ୟକ୍ତିଜଣକ ନିଜକୁ ମୁମ୍ବାଇ ନାର୍କୋଟିକ୍ସ ବ୍ୟୁରୋର ମୁଖ୍ୟ ମିଷ୍ଟର୍ ଗିଲ୍ ବୋଲି ପରିଚୟ ଦେଇ ରତ୍ନାଙ୍କ ସହ କଥା ହୋଇଥିଲେ। ତାଙ୍କ ଆଧାର ନମ୍ବରରେ ବେଆଇନ ଅର୍ଥ କାରବାର ହୋଇଥିବା ବହୁ ଆକାଉଣ୍ଟ ଥିବା କହିଥିଲେ। ତେଣୁ ତାଙ୍କ ନାଁରେ ଡ୍ରଗ୍ସ ସହ କ୍ରିପ୍ଟୋ ଓ ବେଆଇନ ଅର୍ଥ କାରବାରକୁ ନେଇ ମାମଲା ରୁଜୁ କରାଯିବ ବୋଲି ଧମକ ଦେଇଥିଲେ। ଏପରି କି ଗ୍ୟାଙ୍ଗଷ୍ଟର୍ ଇସ୍‌ଲାମ୍ ମଲ୍ଲିକଙ୍କ ସହ ରତ୍ନାଙ୍କ ଲିଙ୍କ୍ ଥିବା କହିଥିଲେ। ପରେ ସାଇବର କ୍ରାଇମ୍‌ର ଡିସିପି ଡ. ବଲସିଂ ରାଜପୁତ ନାମରେ ଜଣେ ବ୍ୟକ୍ତି କଲ୍ କରିଥିଲେ। ସିବିଆଇ ନାଁରେ ଆର୍‌ବିଆଇ ଷ୍ଟାମ୍ପ ଥିବା ଏକ ପିଡିଏଫ୍ ଫର୍ମାଟ ଲେଟର ରତ୍ନାଙ୍କ ପାଖକୁ ପଠାଇଥିଲେ। ୪୯ ହଜାର ୫୨୫ ଟଙ୍କା ☞ପୃଷ୍ଠା-୪

## ହାଇକୋର୍ଟରେ ଶୁଣାଣି ଆଜି

**ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ନେଇ ଆଉ ଏକ ମାମଲା**

କଟକ,୨୫।୬ (କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷା ଅନିୟମିତତାକୁ ନେଇ ଆଉ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଛି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ପାଇଁ ସୋମବାରକୁ ଧାର୍ଯ୍ୟ ହୋଇଛି। ସୂଚନା ଅନୁସାରେ, ଏଏସ୍‌ଓ ପରୀକ୍ଷା ଅନିୟମିତତା ନେଇ ପୂର୍ବରୁ ଅନେକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିବାବେଳେ ଗତ ୨୧ରେ ପିଟିଶନ ଦାଖଲ ହୋଇଛି। ହାଇକୋର୍ଟ ଏ ସଂକ୍ରାନ୍ତରେ ରାୟ ମଧ୍ୟ ପ୍ରଦାନ କରିଛନ୍ତି। ପୂର୍ବ ଲିଖିତ ପରୀକ୍ଷାର ମେରିଟ୍ ଲିଷ୍ଟ ଖାରଜ କରି ସାନି ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା କେତେଜଣ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଉକ୍ତ ☞ପୃଷ୍ଠା-୪

# ଭୁଲ୍‌ରେ ଡ୍ରାଇଭରଙ୍କୁ ହତ୍ୟାକଲେ ମହିଳା

**ବୟଫ୍ରେଣ୍ଡ୍‌ଙ୍କୁ ଭେଟିବାକୁ ଯିବାବେଳେ ଅପହରଣ ସନ୍ଦେହ**

ୱାଶିଂଟନ୍,୨୫।୬

ଆମେରିକାର ଜଣେ ମହିଳା ଏକ ଉବର କାର୍‌ରେ ଯାଉଥିଲେ। ଡ୍ରାଇଭର ଜଣକ ଅପହରଣ କରି ନେଉଥିବା ସନ୍ଦେହ ହେବାରୁ ସେ ତାଙ୍କୁ ଗୁଳି କରିଥିଲେ। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାବେଳେ ଏଲ୍‌ପାସୋ ପୋଲିସ ମହିଳା ଯାତ୍ରୀଙ୍କୁ ଗିରଫ ପରେ ୧.୫ ନିୟୁତ ଡଲାର ମୂଲ୍ୟର ବଣ୍ଡ୍‌ରେ ଛାଡ଼ିଦେଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମହିଳାଙ୍କୁ ପୁଣି ଗିରଫ କରିଛି।

ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ କେଣ୍ଟୁକି ବାସିନ୍ଦା ୪୮ ବର୍ଷୀୟା ଫୋଏବେ କୋପାସ୍ ଟେକ୍ସାସ୍‌ର ଏକ କ୍ୟାସିନୋରେ କାମ କରୁଥିବା ନିଜ ବୟଫ୍ରେଣ୍ଡ୍‌ଙ୍କୁ ଭେଟିବା ପାଇଁ ଯାଉଥିଲେ। ଏଥିପାଇଁ ସେ ଏକ ଉବର କାର୍ ଭଡ଼ାରେ ନେଇଥିଲେ। ବାଟରେ



ଫୋଏବେ କୋପାସ୍

'ଜୁଆରେଜ୍ ମେକ୍ସିକୋ' ଲେଖାଥିବା ଏକ ସାଇନ୍‌ବୋର୍ଡ ଦେଖି ହଠାତ୍ ତାଙ୍କ ମନକୁ ପାପ ଛୁଇଁଥିଲା। ୫୨ ବର୍ଷୀୟ ଡ୍ରାଇଭର ଡାନିଏଲ ପିଏଡ୍ରା ଗାର୍ସିଆ ତାଙ୍କୁ ଅପହରଣ କରି ମେକ୍ସିକୋକୁ ନେଉଥିବା ଭାବି ସେ ନିଜ ବ୍ୟାଗ୍‌ରୁ ବନ୍ଧୁକ କାଢ଼ି ଗୁଳି କରିଥିଲେ। ଗାର୍ସିଆଙ୍କ ମୁଣ୍ଡ ଓ ଅଣ୍ଟାରେ ଗୁଳି ବାଜିବାରୁ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ସେଠାରେ ପହଞ୍ଚିବା ପୂର୍ବରୁ ଫୋଏବେ ଦୁର୍ଘଟଣାଗ୍ରସ୍ତ କାର୍ ସହ ଡ୍ରାଇଭରଙ୍କ ଫଟୋ ଉଠାଇ ନିଜ ବୟଫ୍ରେଣ୍ଡ୍‌ଙ୍କ ନିକଟକୁ ପଠାଇଥିଲେ। ଗାର୍ସିଆଙ୍କୁ ଗୁରୁତର ଅବସ୍ଥାରେ ଆଇସିୟୁରେ ରଖାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ପରିବାରର ଜଣେ ମାତ୍ର ଅର୍ଥ ଉପାର୍ଜନକାରୀ ବ୍ୟକ୍ତି ଥିଲେ। ତାଙ୍କ ସ୍ତ୍ରୀ ଆନ୍ନା ପିଏଡ୍ରା ନିଜ ସ୍ୱାମୀଙ୍କ ଚିକିତ୍ସା ଖର୍ଚ୍ଚ ଓ ଶେଷକୃତ୍ୟ ପାଇଁ ଅନ୍‌ଲାଇନ୍‌ରେ ଆର୍ଥିକ ସହାୟତା ଲୋଡ଼ିଛନ୍ତି। ସ୍ୱାମୀ ଅପରାଧୀ କିମ୍ବା ଅପହରଣକାରୀ ନ ଥିଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଫୋଏବ୍‌ଙ୍କ ଏଭଳି କାଣ୍ଡକୁ ନେଇ ଉବର ପ୍ଲାଟ୍‌ଫର୍ମ ଆତଙ୍କିତ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ତାଙ୍କୁ ଉବରରେ ଯାତ୍ରା ପାଇଁ ବାରଣ କରାଯାଇଛି।

## ଗଞ୍ଜେଇ ଚାଷ କରୁଥିବା ୫ ଡାକ୍ତରୀ ଛାତ୍ର ଗିରଫ

ଶିବମୋଗା, ୨୫।୬

କର୍ନାଟକର ଶିବମୋଗାରେ ଗଞ୍ଜେଇ ଚାଷ କରିବା ସହ ଚୋରା କାରବାର କରିବା ଅଭିଯୋଗରେ ୫ ଜଣ ଡାକ୍ତରୀ ଛାତ୍ରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଏକ ଭଡ଼ାଘରେ ରହୁଥିଲେ। ସେମାନେ ଘର ଭିତରେ ଗଞ୍ଜେଇ ଚାଷ କରୁଥିଲେ ବୋଲି ପୋଲିସ କହିଛି। ଏହା ବ୍ୟତୀତ ବିଜୟପୁରା ଓ ବଲ୍ଲାରିରୁ ଦୁଇଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୬୬ ଗ୍ରାମ ଗଞ୍ଜେଇ ସହ ୨୦ ହଜାର ଟଙ୍କା ମୂଲ୍ୟର ଅନ୍ୟ କେତେକ ବେଆଇନ ସାମଗ୍ରୀ ଜବତ ହୋଇଛି। ହାଲେ ଗୁରୁପୁରାରେ ଭଡ଼ାଘରେ ରହୁଥିବା ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ଗଞ୍ଜେଇ ବିକୁଥିବା ଖବର ପାଇବା ପରେ ପୋଲିସ ଚଢ଼ାଉ କରିଥିଲା। ସେହିପରି ଶିବଗଙ୍ଗା ଲେଆଉଟ୍‌ରେ ଭଡ଼ାଘରେ ରହୁଥିବା ୩ ଜଣଙ୍କୁ ଶନିବାର ପୋଲିସ ଉଠାଇ ନେଇଥିଲା। ପୋଲିସ କହିବା ଅନୁଯାୟୀ ତାମିଲନାଡୁର ଜଣେ ଅଭିଯୁକ୍ତ ଛାତ୍ର ଘର ☞ପୃଷ୍ଠା-୪

# କୁସ୍ତି ମହାସଂଘ ନିର୍ବାଚନ ସ୍ଥଗିତ

- ଜୁଲାଇ ୧୧ରେ ହେବାର ଥିଲା
- ରୋକ ଲଗାଇଲେ ଗୁଆହାଟୀ ହାଇକୋର୍ଟ
- ୧୭ରେ ପରବର୍ତ୍ତୀ ଶୁଣାଣି

ଗୁଆହାଟୀ/ନୂଆଦିଲ୍ଲୀ,୨୫।୬ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ପୂର୍ବ ନିର୍ଦ୍ଧାରିତ ତାରିଖ ଜୁଲାଇ ୧୧ରେ ଅନୁଷ୍ଠିତ ହେବ ନାହିଁ। ଆସାମ କୁସ୍ତି ସଂଘ (ଏଡବ୍ଲ୍ୟୁଏ) ପକ୍ଷରୁ ଦାଖଲ ଏକ ଆବେଦନକ୍ରମେ ରବିବାର ଗୁଆହାଟୀ ହାଇକୋର୍ଟ ଏହି ବହୁପ୍ରତୀକ୍ଷିତ ନିର୍ବାଚନ ଉପରେ ରୋକ ଲଗାଇଛନ୍ତି। ଫଳରେ ନିର୍ବାଚନ କରାଇବା ଏବଂ ଡବ୍ଲ୍ୟୁଏଫ୍ଆଇର ବିଦାୟୀ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଗିରଫଦାରି ଦାବିରେ ଦୀର୍ଘଦିନ ଅଡ଼ିବସିଥିବା କୁସ୍ତିଯୋଦ୍ଧାମାନଙ୍କୁ ଝଟ୍‌କା ଲାଗିଛି। ଏହି ପ୍ରସଙ୍ଗରେ ଆସନ୍ତା ୧୭ରେ ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

ପୂର୍ବରୁ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଜୁଲାଇ ୧୧ରେ କରାଇବା ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ) ପକ୍ଷରୁ ସ୍ଥିର କରାଯାଇଥିଲା। ୫ ଅଣସହଅନୁବନ୍ଧିତ ରାଜ୍ୟ (ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶ)ର ସଙ୍ଗଠନଗୁଡ଼ିକ ଶୁଣାଣି ବେଳେ ସେମାନଙ୍କ ମତଦାନ ଅଧିକାର ସମ୍ପର୍କିତ ଯୁକ୍ତି ବାଢ଼ିଥିଲେ। ସେମାନଙ୍କୁ ମତାଧିକାର ସୁଯୋଗ ନ ଦେବା ଉପଯୁକ୍ତ ନୁହେଁ ବୋଲି ଦର୍ଶାଇ ଆଇଓଏ ପକ୍ଷରୁ ଗଠିତ ଆଡ୍-ହକ୍ କମିଟି ନିକଟରେ ଫେରାଦ ହୋଇଥିଲେ। ଏହା ପରେ ସେମାନଙ୍କୁ ମତଦାନ ଅଧିକାର




ଦିଆଯିବା ସହ ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଥିଲା। ଇତିମଧ୍ୟରେ ଡବ୍ଲ୍ୟୁଏଫ୍ଆଇ, ଆଇଓଏ, ଆଡ୍-ହକ୍ କମିଟି ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ବିରୋଧରେ ଆସାମ କୁସ୍ତି ସଂଘ ହାଇକୋର୍ଟରେ ଏକ ଆବେଦନ କରିଥିଲା। ଉକ୍ତ ପିଟିଶନରେ ଉଲ୍ଲେଖ କରାଯାଇଥିଲା ଯେ, ଏଡବ୍ଲ୍ୟୁଏ କୁସ୍ତି ମହାସଂଘର ଏକ ସହଅନୁବନ୍ଧିତ ସଦସ୍ୟ ହେବା ପାଇଁ ଯୋଗ୍ୟ। ୨୦୧୪ ନଭେମ୍ବର ୧୫ରେ ଗୋଣ୍ଡାରେ ଅନୁଷ୍ଠିତ ଡବ୍ଲ୍ୟୁଏଫ୍ଆଇ ଏକ୍‌ଜିକ୍ୟୁଟିଭ୍ କମିଟି ସାଧାରଣ ପରିଷଦ ବୈଠକରେ ମଧ୍ୟ ଏଥିଲାଗି ସୁପାରିସ କରାଯାଇଥିଲା। ଏହାସତ୍ତ୍ୱେ ଆସାମ କୁସ୍ତି ସଂଘକୁ ସଦସ୍ୟତା ମିଳି ନାହିଁ। ଏଡବ୍ଲ୍ୟୁଏକୁ ଡବ୍ଲ୍ୟୁଏଫ୍ଆଇ ସହିତ ☞ପୃଷ୍ଠା-୪

## ସଂକ୍ଷେପରେ

### ୬୨ ବର୍ଷ ପରେ ଦିଲ୍ଲୀ, ମୁମ୍ବାଇରେ ଗୋଟିଏ ଦିନରେ ମୌସୁମୀ

**ନୂଆଦିଲ୍ଲୀ/ମୁମ୍ବାଇ, ୨୫।୬:** ଦିଲ୍ଲୀ ଏବଂ ମୁମ୍ବାଇରେ ଗୋଟିଏ ଦିନରେ ମୌସୁମୀ ପ୍ରବେଶ କରିଛି, ଯାହାକି ଏକ ବିରଳ ଘଟଣା। ଜାତୀୟ ରାଜଧାନୀକୁ ଧାର୍ଯ୍ୟ ସମୟର ଦୁଇଦିନ ପୂର୍ବରୁ ମୌସୁମୀ ଆସିଥିବାବେଳେ ମୁମ୍ବାଇକୁ ଦୁଇ ସପ୍ତାହ ବିଳମ୍ବରେ ପ୍ରବେଶ କରିଥିବା ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ମୌସୁମୀ ଆଗମନ ଫଳରେ ଦୁଇ ସହରରେ ରାତି ସାରା ପ୍ରବଳ ବର୍ଷା ହୋଇଛି। ୬୨ ବର୍ଷ ପୂର୍ବେ ଅର୍ଥାତ୍ ୧୯୬୧ ଜୁନ୍ ୨୧ରେ ଦିଲ୍ଲୀ ଓ ମୁମ୍ବାଇକୁ ଏକସଙ୍ଗେ ମୌସୁମୀ ପ୍ରବେଶ କରିଥିଲା। ସାଧାରଣତଃ ମୌସୁମୀ ମୁମ୍ବାଇରେ ଜୁନ୍ ୧୧ରେ ପହଞ୍ଚୁଥିବାବେଳେ ଦିଲ୍ଲୀରେ ଜୁନ୍ ୨୭ରେ ପହଞ୍ଚିଥାଏ। ଏଥର ଜୁନ୍ ୨୫ରେ ଉଭୟ ସହରରେ ମୌସୁମୀ ବର୍ଷା ହୋଇଛି।

### ପେଶାୱରରେ ଶିଖ୍ ବ୍ୟବସାୟୀଙ୍କୁ ହତ୍ୟା

**ପେଶାୱର, ୨୫।୬:** ପାକିସ୍ତାନର ପେଶାୱର ସହରରେ ଶନିବାର କେତେଜଣ ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ଜଣେ ଶିଖ୍ ବ୍ୟବସାୟୀ ପ୍ରାଣ ହରାଇଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ଏହା ସଦ୍ୟତମ ଟାର୍ଗେଟ ଆକ୍ରମଣ। ବ୍ୟବସାୟୀ ମନମୋହନ ସିଂ ରଶିଦ ଗର୍ହିରୁ ପେଶାୱରର ଆଭ୍ୟନ୍ତରୀଣ ସହରାଞ୍ଚଳକୁ ଯାଉଥିବାବେଳେ ଗୁଲଦରା ଚୌକ କକ୍‌ଶଲ ନିକଟରେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ସିଂଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୪୮ ଘଣ୍ଟା ମଧ୍ୟରେ ଯାକ୍କା ଟୁଟ୍ ଅଞ୍ଚଳରେ ଶିଖ୍‌ଙ୍କ ଉପରେ ଏହା ଦ୍ୱିତୀୟ ସଶସ୍ତ୍ର ଆକ୍ରମଣ। ପେଶାୱର ବିଶେଷ କରି ଜୋଗନ ଶାହ ଅଞ୍ଚଳରେ ୧୫,୦୦୦ ଶିଖ୍ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଭିନ୍ନ ବ୍ୟବସାୟ ସହ ସମ୍ପୃକ୍ତ।

### ଆମୋନିଆ ଗ୍ୟାସ୍ ଲିକ୍: ଜଣେ ମୃତ

**ଦଳାଚକଟାରେ ୩୫ ଆହତ**

**ପାଟନା, ୨୫।୬:** ବିହାରର ବୈଶାଳୀ ଜିଲା ଅନ୍ତର୍ଗତ ହାଜିପୁରରେ ଥିବା ଏକ କ୍ଷୀର ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ୍ ଲିକ୍ ହେବାରୁ ଜଣେ ଶ୍ରମିକ ପ୍ରାଣ ହରାଇଛନ୍ତି। ଲୋକେ ଛାନିଆ ହୋଇ ଧାଁଦଉଡ଼ କରିବାରୁ ଦଳାଚକଟା ଭଳି ସ୍ଥିତି ଉପୁଜିଥିଲା, ଯେଉଁଥିରେ ୩୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସଦର ହସ୍ପିଟାଲ ଓ କେତେକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରାଯାଇଛି। ଗ୍ୟାସ୍ ଲିକ୍‌ର ପ୍ରକୃତ କାରଣ ଜଣାପଡ଼ି ନାହିଁ। ତେବେ କାରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଏଭଳି ଘଟିଲା ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ ରାଜ ଫ୍ରେସ୍ ଡେଏରିର ଶ୍ରମିକ। ଗ୍ୟାସ ବାୟୁରେ ମିଳାଇ ସଙ୍ଗେ ସଙ୍ଗେ ୪ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଫଳରେ ଲୋକେ ନିଃଶ୍ୱାସ ନେବାରେ ସମସ୍ୟା ଅନୁଭବ କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ୧୫ରୁ ୨୦ ମିନିଟ ମଧ୍ୟରେ ଗ୍ୟାସ୍‌କୁ ଆୟତ୍ତ କରିଥିଲେ।

### ୨୫ ଲକ୍ଷ ଟପିବେ ହଜ୍ ଯାତ୍ରୀ

**ମକ୍କା, ୨୫।୬:** ସାଉଦି ଆରବର ମକ୍କା ସହରରେ ରବିବାର ଇତିହାସର ସବୁଠୁ ବଡ଼ ହଜ୍ ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ମୁସଲମାନମାନେ ଧଳା କାବା ପରିଧାନ କରି ଇସ୍‌ଲାମର ପବିତ୍ରତମ ସ୍ଥଳରେ ଏକତ୍ରିତ ହୋଇଛନ୍ତି। ୨୦୨୦ରୁ ଲାଗିଥିବା କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବାରୁ ଚଳିତବର୍ଷ ହଜ୍ ଯାତ୍ରୀଙ୍କ ସଂଖ୍ୟା ୨୫ ଲକ୍ଷ ଟପିବ ବୋଲି ଅନୁମାନ କରାଯାଉଛି।



ଗିଜାସ୍ଥିତ ଗ୍ରେଟ୍ ପିରାମିଡ୍‌ରେ ଇଜିପ୍ଟ ପ୍ରଧାନମନ୍ତ୍ରୀ ମୋସ୍ତଫା ମାଡବୁଲିଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଭାରତ-ଇଜିପ୍ଟ ସମ୍ପର୍କ 'ରଣନୀତିକ ସହଭାଗିତା'ରେ ପରିଣତ

**କାଇରୋ, ୨୫।୬(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଇଜିପ୍ଟ ଗସ୍ତରେ ଯାଇ ରବିବାର ରାଷ୍ଟ୍ରପତି ଅବଦେଲ, ଫତହ ଏଲ୍-ସିସିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଆଲୋଚନାରେ ରାଜନୈତିକ ଓ ସୁରକ୍ଷା ସହଯୋଗ ବଢ଼ାଇବାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା। ଉଭୟ ନେତାଙ୍କ ମଧ୍ୟରେ ବୈଠକ ପରେ ଭାରତ-ଇଜିପ୍ଟ ସମ୍ପର୍କ 'ରଣନୀତିକ ସହଭାଗିତା'କୁ ଉନ୍ନୀତ ହୋଇଛି। ୨୬ ବର୍ଷ ପରେ ଭାରତୀୟ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଇଜିପ୍ଟକୁ ଦ୍ୱିପାକ୍ଷିକ ଗସ୍ତରେ ଯାଇଥିଲେ। ଏହି ଅବସରରେ ମୋଦି ଏବଂ ସିସିଙ୍କ ମଧ୍ୟରେ ରାଜନୈତିକ, ସୁରକ୍ଷା ଓ ପ୍ରତିରକ୍ଷା ସହଯୋଗ ବଢ଼ାଇବା ସମେତ ବାଣିଜ୍ୟ, ନିଯୁକ୍ତି ସମ୍ପର୍କ ବୃଦ୍ଧି ଏବଂ ବିଜ୍ଞାନ ଓ ଶିକ୍ଷା ଭିତ୍ତିକ ତଥ୍ୟ ଆଦାନ ପ୍ରଦାନ ନେଇ ଆଲୋଚନା ପରେ ରଣନୀତିକ ସହଭାଗିତା ଦସ୍ତାବିଜରେ ଉଭୟେ ସ୍ୱାକ୍ଷର କରିଛନ୍ତି। ଏହା ବ୍ୟତୀତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, କୀର୍ତ୍ତିରାଜି ଓ ପ୍ରତ୍ନତାତ୍ତ୍ୱିକ ସ୍ଥଳର ସୁରକ୍ଷା ଏବଂ ସଂରକ୍ଷଣ ତଥା ପ୍ରତିଯୋଗିତା ଆଇନକୁ ନେଇ ୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ପ୍ରଧାନମନ୍ତ୍ରୀ କାଇରୋରେ ପହଞ୍ଚିବା ପରେ ତାଙ୍କ ଇଜିପ୍ଟ ପ୍ରତିପକ୍ଷ ମୁସ୍ତାଫା ମାଡବୁଲିଙ୍କ ସହ ଆଲୋଚନା କରିଥିଲେ।

# ଓବାମା ୬ ମୁସଲମାନ ରାଷ୍ଟ୍ରକୁ ଟାର୍ଗେଟ କରିଥିଲେ: ସୀତାରାମନ୍

**ନୂଆଦିଲ୍ଲୀ, ୨୫।୬**



ନିର୍ମଳା ସୀତାରାମନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ବେଳେ ଭାରତରେ ମୁସଲମାନଙ୍କ ପ୍ରତି ବ୍ୟବହାରକୁ ନେଇ ଏକ ଖବରଦାତା ସମ୍ମିଳନୀରେ କରାଯାଇଥିବା ପ୍ରଶ୍ନ ପ୍ରସଙ୍ଗରେ ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜବାବ ରଖିଛନ୍ତି। ସୀତାରାମନ୍ କହିଛନ୍ତି, 'ସବ୍‌କା ସାଥ୍, ସବ୍‌କା ବିକାଶ' ସିଦ୍ଧାନ୍ତ ଉପରେ ତାଙ୍କ ସରକାର ଚାଲୁଥିବା ଏବଂ କୌଣସି ସମ୍ପ୍ରଦାୟ ସହ ଭେଦଭାବ କରାଯାଉ ନ ଥିବା ନେଇ ପ୍ରଧାନମନ୍ତ୍ରୀ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି। କିନ୍ତୁ ନିର୍ବାଚନରେ ହାରୁଥିବା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିନା ତଥ୍ୟରେ ଅଣପ୍ରସଙ୍ଗଗୁଡ଼ିକୁ ଉଠାଉଛନ୍ତି। ପ୍ରଧାନମନ୍ତ୍ରୀ ପାଇଥିବା ୧୩ ପୁରସ୍କାର ମଧ୍ୟରୁ ୬ଟି ମୁସଲମାନ ସଂଖ୍ୟାଲଘୁଙ୍କ ଦେଶରୁ ମିଳିଛି। ସେହିପରି ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଭାରତରେ ସଂଖ୍ୟାଲଘୁଙ୍କ ଅଧିକାରକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ ତାଙ୍କ ମନ୍ତବ୍ୟକୁ ନେଇ ସୀତାରାମନ୍ କହିଛନ୍ତି, ଓବାମାଙ୍କ ଶାସନ କାଳରେ ଆମେରିକା ୬ଟି ମୁସଲମାନ ବହୁଳ ରାଷ୍ଟ୍ରରେ ୨୬,୦୦୦ରୁ ଊର୍ଦ୍ଧ୍ୱ ବିସ୍ଫୋରଣ ଘଟାଇଥିଲା। ତାଙ୍କ ଅଭିଯୋଗକୁ ଲୋକେ କିପରି ଭରସା କରିବେ। ଏହା ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଓବାମାଙ୍କୁ 'ହୁସେନ୍ ଓବାମା' କହି ଟାର୍ଗେଟ କରିଥିଲେ।

# ୨୩,୦୦୦ କୋଟିର ଟିକସ ଠକେଇ



- ସିମେଣ୍ଟ କମ୍ପାନୀର ୨୪ ସ୍ଥାନରେ ଆଇଟି ଚଢ଼ାଉ
- ରାଡାରରେ ମାଇନିଂ, ରିଅଲ ଇଷ୍ଟେଟ୍ କମ୍ପାନୀ





**କୋଲକାତା/ଜୟପୁର, ୨୫।୬**

ଭାରତର ଅନ୍ୟତମ ବୃହତ୍ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ 'ଶ୍ରୀ ସିମେଣ୍ଟ' କିଛିଦିନ ହେଲା ଏକ ଭୁଲ୍ କାରଣକୁ ନେଇ ଚର୍ଚ୍ଚାରେ ରହିଛି। କୋଲକାତାରେ ମୁଖ୍ୟାଳୟ ଥିବା ଏହି କମ୍ପାନୀ ବିରୋଧରେ ୨୩,୦୦୦ କୋଟି ଟଙ୍କା ଟିକସ ଠକେଇର ସାଂଘାତିକ ଅଭିଯୋଗ ଆସିଛି। ରାଜସ୍ଥାନରେ ଶ୍ରୀ ସିମେଣ୍ଟ ଲିମିଟେଡ୍‌ର ଅନେକ ସ୍ଥାନରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ ଚାଲିଛି। ଏହାକୁ ଦେଶର ଅନ୍ୟତମ ବୃହତ୍ ଟିକସ ଠକେଇ ବୋଲି କୁହାଯାଉଛି। କିନ୍ତୁ ଏହି ଅଭିଯୋଗକୁ କମ୍ପାନୀ ପକ୍ଷରୁ ମିଥ୍ୟା ଅଭିହିତ କରି ଖଣ୍ଡନ କରାଯାଇଛି।

କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଆୟକର ଅଧିକାରୀମାନେ ଚଳିତ ସପ୍ତାହରେ ଶ୍ରୀ ସିମେଣ୍ଟର କୋଲକାତା ମୁଖ୍ୟାଳୟରେ ଦ୍ୱିତୀୟ ଥର ପାଇଁ ଚଢ଼ାଉ କରିଛନ୍ତି। ଏହି ଚଢ଼ାଉରେ ୨୦୦ରୁ ଊର୍ଦ୍ଧ୍ୱ ଆଇଟି ଅଫିସର ନିୟୋଜିତ ହୋଇଛନ୍ତି। ରାଜସ୍ଥାନର ବ୍ୟାୱର, ଜୟପୁର, ଚିତ୍ତୋରଗଡ଼ ଓ ଆଜମେର ୟୁନିଟ୍ ସମେତ ୨୪ ସ୍ଥାନରୁ ଅନେକ ଜାଲ୍ ଦସ୍ତାବିଜ ଠାବ ହୋଇଥିବା କୁହାଯାଉଛି। ସୂତ୍ରରୁ ଜଣାପଡ଼ିଛି ଯେ, ଏହି କମ୍ପାନୀ ପ୍ରତିବର୍ଷ ୧୨୦୦ରୁ ୧୪୦୦ କୋଟି ଟଙ୍କାର ଆୟକର ଠକେଇ କରିଥାଏ। ଟ୍ୟାକ୍ସ ଡିଡକ୍ସନ ନେଇ କମ୍ପାନୀ ଯାହା ଦାବି କରିଥାଏ, ତାହା ମିଛ। ଏହାର ଜାଲ୍ ଚୁକ୍ତିନାମା ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ରାଜସ୍ୱ ବାବଦରେ ବିପୁଳ ଅର୍ଥ କ୍ଷତି ସହିବାକୁ ପଡୁଛି। ଆଇଟି ବିଭାଗ ହାତରେ ଲାଗିଥିବା ଦସ୍ତାବିଜ ଅନୁସାରେ ମୋଟ ୨୩,୦୦୦ କୋଟି ଟଙ୍କାର ଟିକସ ଠକେଇ ହୋଇଛି। ଏପରି କି କୋଇଲା ଏବଂ ଏହାର ଦେୟ ପଇଠ କ୍ଷେତ୍ରରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଚଢ଼ାଉ ବେଳେ ପ୍ରଘଟ ହୋଇଥିବା ଗଣମାଧ୍ୟମଗୁଡ଼ିକ ରିପୋର୍ଟ କରିଛନ୍ତି। ଗ୍ରୁପ୍ ଚେୟାରମ୍ୟାନ୍ ଏଚ୍.ଏନ୍. ବାଙ୍ଗଡ଼ଙ୍କୁ ରବିବାର ଜେରା କରାଯାଇଛି। ଏହା ପୂର୍ବରୁ ଏମ୍‌ଡି ନୀରଜ ଅଖୋରିଙ୍କ ସମେତ ଆଉ କେତେଜଣଙ୍କୁ ମଧ୍ୟ ଅଧିକାରୀମାନେ ସମନ କରିଥିଲେ। ମାଇନିଂ ଏବଂ ରିଅଲ ଇଷ୍ଟେଟ୍ ବ୍ୟବସାୟ ସହ ଜଡ଼ିତ ଆଉ କେତୋଟି କମ୍ପାନୀ ମଧ୍ୟ ଆଇଟି ରାଡାରରେ ରହିଥିବା ବିଭାଗ ପକ୍ଷରୁ କୁହାଯାଉଛି। ଚଢ଼ାଉ ଖବର ଆସିବା ପରଠୁ ଏହି କମ୍ପାନୀର ଶେୟାର ମୂଲ୍ୟ ୨.୭% ଖସିଯାଇଛି। ମେ' ୨୪ ପରେ ଏହା ହେଉଛି ଶ୍ରୀ ସିମେଣ୍ଟର ଇଣ୍ଟ୍ରାଡେ କାରବାରରେ ସର୍ବାଧିକ ହ୍ରାସ। ଶୁକ୍ରବାର କମ୍ପାନୀର ଶେୟାର ଭାଲ୍ୟୁ ୧.୯୯% କମିବା ସହ ୨୫,୧୫୯.୫୫ ଟଙ୍କାରେ ବନ୍ଦ ହୋଇଥିଲା। ଗତ ୫ ଟ୍ରେଡିଂ ସେସନ୍‌ରେ ଏହାର ଶେୟାର ୪.୪୮% ହ୍ରାସ ପାଇଥିଲା। ତେବେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଉପରୋକ୍ତ ସର୍ବେକ୍ଷଣ ପରେ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ କମ୍ପାନୀ ଓ ଏହାର ଅଧିକାରୀମାନଙ୍କ ସମ୍ପର୍କରେ ବହୁ ନକାରାତ୍ମକ ତଥ୍ୟ ପ୍ରସାର କରାଯାଉଛି। ଆମେ ସ୍ପଷ୍ଟ କରୁଛୁ ଯେ, ସର୍ଭେ ଏବେ ମଧ୍ୟ ଜାରି ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ମ୍ୟାନେଜମେଣ୍ଟ ଟିମ୍ ଅଧିକାରୀମାନଙ୍କୁ ପୂରା ସହଯୋଗ କରୁଛନ୍ତି। ଗଣମାଧ୍ୟମରେ ଘୂରି ବୁଲୁଥିବା ଅନ୍ୟ ତଥ୍ୟଗୁଡ଼ିକ ଭୁଲ୍ ଏବଂ ତାହା କମ୍ପାନୀର ବିନା ପୂର୍ବ ଅନୁମତିରେ ପ୍ରକାଶ କରାଯାଉଛି।

# ୨ ମାଲବାହୀ ଟ୍ରେନ୍ ଧକ୍କା: ୧୨ ବଗି ଲାଇନଚ୍ୟୁତ



**ବାଙ୍କୁଡ଼ା, ୨୫।୬**

ପଶ୍ଚିମବଙ୍ଗର ବାଙ୍କୁଡ଼ା ନିକଟ ଓଣ୍ଡା ଷ୍ଟେଶନରେ ରବିବାର ଭୋର ସମୟରେ ଦୁଇଟି ମାଲ୍‌ବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୨ଟି ବଗି ଲାଇନଚ୍ୟୁତ ହୋଇଛି। ଷ୍ଟେଶନରେ ଗୋଟିଏ ଟ୍ରେନ୍ ଛିଡ଼ାହୋଇଥିବାବେଳେ ଅନ୍ୟଟି ତାକୁ ପଛରୁ ପିଟିଥିଲା। ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବାବେଳେ ଗୋଟିଏ ଟ୍ରେନ୍‌ର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଉଭୟ ଟ୍ରେନ୍ ଖାଲିଥିଲା। ତେବେ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ଦୁର୍ଘଟଣା ଯୋଗୁ ରେଳୱେ ଆଦ୍ରା ଡିଭିଜନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି।

# ୧୨ ଉଗ୍ରପନ୍ଥୀଙ୍କୁ ମୁକ୍ତ କଲା ସେନା

**ମହିଳାଙ୍କ ନେତୃତ୍ୱରେ ଘେରିଥିଲେ ୧୨୦୦ ଲୋକ**

**ଇମ୍ଫାଲ, ୨୫।୬**



ମଣିପୁରରେ ସେନା ଯବାନମାନେ ଶନିବାର ଏକ ସ୍ୱତନ୍ତ୍ର ଅଭିଯାନରେ ମେଇତି ଉଗ୍ରପନ୍ଥୀ ସଂଗଠନ କଙ୍ଗଲେଇ ୟାୱଲ କାନ୍ନା ଲୁପ୍ (କେୱାଇକେଏଲ୍)ର ୧୨ ଜଣ ସଦସ୍ୟଙ୍କୁ ଗିରଫ କରିଥିଲେ। ଏହି ସଂଗଠନ ୨୦୧୫ର ୬ ଡୋଗ୍ରା ୟୁନିଟ୍ ଉପରେ ଆକ୍ରମଣ ସମେତ ଅନେକ ଆକ୍ରମଣରେ ସମ୍ପୃକ୍ତ। ଗିରଫ ଉଗ୍ରପନ୍ଥୀଙ୍କ ମଧ୍ୟରେ ମୋଷ୍ଟ ୱାଣ୍ଟେଡ୍ ଆତ୍ମଘୋଷିତ ଲ୍ୟୁଟନାଣ୍ଟ କଲୋନେଲ ମୋଇରାଙ୍ଗଥେମ୍ ତାମ୍ବା ଓରଫ ଉତ୍ତମ ଥିଲେ, ଯିଏକି ଡୋଗ୍ରା ଆକ୍ରମଣର ମାଷ୍ଟରମାଇଣ୍ଡ। ତେବେ ସ୍ଥାନୀୟ ମହିଳାମାନଙ୍କ ନେତୃତ୍ୱରେ ୧,୨୦୦ରୁ ୧,୫୦୦ ଉତ୍ତ୍ୟକ୍ତ ଲୋକେ ସାରା ଦିନ ଘେରାଉ କରିବାରୁ ସେନା ୧୨ ଉଗ୍ରପନ୍ଥୀଙ୍କୁ ମୁକ୍ତ କରିବାକୁ ବାଧ୍ୟ ହୋଇଥିଲା। ସେନାକୁ ତା'ର କାମ କରିବାକୁ ଦିଆଯାଉ ବୋଲି ବାରମ୍ବାର ନିବେଦନ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଶୁଣି ନ ଥିଲେ। ସାଧାରଣ ନାଗରିକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନ ହେବା ପାଇଁ ଉଗ୍ରପନ୍ଥୀମାନଙ୍କୁ ଛାଡ଼ିଦେବାକୁ ନିଷ୍ପତ୍ତି ନେଲୁ ବୋଲି ସେନା କହିଛି। ମହିଳାମାନଙ୍କ ନେତୃତ୍ୱରେ ଏତେ ସଂଖ୍ୟାରେ ଉତ୍ତ୍ୟକ୍ତ ଲୋକଙ୍କ ଉପରେ ବଳପ୍ରୟୋଗ କରାଯାଇଥିଲେ ସାଧାରଣ ଲୋକ ମୃତାହତ ହେବାର ଆଶଙ୍କା ଥିଲା। ତେଣୁ ସ୍ଥିତିର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସମସ୍ତ ୧୨ ଜଣ କ୍ୟାଡରଙ୍କୁ ସ୍ଥାନୀୟ ନେତାଙ୍କୁ ହସ୍ତାନ୍ତର କରାଗଲା। ପରିସ୍ଥିତିକୁ ଚାହିଁ ପରିପକ୍ୱ ନିଷ୍ପତ୍ତି ନେବା ପାଇଁ ଅଭିଯାନର ନେତୃତ୍ୱ ନେଉଥିବା କମାଣ୍ଡରଙ୍କୁ ସେନା ପକ୍ଷରୁ ସୁପାରିସ କରାଯାଇଥିଲା।

ଉଗ୍ରପନ୍ଥୀମାନେ ମ୍ୟାନ୍‌ମାରରୁ ମଣିପୁରରେ ଅନୁପ୍ରବେଶ କରିଥିଲେ ବୋଲି ସେନା କହିଛି। ସେଠାକୁ ଅଧିକ ସୁରକ୍ଷା ବଳ ଯାଇଥିଲେ ମଧ୍ୟ ସେମାନଙ୍କୁ ଆଗକୁ ବଢ଼ିବାକୁ ଦିଆଯାଇ ନ ଥିଲା। ସ୍ଥାନୀୟ ଲୋକେ ବ୍ରିଜ୍‌ରୁ ପଟା ଖୋଲିଦେଇଥିଲେ।

# ମସ୍‌ଜିଦରେ ପଶି 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରୁଛନ୍ତି ଯବାନ: ମେହବୁବା

**ଶ୍ରୀନଗର, ୨୫।୬**

ଭାରତୀୟ ସେନାର କେତେଜଣ ଯବାନ ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲାରେ ଥିବା ଏକ ମସ୍‌ଜିଦରେ ଶନିବାର ପ୍ରବେଶ କରି ସେଠାକୁ ଆସୁଥିବା ମୁସଲମାନମାନଙ୍କୁ 'ଜୟ ଶ୍ରୀରାମ' ସ୍ଲୋଗାନ ଦେବା ଲାଗି ବାଧ୍ୟ କରିଥିଲେ। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏଭଳି ଅଭିଯୋଗ କରିଛନ୍ତି। ଘଟଣାର ତୁରନ୍ତ ତଦନ୍ତ ଲାଗି ସେ ଶ୍ରୀନଗରସ୍ଥିତ ସେନାର ୧୫ କର୍ପସ୍ ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ଅନୁରୋଧ କରିଛନ୍ତି। ଯବାନମାନେ ମସ୍‌ଜିଦରେ ପ୍ରବେଶ କରିବା ଦୁଃଖଦ ଘଟଣା ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି। ଯବାନମାନେ ମୁସଲମାନଙ୍କୁ ଜୟ ଶ୍ରୀରାମ ସ୍ଲୋଗାନ ଦେବା ପାଇଁ ବାଧ୍ୟ କରିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

# ଷ୍ଟେଶନରେ ବିଦ୍ୟୁତ୍ ଝଟ୍‌କା: ମହିଳାଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୫।୬**

ଦିଲ୍ଲୀରେ ଗତ ରାତିରୁ ବର୍ଷା ଲାଗିରହିଥିବାବେଳେ ପାଣିଭର୍ତ୍ତି ରେଳଷ୍ଟେଶନରେ ବିଦ୍ୟୁତ୍ ଝଟ୍‌କାରେ ଜଣେ ମହିଳା ପ୍ରାଣ ହରାଇଛନ୍ତି। ପୂର୍ବ ଦିଲ୍ଲୀ ପ୍ରୀତ୍ ବିହାର ଅଞ୍ଚଳର ସାକ୍ଷୀ ଆହୁଜା ଅନ୍ୟ ଦୁଇ ମହିଳା ଓ ୩ ପିଲାଙ୍କ ସହ ରବିବାର ସକାଳ ୫ଟା ୩୦ରେ ରେଳଷ୍ଟେଶନରେ ପହଞ୍ଚିଥିଲେ। ସାକ୍ଷୀ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧରିପକାଇବାରୁ ଜୋର୍‌ରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେଠାରେ ଉପସ୍ଥିତ ଲୋକେ ସାକ୍ଷୀଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନୂଆଦିଲ୍ଲୀ ରେଳଷ୍ଟେଶନ ପ୍ରସ୍ଥାନ ଗେଟ୍ ନଂ-୧ରେ ଏହି ଘଟଣା ଘଟିଛି।

# ୟୁସିସି ବିରୋଧରେ ଆନ୍ଦୋଳନ କରିବେ ଝାଡ଼ଖଣ୍ଡ ଆଦିବାସୀ

**ରାଞ୍ଚି, ୨୫।୬(ପି.ଟି.)**

ଦେଶର ଆଦିବାସୀମାନଙ୍କ ପରିଚୟ ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ଥିବା ଏକକ ଦେୱାନି ସଂହିତା (ୟୁସିସି) ଚିନ୍ତାଧାରାକୁ ପ୍ରତ୍ୟାହାର କରିନେବା ଲାଗି ଆଇନ କମିଶନଙ୍କୁ ନିବେଦନ କରିବେ ଝାଡ଼ଖଣ୍ଡର ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ସଂଗଠନ। ୟୁସିସି ଉପରେ ଆଇନ କମିଶନ ସାନି ଆଲୋଚନା ଚଳାଇଥିବାବେଳେ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବାକୁ ମିଳିତ ଆଦିବାସୀ ସଂଗଠନ ନିଷ୍ପତ୍ତି ନେଇଛି। ରବିବାର ରାଞ୍ଚିରେ ଅନୁଷ୍ଠିତ ସମାବେଶରେ ଏହି ନିଷ୍ପତ୍ତି ନିଆଯାଇଛି। ଆଦିବାସୀ ସମନ୍ୱୟ ସମିତି (ଏଏସ୍‌ଏସ୍) ବ୍ୟାନରରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ସଂଗଠନର ପ୍ରତିନିଧି ଏକାଠି ହୋଇ ୟୁସିସି ଉପରେ ଆଲୋଚନା କରିଥିଲେ। ୟୁସିସି ଲାଗୁହେଲେ ବିଭିନ୍ନ ଆଦିବାସୀ ପ୍ରଥାଗତ ଆଇନ ଓ ଅଧିକାର ଦୁର୍ବଳ ହୋଇଯିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

୨୨ତମ ଆଇନ କମିଶନ ଗତ ୧୪ ତାରିଖରେ ଜନସାଧାରଣ ଏବଂ ଧର୍ମୀୟ ସଂଗଠନ ସମେତ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କଠାରୁ ସାନି ପ୍ରସ୍ତାବ ଓ ମତାମତ ମାଗିଥିଲା। ଏହି ଚିନ୍ତାଧାରାକୁ ପ୍ରତ୍ୟାହାର କରିନେବା ଲାଗି ଆମେ ଆଇନ କମିଶନଙ୍କୁ ଅନୁରୋଧ କରି ପତ୍ର ଲେଖିବୁ ବୋଲି ଏଏସ୍‌ଏସ୍ ସଦସ୍ୟ ଦେବକୁମାର ଧନ କହିଛନ୍ତି। ଜୁଲାଇ ୫ରେ ଝାଡ଼ଖଣ୍ଡ ରାଜଭବନ ନିକଟରେ ସେମାନେ ୟୁସିସି ବିରୋଧରେ ଆନ୍ଦୋଳନ କରିବେ ଓ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବେ। ଆଦିବାସୀ ପ୍ରଥାଗତ ଆଇନକୁ ଉଚ୍ଛେଦ କରିବା ପାଇଁ କେନ୍ଦ୍ର ସରକାରଙ୍କର ଏହା ଏକ ଷଡ଼ଯନ୍ତ୍ର ଭଳି ଲାଗୁଥିବା ଦେବକୁମାର କହିଛନ୍ତି। ଯଦି ସେମାନଙ୍କ ଦାବିକୁ ବିଚାରକୁ ନିଆ ନ ଯାଏ, ତେବେ ସାରା ଦେଶର ଆଦିବାସୀ ନୂଆଦିଲ୍ଲୀରେ ବିକ୍ଷୋଭ କରିବେ ବୋଲି କହିଛନ୍ତି। ୟୁସିସି ଲାଗୁ ହେଲେ ଆଦିବାସୀମାନଙ୍କ ଜମିକୁ ସୁରକ୍ଷା ଦେଉଥିବା ଛୋଟନାଗପୁର ଟେନାନ୍ସି ଆକ୍ଟ ଏବଂ ସାନ୍ତାଳ ପ୍ରଗଣା ଟେନାନ୍ସି ଆକ୍ଟ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଆଦିବାସୀ ଜନପରିଷଦ ଅଧ୍ୟକ୍ଷ ପ୍ରେମ ସାହି ମୁଣ୍ଡା କହିଛନ୍ତି।

# ପାକିସ୍ତାନକୁ ସହାୟତା ଦେଉଛି ଚାଇନା

**ଏଲ୍‌ଓସିରେ ପ୍ରତିରକ୍ଷା ଭିତ୍ତିଭୂମି ନିର୍ମାଣ**

**ନୂଆଦିଲ୍ଲୀ, ୨୫।୬**





ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ପ୍ରତିରକ୍ଷା ଭିତ୍ତିଭୂମି ନିର୍ମାଣ ଲାଗି ପାକିସ୍ତାନକୁ ଚାଇନା ସହାୟତା ଯୋଗାଇ ଦେଇଆସୁଛି। ସୀମାରେ ଯୋଗାଯୋଗ ଟାୱାର ନିର୍ମାଣ, ଭୂତଳ କେବୁଲ ବିଛାଇବାରେ ଚାଇନା ସହାୟତା କରିବା ସହ ଡ୍ରୋନ୍ ଏବଂ ଲଢୁଆ ବିମାନ ଯୋଗାଇ ଦେଉଥିବା ଜଣେ ଅଧିକାରୀ କହିଛନ୍ତି। ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ରାସ୍ତା ଏବଂ ହାଇଡେଲ୍ ପ୍ରୋଜେକ୍ଟ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଚାଲିଥିବାବେଳେ ଏହାକୁ ସୁରକ୍ଷା ଯୋଗାଇଦେବା ନାଁରେ ଚାଇନା ଏଲ୍‌ଓସିରେ ଇସ୍‌ଲାମାବାଦକୁ ପ୍ରତିରକ୍ଷା ଭିତ୍ତିଭୂମି ନିର୍ମାଣରେ ସହାୟତା କରିଆସୁଥିବା ସେ କହିଛନ୍ତି। ନିକଟରେ ଏଲ୍‌ଓସିର କେତେକ ସ୍ଥାନରେ ଟ୍ରକ୍‌ରେ ଲଦାହୋଇଥିବା ଏସ୍‌ଏଚ୍-୧୫ ତୋପ ଦେଖିବାକୁ ମିଳିଥିଲା। ଗତବର୍ଷ ପାକିସ୍ତାନ ଦିବସ ଅବସରରେ ଉକ୍ତ ତୋପ ପ୍ରଦର୍ଶନ କରାଯାଇଥିଲା। ୨୩୬ଟି ଏସ୍‌ଏଚ୍୧୫ ତୋପ ଯୋଗାଇଦେବା ଲାଗି ପାକିସ୍ତାନ ଚାଇନାର ନର୍ଥ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ କର୍ପୋରେଶନ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହି ତୋପର ପ୍ରଥମ ବ୍ୟାଚ୍ ଗତବର୍ଷ ଜାନୁୟାରୀରେ ପାକିସ୍ତାନକୁ ମିଳିଥିଲା। ବେଜିଂର ୪୬ ବିଲିୟନ ଡଲାର ସିପିଇସି ପ୍ରକଳ୍ପ ଅଧୀନରେ କରାଚିର ଗ୍ୱାଦର ପୋର୍ଟକୁ ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶ ସହ କାରାକୋରମ ହାଇୱେ ଜରିଆରେ ସଂଯୋଗ କରାଯିବ, ଯାହାକୁ ଚାଇନା ବେଆଇନ ଭାବେ ଅକ୍ତିଆର କରି ରଖିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ଚାଇନା ସୈନ୍ୟ ପାକିସ୍ତାନରେ ରହିଛନ୍ତି। ଏହା ବ୍ୟତୀତ ପିଓକେର ଲିପା ଭ୍ୟାଲିରେ ଚାଇନା ବିଶେଷଜ୍ଞମାନେ କେତେକ ସୁଡ଼ଙ୍ଗ ନିର୍ମାଣ କରୁଛନ୍ତି।



ଦର୍ପଦଳନ ରଥକୁ ନାକଚଣା ଦ୍ୱାର ସମ୍ମୁଖକୁ ଟାଣି ନିଆଯାଉଛି।

# ନାକଚଣା ଦ୍ୱାର ସମ୍ମୁଖରେ ଦର୍ପଦଳନ, ତାଳଧ୍ୱଜ

ପୁରୀ, ୨୫।୬(ଅଜିତ୍ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ରଥାରୂଢ଼ ହୋଇ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଛନ୍ତି। ରଥଯାତ୍ରାର ପଞ୍ଚମ ଦିନ ଶନିବାର ହେରାପଞ୍ଚମୀରେ ଅଭିମାନିନୀ ମା’ ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିର ଆସି ନନ୍ଦିଘୋଷ ରଥ ଭାଙ୍ଗି ଶ୍ରୀମନ୍ଦିରକୁ ଫେରିଯାଇଥିଲେ। ଘୋଷଯାତ୍ରାର ଷଷ୍ଠ ଦିବସରେ ରବିବାର ବାହୁଡ଼ା ଯାତ୍ରାର ଆଦ୍ୟ ପର୍ବ ଆରମ୍ଭ ହୋଇଛି। ବାହୁଡ଼ା ଯାତ୍ରା ପାଇଁ ରଥକୁ ଦକ୍ଷିଣମୋଡ଼ କରାଯାଇଛି। ଅପରାହ୍ନ

## ନୀତି ବିଳମ୍ବ, ନନ୍ଦିଘୋଷ ରଥର ଦକ୍ଷିଣମୋଡ଼ ହୋଇପାରିଲାନି

୧ଟା ୨୦ରେ ସକାଳ ଧୂପ ସରିଥିଲା। ପରେ ରଥକୁ ଆଜ୍ଞାମାଳ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟା ୧୫ରେ ଘଣ୍ଟ, ଓଲାର, କାହାଳୀ (ଛତି) ସହ ତିନିଜଣ ପୂଜାପଣ୍ଡା ସାମନ୍ତ ତିନିବାଡ଼ରୁ ୩ଟି ଆଜ୍ଞାମାଳ ପଟୁଆରରେ ଆଣିଥିଲେ। ପରମ୍ପରା ଅନୁସାରେ ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ରଥ ଦକ୍ଷିଣ ମୋଡ଼ କରାଯିବା ପାଇଁ ବିଜେ କାହାଳୀ, ଘଣ୍ଟ ବାଜିଥିଲା। ଏହାପରେ ରଥକୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରୁ ନାକଚଣା ନିକଟକୁ ଟାଣି ଟାଣି ନିଆଯାଇଛି। ପରମ୍ପରା ଅନୁସାରେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ପରେ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ପହଞ୍ଚିଛି। ରାତି ହୋଇଯିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ନାକଚଣା ଦ୍ୱାର ସମ୍ମୁଖକୁ ଅଣାଯାଇପାରିନାହିଁ। ସୋମବାର ଏହି ରଥକୁ ଦକ୍ଷିଣ ମୋଡ଼ କରାଯିବ। ବର୍ଷାରେ ଭିଜି ଭିଜି ସୁରକ୍ଷାକର୍ମୀମାନେ ରଥକୁ ଦକ୍ଷିଣ ମୋଡ଼ କରିଛନ୍ତି। ଏହି ସମୟରେ ଅନେକ ଭକ୍ତ ରଥ ଟାଣିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଥିଲା। ତେବେ ଶନିବାର ଭଳି ରବିବାର ମଧ୍ୟ ନୀତିରେ ବିଳମ୍ବ ଘଟିଥିଲା। ମହାପ୍ରଭୁଙ୍କ ସକାଳ ଧୂପ ବିଳମ୍ବ ହେବାରୁ ରଥକୁ ଆଜ୍ଞାମାଳ ଆସିବା ଓ ରଥଟଣା ବିଳମ୍ବ ହୋଇଥିଲା। ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ହୋଇପାରି ନ ଥିଲା।

# ଆଜି ସରୁଛି ଯୁକ୍ତ୨ ନାମଲେଖା ଆବେଦନ

ଭୁବନେଶ୍ୱର, ୨୫।୬(ଅନୁରାଧା ମହାରଣା)

ରାଜ୍ୟର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଜୁନିୟର କଲେଜଗୁଡ଼ିକରେ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ସୋମବାର ଶେଷ ହେଉଛି। ସାମସ୍ ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ, ରାତି ୯ଟା ସୁଦ୍ଧା ୪,୯୪,୩୪୫ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବାବେଳେ ୪,୬୦,୩୪୧ଜଣ ଆବେଦନ କରିଛନ୍ତି। ସେହିପରି ୪,୫୫,୫୯୭ଜଣ ଅନ୍‌ଲାଇନରେ ଦେୟ ପୈଠ କରିଛନ୍ତି। ତେବେ ପୂର୍ବରୁ ଜୁନ୍ ୨୦ ତାରିଖ ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ଏହି ଅବଧିକୁ ୨୬ ତାରିଖ ଯାଏ ବୃଦ୍ଧି କରାଯାଇଥିଲା।




# ଦୁର୍ଘଟଣାରେ ସରପଞ୍ଚଙ୍କ ମୃତ୍ୟୁ, ୪ ଗୁରୁତର

ଆଳି, ୨୫।୬ (ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଭୂଇଁପୁର ଛକ ନିକଟରେ ଠିଆ ଏକ ଟ୍ରକକୁ କାର ପଛପଟୁ ରବିବାର ସକାଳେ ଧକ୍କା ଦେଇଛି। ପୁରୀ ସ୍ୱର୍ଗଦ୍ୱାରରେ ସମ୍ପର୍କୀୟଙ୍କ ମୃତଦେହ ସଂସ୍କାର କରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାସ୍ଥଳରେ ଥିବା ଦୋକାନୀମାନେ ଆଳି ଦମକଳ କେନ୍ଦ୍ର ସହାୟତାରେ କାର ମଧ୍ୟରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୫ ଜଣଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଗ୍ନିଶମ ଗାଡିରେ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ଆହତମାନଙ୍କ ମଧ୍ୟରେ ଥିବା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ସରପଞ୍ଚ ପ୍ରଦୀପ ଦାସଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକର ଅଶ୍ୱିନୀ ହସ୍ପିଟାଲରେ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ରାଜକନିକା ଥାନା ଅନ୍ତର୍ଗତ କୋଇଲିପୁର ଗ୍ରାମର ନିରାକାର ବେହେରାଙ୍କ ପତ୍ନୀ ଜୟନ୍ତୀଙ୍କର ଶନିବାର ପରଲୋକ ହୋଇଥିଲା। ପରିବାର ଲୋକେ ମୃତଦେହ ପୁରୀ ସ୍ୱର୍ଗଦ୍ୱାର ନେଇ ଦାହକାର୍ଯ୍ୟ ସାରି ରାତିରେ ନଂ.ଓଡି ୦୨ଏ ୮୧୯୨ କାରରେ ଘରକୁ ଫେରୁଥିଲେ। ଉକ୍ତ କାର୍‌ରେ ମୃତାଙ୍କ ସ୍ୱାମୀ ନିରାକାର, ପୁଅ ଜ୍ୟୋତିପ୍ରକାଶ, ଜୟନଗର



ପ୍ରଦୀପ ଦାସ

ସରପଞ୍ଚ ପ୍ରଦୀପ ଦାସ, କହଲା ଗ୍ରାମର କାର୍ତ୍ତିକ ସାହୁ ଓ ଡ୍ରାଇଭର ରାଜେଶ ଲେଙ୍କା ପୁରୀରୁ ନିଜ ଗ୍ରାମ ଅଭିମୁଖେ ଆସୁଥିଲେ। ଭୋର ପ୍ରାୟ ୫ଟାରେ କାର୍‌ଟି ଆଳି ଭୂଇଁପୁର ଛକ ନିକଟରେ ଦ୍ରୁତଗତିରେ ଯାଇ ପ୍ରଥମେ ରୋହିତ ମଲିକ ନାମକ ଜଣେ ଯୁବକଙ୍କ ଡାହାଣ ହାତରେ ପିଟିବା ପରେ ଆକ୍ସିସ୍ ବ୍ୟାଙ୍କ ସମ୍ମୁଖରେ ଥୁଆ ହୋଇଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ କାର ଭିତରେ ଥିବା ଲୋକମାନେ ଚିତ୍କାର କରିଥିଲେ। କାର ଧକ୍କା ହେବା ଦେଖି ରୋହିତ ମଲିକ, ଚିରଞ୍ଜୀବୀ ଦାସଙ୍କ ସମେତ ଅନ୍ୟମାନେ ଛକରେ ରୁଣ୍ଡ ହୋଇ ଗାଡ଼ି ମଧ୍ୟରୁ ଆହତମାନଙ୍କୁ ବାହାରକୁ ଆଣିଥିଲେ। ଏହାକୁ ନେଇ ଆଳି ଓ ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଁ ବାହାରେ ଘର**
**ଚୋର ନିଆଁକୁ ଡର ।**

ସାଇପଡ଼ିଶା ପାଖ ଛାଡି ଗାଁ ମୁଣ୍ଡର ଏକୁଟିଆ ସ୍ଥାନରେ ଘରକରି ରହିଲେ ନାନା ଆଶଙ୍କା ମନକୁ ସର୍ବଦା ଆନ୍ଦୋଳିତ କରିଥାଏ । ନିଛାଟିଆ ସ୍ଥାନରେ ରହିଥିବା ହେତୁ ମନ ମଧ୍ୟରେ ଚୋରି ହେବାର ଭୟ ରହିଥାଏ । ସେହିପରି ଅଘଟଣବଶତଃ ନିଆଁ ଲାଗିଗଲେ ନିଆଁକୁ ଆୟତ୍ତ କରିବା ପାଇଁ ସାଇପଡ଼ିଶାଙ୍କ ସାହାଯ୍ୟ ମିଳିବା ଦୁରୁହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଗଇଁଠା ଖଣ୍ଡକ ଅଇଁଠା କଲି**
**କଥା କିଏ ମିଶାଇଲା**
**ଗଲା ଦିନ କଥା, ଲେଉଟି ଆସେ କି**
**ଯେତେ ଆଶା କଲେ ଭଲା ?**

ଯାହା ବିତିଯାଇଛି ତାହା କସ୍ମିନ କାଳେ ଆଉ ଫେରି ଆସି ନ ଥାଏ । ଅତୀତ ସବୁବେଳେ ଅଫେରା । ଏଥିକୁ ଆଶା କଲେ ନିରାଶା ଭୋଗିବା ହିଁ ସାର ହୋଇଥାଏ । ତେଣୁ ପଛକଥା ଚିନ୍ତା କରି ଅଯଥା ସମୟ ନଷ୍ଟ କରିବାରେ କିଛି ଲାଭ ମିଳି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଲାଞ୍ଜିଗଡ଼ରେ ବାଘ ଆତଙ୍କ

## ୫ ଛେଳି ମାରି ଖାଇଲା, ଲୋକେ ଆତଙ୍କିତ

**ଲାଞ୍ଜିଗଡ଼,୨୫।୬**
**(ରମେଶ ଚନ୍ଦ୍ର ନାୟକ)**

ନୂଆପଡ଼ା ଜିଲା ପରେ ଏବେ କଳାହାଣ୍ଡି ଜିଲାରେ ମଧ୍ୟ ବାଘ ଆତଙ୍କ ଦେଖିବାକୁ ମିଳିଛି । ଜିଲାର ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଲାଞ୍ଜିଗଡ ରୋଡ଼ଠାରେ ଶନିବାର ରାତିରେ ବାଘ ୫ଟି ଛେଳି ମାରି ଖାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଲାଞ୍ଜିଗଡ ରୋଡ଼ର ଅମ୍ବିକା ଭୋଇଙ୍କ କିଛି ଦିନ ହେଲା ଛେଳି ଗୁହାଳ ଭାଙ୍ଗି ଯାଇଥିବାରୁ ଗାଁର ଅନ୍ୟ ଜଣଙ୍କ ଗୁହାଳରେ ରଖିଥିଲେ । ରାତିରେ ବାଘ ଗୁହାଳ ଭିତରେ ପଶି ୫ଟି ଛେଳି ମାରି ଖାଇଛି । ସେହିପରି ୪ଟି ଛେଳି ମାରି ଗୁହାଳ ବାହାରେ ଫିଙ୍ଗି ଦେଇଥିବା ବେଳେ ଗୋଟିଏ କିଛି ଦୂରରେ ପଡ଼ିଥିବା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ସିକେରକୁପା ବନ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ । ବାଘ ଆକ୍ରମଣରେ ଛେଳି ମୃତ୍ୟୁ ହୋଇଛି ବୋଲି ବନ ବିଭାଗ ସ୍ପଷ୍ଟ କରିଛି । ପ୍ରାଣୀ ବିଭାଗ ପକ୍ଷରୁ ଭିଏସ ପହଞ୍ଚି ମଲା ଛେଳିର ବ୍ୟବଚ୍ଛେଦ କରିଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ମଧ୍ୟ ତଦନ୍ତ କରାଯାଉଛି । ଗ୍ରାମର ଜଣେ ଗରିବ ବୃଦ୍ଧା ମହିଳା ଛେଳି ଚାଷ କରି ନିଜ ପେଟ ପୋଷୁଥିବା ବେଳେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝିଙ୍କୁ ପଚାରିବାରୁ ମୁଁ ଘଟଣାସ୍ଥଳକୁ ଯାଇନାହିଁ । ଆମ ବନ ବିଭାଗ କର୍ମଚାରୀ ଯାଇ ତଦନ୍ତ କରିଛନ୍ତି । ବାଘ ଛେଳିକୁ ମାରିଥିବା ସେମାନେ ପ୍ରକାଶ କରିଛନ୍ତି । କିନ୍ତୁ ଛୋଟ କି ବଡ଼ ବାଘ କିମ୍ବା ଗଧିଆ ବାଘ ଛେଳିକୁ ମାରିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି କହିଥିଲେ । ବାଘ ଆତଙ୍କ ଅଞ୍ଚଳରେ ପ୍ରଥମ ହୋଇଥିବାରୁ ଲୋକଙ୍କ ମଧ୍ୟରେ କୋକୁଆଭୟ ଦେଖିବାକୁ ମିଳିଛି ।


ବାଘ ମାରି ଖାଇଥିବା ଛେଳି ।

# ପରୀକ୍ଷାର୍ଥୀଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯାଉଛି : ବୋର୍ଡ

**କଟକ,୨୫।୬(ସୁପ୍ରିୟା ପ୍ରିୟଦର୍ଶିନୀ)**

ଆସନ୍ତା ଜୁଲାଇ ୧ରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ଅନୁଷ୍ଠିତ ହେବ । ଉକ୍ତ ଦିନ ପରୀକ୍ଷାର୍ଥୀମାନେ ଦୁଇଟି ପେପର ପରୀକ୍ଷା ଦେଇପାରିବେ । କେତେଜଣ ପରୀକ୍ଷାର୍ଥୀ ପେପର-୧ ଗୋଟିଏ ସ୍ଥାନରେ ଏବଂ ପେପର-୨ ଆଉ ଏକ ସ୍ଥାନରେ ଦେବା ପାଇଁ ସ୍ଥିର ହୋଇଛି । ଗୋଟିଏ ଦିନରେ ଦୁଇଟି ଭିନ୍ନ ସ୍ଥାନରେ କିପରି ପରୀକ୍ଷା ଦେବେ, ତାହାକୁ ନେଇ ପରୀକ୍ଷାର୍ଥୀମାନେ ଚିନ୍ତାରେ ପଡିଛନ୍ତି । ଏ ସମ୍ପର୍କରେ କେତେଜଣ ପରୀକ୍ଷାର୍ଥୀ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଫଳରେ ବୋର୍ଡ ପକ୍ଷରୁ ରବିବାର ଏ ନେଇ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୁହାଯାଇଛି, ଯଦି କୌଣସି ପରୀକ୍ଷାର୍ଥୀ ପେପର-୧ ଏବଂ ପେପର-୨ ପରୀକ୍ଷା ଦେବାକୁ ଚାହୁଁଛନ୍ତି, ତା'ହେଲେ ସେମାନେ ପ୍ରଥମ ପେପର ପରୀକ୍ଷା ପାଇଁ ଫର୍ମପୂରଣବେଳେ ଯେଉଁ ପଞ୍ଜୀକରଣ ନମ୍ବର ଦାଖଲ କରିଥିବେ ଦ୍ୱିତୀୟ ପେପର ଫର୍ମ ପୂରଣବେଳେ ସେହି ପଞ୍ଜୀକରଣ ନମ୍ବର ଦାଖଲ କରିବାକୁ ପଡିବ । ଏହାଦ୍ୱାରା ଜଣାପଡିବ ଯେ ଜଣେ ପରୀକ୍ଷାର୍ଥୀ ଦୁଇଟି ପେପର ପରୀକ୍ଷା ଦେବାକୁ ଚାହୁଁଛନ୍ତି । ଫଳରେ ତାଙ୍କ ପାଇଁ ଗୋଟିଏ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ କରାଯିବ । ଏହି ନିର୍ଦ୍ଦେଶାବଳୀ ଅନୁସାରେ ଉଭୟ ପେପର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ପାଖାପାଖି ୩୧,୦୦୦ ପରୀକ୍ଷାର୍ଥୀଙ୍କ ନିମନ୍ତେ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି । ହେଲେ ଯେଉଁ ପରୀକ୍ଷାର୍ଥୀମାନେ ଏହି ନିର୍ଦ୍ଦେଶାବଳୀକୁ ଅନୁକରଣ କରିନାହାନ୍ତି ଅର୍ଥାତ୍ ପ୍ରଥମ ପେପର ପରୀକ୍ଷା ପାଇଁ ପଞ୍ଜୀକରଣ ନମ୍ବର ଗୋଟିଏ ଏବଂ ଦ୍ୱିତୀୟ ପେପର ପରୀକ୍ଷା ନିମନ୍ତେ ଆଉ ଗୋଟିଏ ପଞ୍ଜୀକରଣ ନମ୍ବର ଦେଇଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ଅସୁବିଧା ପରିଲକ୍ଷିତ ହୋଇଛି । ତେଣୁ ସେମାନଙ୍କୁ ସହାୟତା କରିବା ପାଇଁ ବୋର୍ଡ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଅଦ୍ୟାବଧି ୨୬୦ ଜଣ ପରୀକ୍ଷାର୍ଥୀ ଯୋଗାଯୋଗ କରିଛନ୍ତି ଏବଂ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ବୋର୍ଡ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଯେଉଁମାନଙ୍କର ଅସୁବିଧା ଦୂର କରାଯାଇ ପାରିବ, ସେମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

**୨ ସ୍ଥାନରେ ଓଟିଇଟି ଦେବା ପ୍ରସଙ୍ଗ**

# କଳାହାଣ୍ଡିରେ ଛତିଶଗଡ଼ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ


ଜବତ ବନ୍ଧୁକ, ଜୀବଜନ୍ତୁଙ୍କ ଅଙ୍ଗ

## ଜଣେ ଶିକାରୀ ଗିରଫ, ୬ ଦେଶୀ ବନ୍ଧୁକ, ଜୀବଜନ୍ତୁଙ୍କ ଅଙ୍ଗ ଜବତ

**ଭବାନୀପାଟଣା/କୋକସରା,୨୫।୬**
**(ଉତ୍ତମ କୁମାର ଦାଶ/ ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡିରେ ପୁଣି ଛତିଶଗଡ଼ ଏସଟିଏଫ୍ ଟିମ୍ ଚଢ଼ାଉ କରିଛି । ଚଢ଼ାଉ ପରେ ୬ ଦେଶୀ ବନ୍ଧୁକ, ଧନୁତୀର ସହିତ ଅନେକ ଜୀବଜନ୍ତୁଙ୍କ ଅଙ୍ଗ ଜବତ କରାଯାଇଛି । ଏହି ଘଟଣାରେ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି । ଗିରଫ ଶିକାରୀ ହେଲେ ଖଲିଗଡ଼ର ଦୈତାରୀ ଚଲାନ । ପ୍ରକାଶ ଯେ, ଜିଲାର ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ଅଧୀନ ଖଲିଗଡ଼ରେ ବେଆଇନ ବନ୍ଧୁକ ତିଆରି କରି ଛତିଶଗଡ଼ର ଶିକାରୀମାନଙ୍କୁ ଚାଲାଣ ହେଉ ଥିବା ସୂଚନା ଛତିଶଗଡ ଏସ୍‌ଟିଏଫକୁ ମିଳିଥିଲା । ଏହାକୁ ନେଇ କଳାହାଣ୍ଡି ବନ ବିଭାଗ ଓ ଛତିଶଗଡ଼ ଏସ୍‌ଟିଏଫ ଖଲିଗଡ଼ ଗାଁରେ ଚଢ଼ାଉ କରିଥିଲେ । ଏହି ସମୟରେ ଗାଁର ଅନେକ ଲୋକଙ୍କ ଘରୁ ଧନୁତୀର ଓ ଜଙ୍ଗଲୀ ଜୀବଜନ୍ତୁଙ୍କ ବିଭିନ୍ନ ଅଙ୍ଗ, ୬ଟି ଦେଶୀ ବନ୍ଧୁକ ଜବତ ସହିତ ଦୈତାରୀଙ୍କୁ ଗିରଫ କରାଯାଇଛି । ସେହିପରି ଏହି ଘଟଣାରେ ସାମିଲ ଥିବା ଆଉ କେତେଜଣ ଏବେ ମଧ୍ୟ ଫେରାର ଅଛନ୍ତି । ଜବତ ହୋଇଥିବା ଜୀବଜନ୍ତୁଙ୍କ ଅଙ୍ଗ ମଧ୍ୟରେ ହରିଣ ଖପୁରି, ବାର୍‌ହା ଅଙ୍ଗ, କଇଁଛ ଖୋଳ ଆଦି ରହିଛି । ଏହା ପୂର୍ବରୁ ଛତିଶଗଡ଼ ଏସଟିଏଫ୍ ଜୟପାଟଣା ରେଞ୍ଜ ମଙ୍ଗଳପୁର ଗାଁରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହିତ ବନ୍ଧୁକ ତିଆରି ସାମଗ୍ରୀ ଜବତ କରିଥିଲା । ଏହି ଗାଁ ସହିତ ଖଲିଗଡ଼ର ସମ୍ପର୍କ ଥିବା ସୂଚନା ପାଇ ଏସଟିଏଫ ଖଲିଗଡ଼ରେ ଚଢ଼ାଉ କରିଥିଲା ।


ଭୁବନେଶ୍ୱରର ପୂର୍ବତନ ପୌରାଧ୍ୟକ୍ଷ ତଥା ଡାକ୍ତର ସ୍ୱର୍ଗତ ଜଗନ୍ନାଥ ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ରବିବାର ଶହୀଦନଗର ଦୁର୍ଗାପୂଜା ମଣ୍ଡପ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

# ବିକାଶ ପାଇଁ ନିଶାଦ୍ରବ୍ୟ କାରବାରରେ ଲଗାମ ଅପରିହାର୍ଯ୍ୟ

ନିଶାଦ୍ରବ୍ୟ ସମାଜକୁ ପଙ୍ଗୁ କରିଦିଏ । ସମାଜ, ଦେଶ ତଥା ସମଗ୍ର ପୃଥିବୀର ବିକାଶ ପାଇଁ ନିଶାଦ୍ରବ୍ୟ କାରବାରରେ ଲଗାମ ଅପରିହାର୍ଯ୍ୟ । ଏଥିରୁ ଦୂରେଇ ରହିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୨୬ରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ ପାଳିତ ହୋଇଥାଏ ।

ଏହି ଅନ୍ତର୍ଜାତୀୟ ଦିବସ ମିଳିତ ଜାତିସଂଘ ପକ୍ଷରୁ ୧୯୮୯ ମସିହାଠାରୁ ପ୍ରତିବର୍ଷ ୨୬ ଜୁନ୍‌ରେ ପାଳନ କରାଯାଉଛି । ଚାଇନାର ପ୍ରଥମ ଅଫିମ ଯୁଦ୍ଧ ପୂର୍ବରୁ ୨୫ ଜୁନ୍ ୧୮୩୯ରେ ଲିନ ଜେକ୍ସୁଙ୍କ ଦ୍ୱାରା ବନ୍ଦ ହୋଇଥିବା ଗୁଆଙ୍ଗଡୋଙ୍ଗର ହୁମେନର ଅଫିମ ବାଣିଜ୍ୟକୁ ସ୍ମରଣ କରିବା ପାଇଁ ଜୁନ୍ ୨୬ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ୭ ଡିସେମ୍ବର ୧୯୮୭ରେ ଜାତିସଂଘର ସାଧାରଣ ସଭା ରିଜୋଲ୍ୟୁଶନ ୪୨/୧୧୨ ଦ୍ୱାରା ଏହି ଦିବସ ପାଳନ ପାଇଁ ସ୍ୱୀକୃତି ମିଳିଥିଲା । ୨୬ ଜୁନ୍ ୧୯୮୭ରେ ଭିଏନାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ 'ଡ୍ରଗ ଅପବ୍ୟବହାର ନିୟନ୍ତ୍ରଣ ଏବଂ ଡ୍ରଗ୍ ଅପବ୍ୟବହାର ଓ ବେଆଇନ କାରବାର' ଉପରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀର ଘୋଷଣାନାମାରେ ଡ୍ରଗ୍ ଅପବ୍ୟବହାର ଏବଂ ବେଆଇନ କାରବାର ବିରୋଧରେ ସଂଗ୍ରାମର ମହତ୍ତ୍ୱକୁ ଚିହ୍ନିତ କରିବା ପାଇଁ ବାର୍ଷିକ ଦିବସ ପାଳନ କରାଯିବା ଉଚିତ ବୋଲି ପରାମର୍ଶ ଦିଆଯାଇଥିଲା । ଉଭୟ ୧୭ ଏବଂ ୨୬ ଜୁନ୍‌କୁ ଏହି ଦିବସ ଭାବେ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା । ପରବର୍ତ୍ତୀ ବୈଠକରେ ଏହି ଦିବସ ପାଳନ ପାଇଁ ୨୬ ଜୁନ୍‌କୁ ଚୟନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ବିଭିନ୍ନ ଅଭିଯାନ, ରାଲି, ପୋଷ୍ଟର ଡିଜାଇନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଦେଶର ଲୋକମାନେ ଏକାଠି ଏହି ଦିବସ ପାଳନ କରିଥାନ୍ତି । ନିଶାଦ୍ରବ୍ୟ ବ୍ୟବହାର ବଢ଼ିବା ସହିତ ଏହି ଦିବସ ପାଳନର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି । ପ୍ରତିବର୍ଷ ଏହି ଦିବସ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ହୋଇଥାଏ । ଚଳିତ ବର୍ଷ ପାଇଁ ଏହି ଦିବସର ବିଷୟବସ୍ତୁ ରହିଛି, 'ପ୍ରଥମେ ଲୋକମାନେ: କଳଙ୍କ ଏବଂ ଭେଦଭାବ ବନ୍ଦ କର, ପ୍ରତିରୋଧକୁ ଦୃଢ଼ କର' ।

**ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ**



## ପ୍ରଥମ ପୃଷ୍ଠାରୁ...

### ଏନ୍‌ସିବି, ସିବିଆଇ ...

ଦେଲେ ପ୍ରତି ଆକାଉଣ୍ଟକୁ ଯାଞ୍ଚ କରାଯିବ ଓ ବେଆଇନ ଟଙ୍କା କାରବାରର ପ୍ରମାଣ ନ ମିଳିଲେ ସମସ୍ତ ଟଙ୍କା ଫେରିପାଇବେ ବୋଲି ରତ୍ନାଙ୍କୁ କହିଥିଲେ । ଏହାପରେ ରତ୍ନା ତାଙ୍କ କଥାରେ ରାଜି ହୋଇ ଏଥିପାଇଁ ୩ଟି ଆକାଉଣ୍ଟର ଯାଞ୍ଚ ପାଇଁ ବିଭିନ୍ନ ପର୍ଯ୍ୟାୟରେ ୟୁପିଆଇ ଓ ଆଇଏମ୍‌ପିଏସ୍ ମାଧ୍ୟମରେ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ପଠାଇଥିଲେ । କିଛି ସମୟ ପରେ ତାଙ୍କ ଆକାଉଣ୍ଟ ଠିକ୍ ଥିବା କୁହାଯାଇଥିଲେ ମଧ୍ୟ ଟଙ୍କା ଫେରାଯାଇ ନ ଥିଲା । ଏନେଇ ରତ୍ନାଙ୍କ ଏତଲାକ୍ରମେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି । ତଦନ୍ତ ବେଳେ ଜଣାପଡ଼ିଛି, ରତ୍ନାଙ୍କ ଟଙ୍କା ପଞ୍ଜାବର ଜଗଦମ୍ବା ଏଣ୍ଟରପ୍ରାଇଜେସ୍ ନାଁରେ ଥିବା ଏକ ମ୍ୟୁଲ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ ହୋଇଛି । ଏପରି କି ଉକ୍ତ ଆକାଉଣ୍ଟରେ ୨ରୁ ୩ଦିନ ମଧ୍ୟରେ ୫.୫୮ କୋଟି ଜମା ହୋଇଛି । ଏହି ଆକାଉଣ୍ଟରୁ ଅନ୍ୟ କେତେକ ମ୍ୟୁଲ୍ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ ହୋଇଥିବାବେଳେ ଦୁବାଇରେ ଏଟିଏମ୍ ଦ୍ୱାରା ବଡ଼ ପରିମାଣର ଟଙ୍କା ଉଠାଯାଇଥିବା ଜଣାପଡିଛି । ତେଣୁ ଟଙ୍କା କାରବାର ହୋଇଥିବା ୧୭ଟି ଆକାଉଣ୍ଟକୁ ଅଚଳ କରି ମାଷ୍ଟରମାଇଣ୍ଡକୁ ଚିହ୍ନଟ ପ୍ରକ୍ରିୟା ଜାରି ରଖାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏପରି ଠକେଇରୁ ବର୍ତ୍ତିବା ଲାଗି ଇଓଡବ୍ଲ୍ୟୁ କେତେକ ପରାମର୍ଶ ଦେଇଛି । ଏନ୍‌ସିବି, ସିବିଆଇ ଭଳି ସଂସ୍ଥା ସ୍କାଇପ୍ ଦ୍ୱାରା କେବେ ବି ଭିଡିଓ କଲ୍ କରେ ନାହିଁ । ଏପରି କଲ୍ କରୁଥିବା ବ୍ୟକ୍ତିଙ୍କୁ ବିଶ୍ୱାସ କରନ୍ତୁ ନାହିଁ କି ଟଙ୍କା ଦିଅନ୍ତୁ ନାହିଁ । ଏପରି କଲ୍ ଆସିଲେ cybercrime.gov.in କିମ୍ବା ୧୯୩୦ ନମ୍ବର ଓ ସ୍ଥାନୀୟ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

### କୁସ୍ତି ମହାସଂଘ ...

ସହଅନୁବନ୍ଧିତ କରି ଇଲେକ୍ଟୋରାଲ କଲେଜରେ ସେମାନଙ୍କ ପ୍ରତିନିଧିଙ୍କୁ ସାମିଲ ହେବା ପାଇଁ ସୁଯୋଗ ଦିଆ ନ ଯିବା ପର୍ଯ୍ୟନ୍ତ ନିର୍ବାଚନୀ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଏଥିରେ ନିବେଦନ କରାଯାଇଥିଲା । ଏହାର ଶୁଣାଣି କରି ପରବର୍ତ୍ତୀ ତାରିଖ ଧାର୍ଯ୍ୟ କିମ୍ବା ଶୁଣାଣି ନ ହେବା ପର୍ଯ୍ୟନ୍ତ ଡବ୍ଲ୍ୟୁଏଫ୍‌ଆଇର ଏକ୍‌ଜିକ୍ୟୁଟିଭ୍ କମିଟି ନିର୍ବାଚନ ଦିଗରେ ପ୍ରତିବାଦୀମାନେ ଅଗ୍ରସର ନ ହେବାକୁ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ସେପଟେ ଆଡ୍-ହକ୍ କମିଟି ଇଲେକ୍ଟୋରାଲ କଲେଜ ପାଇଁ ନାମ ଗ୍ରହଣର ଶେଷ ତାରିଖ ଜୁନ୍ ୨୫କୁ ସ୍ଥିର କରିଥିଲେ । ସେହିପରି ନୂଆ ଗଭର୍ନିଂ ବଡି ପାଇଁ ନିର୍ବାଚନ ତାରିଖ ଜୁଲାଇ ୧୧ ରଖାଯାଇଥିଲା । କିନ୍ତୁ ଗୁଆହାଟୀ ହାଇକୋର୍ଟ ଏହି ନିର୍ବାଚନ ଉପରେ ରବିବାର ସ୍ଥଗିତାଦେଶ ଜାରି କରିଛନ୍ତି । ଫଳରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପୁନର୍ବାର ଟଳିଯାଇଛି । ଏହା ପୂର୍ବରୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବନ କରାଯିବା ସହ ମେ' ୭ରେ ନିର୍ବାଚନ ତାରିଖ ସ୍ଥିର ହୋଇଥିଲା । ଆନ୍ଦୋଳନରତ କୁସ୍ତିଯୋଦ୍ଧାମାନଙ୍କ ସହ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଆଲୋଚନା କରିବା ପରେ ଜୁନ୍ ୩୦ ସୁଦ୍ଧା ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

### ହାଇକୋର୍ଟରେ ...

ନିର୍ଦ୍ଦେଶକୁ ଗ୍ରହଣ କରିପାରୁନାହାନ୍ତି । ଫଳରେ ପୂର୍ବ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍‌ସାନାଆରା ବେଗମ୍‌ଙ୍କ ସମେତ ମୋଟ ୫ ଜଣଙ୍କ ପକ୍ଷରୁ ଗତ ୨୨ରେ ଏହି ପିଟିଶନ ଦାଖଲ କରାଯାଇଥିଲା । ଏଥିରେ ଓପିଏସ୍‌ସି ଓ ପୂର୍ବ ମାମଲାର ଆବେଦନକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି ।

### ଗଞ୍ଜେଇ ଚାଷ କରୁଥିବା ...

ଭିତରେ ସ୍ୱତନ୍ତ୍ର ବଲ୍‌ବ ସହାୟତାରେ କୃତ୍ରିମ ସୂର୍ଯ୍ୟାଲୋକ ସୃଷ୍ଟି କରି ଗଞ୍ଜେଇ ଚାଷ କରୁଥିଲେ । ସେ ଇଣ୍ଟରନେଟରୁ ଗଞ୍ଜେଇ ଚାଷ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ଅନ୍‌ଲାଇନରେ ମଞ୍ଜି କିଣିଥିଲେ । ତାଙ୍କଠାରୁ ୨୨୭ ଗ୍ରାମ ଶୁଖିଲା ଗଞ୍ଜା, ୧.୫୩ କିଲୋଗ୍ରାମ ଅମଳ ହୋଇଥିବା ଗଞ୍ଜା, ୧୦ ଗ୍ରାମ୍ ଚରସ, ଗଞ୍ଜେଇ ମଞ୍ଜି, ଗଞ୍ଜେଇ ତେଲ ଓ ପାଉଡର, ବିଦ୍ୟୁତ୍‌ଚାଳିତ ଓଜନ ମେଶିନ, ହୁକା ପାଇପ୍ ଏବଂ ନଗଦ ୧୯,୦୦୦ ଟଙ୍କା ଜବତ ହୋଇଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଶୁଭଚନ୍ଦ୍ର ହେତୁ ବନ୍ଧୁଙ୍କ ସହାୟତାରେ ଗତକାଲିର ସମସ୍ୟା ଆଜି ଅପରାହ୍ନରେ ସମାଧାନ ହୋଇଯିବ । ଶ୍ରମିକ କିମ୍ବା କଞ୍ଚାମାଲର ଅଭାବ କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ । ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ । ପାରିବାରିକ କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ୟାଗୁଡିକ ନେଇ ଚିନ୍ତା କରିପାରନ୍ତି ।

**ବୃଷ** - ସାଧାରଣ କଥାକୁ କେନ୍ଦ୍ର କରି ସୁସମ୍ପର୍କରେ ବୈର ମନୋଭାବ ସାଙ୍ଗକୁ ତର୍କ ବିତର୍କର ସମ୍ମୁଖୀନ ହେବେ । ପ୍ରତିଦ୍ୱନ୍ଦ୍ୱିତା ହେତୁ ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ । ବିଶେଷ ଭ୍ରମଣ ସ୍ୱାସ୍ଥ୍ୟ ହାନିର କାରଣ ହୋଇପାରେ । ହାତକୁ ନେଇଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ ।

**ମିଥୁନ** - ଅସୁବିଧାରେ ଥିଲେ ମଧ୍ୟ ନିଜ ପରିସର ଲୋକଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ । ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ ବୁଝାମଣା ସୃଷ୍ଟି ହୋଇପାରେ । ଗବେଷଣା, ସଭାସମିତି, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନ ଦେଲେ ହଇରାଣ ହେବେ ।

**କର୍କଟ** - ଆଜି ଶୁକ୍ରଙ୍କ ସୁପ୍ରଭାବରୁ ଭୋଗବିଳାସ, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ । କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ । ଅତୀତ ଘଟଣାର ସମୀକ୍ଷା କରିବେ । ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବାଣିଜ୍ୟରେ ଉନ୍ନତି ଘଟିବ ।

**ସିଂହ** - ମଙ୍ଗଳଙ୍କ ଦୁର୍ବଳତା ହେତୁ ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେବା କାରଣରୁ ମନ ଭଲ ରହିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ଆଜିର କାମରେ ଲକ୍ଷ୍ୟ ହାସଲ ସକାଶେ କୂଟନୀତି ଅବଲମ୍ବନ କରିବେ ।

**କନ୍ୟା** - କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ଓ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିପାରନ୍ତି । ଭୁଲ୍ ବୁଝାମଣା କାରଣରୁ ଶିକ୍ଷା, ସନ୍ତାନ କ୍ଷେତ୍ରରେ ସମସ୍ୟା ଦେଖାଦେଇ ପାରେ । ଶତ୍ରୁତା କାରଣରୁ ଖଳ ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ । ମତାନ୍ତରଜନିତ ସାୟାହ୍ନେ ପାରିବାରିକ ସଦ୍ଭାବ ରହିବ ନାହିଁ ।

**ତୁଳା** - ବିଜାତୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହ କରି ଘରେ ବିଭିନ୍ନ ପ୍ରକାର କଥା ଶୁଣିବାକୁ ପଡିପାରେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବେ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବାର ଅନୁଭବ କରିବେ । ସ୍ୱାସ୍ଥ୍ୟହାନି କାରଣରୁ କାମ ପାଇଁ ନିଃସ୍ପୃହତା ଦେଖାଯିବ ।

**ବିଛା** - ତୃତୀୟାଧିପଙ୍କ ବଳହୀନତାରୁ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ ଟାଣିପାରନ୍ତି । ପରିବାରରେ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ । ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପଡ଼ିବ । ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ସାହାଯ୍ୟ ଅବଶ୍ୟ ପାଇବେ ।

**ଧନୁ** - ଚାହୁଁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗ ଆଶା ଭଣ୍ଡୁର ହୋଇଯିବ । କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ । ନିଜର କେତେକ ବ୍ୟକ୍ତିଗତ କାରଣରୁ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ । ଦୀର୍ଘଦିନର ପୁରୁଣା ରୋଗ ସକାଶେ ବିଶେଷ ଚିନ୍ତିତ ରହିପାରନ୍ତି ।

**ମକର** - କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ । ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି । ବିବାଦୀୟ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିବେ ।

**କୁମ୍ଭ** - ଆଜି ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡିପାରେ । ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ଓ ସାଧାରଣ କଥାକୁ ଅସାଧାରଣ ଭାବେ ଚିନ୍ତା କରିବେ । ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରିବେ । ପରିବାର ଭିତରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ ।

**ମୀନ** - ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ । ପରିବାରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି । ସାଙ୍ଗଠନିକ କ୍ଷେତ୍ରରେ ଭାବୁଥିବା କାମଟିକୁ ଶେଷ କରିପାରିବେନି ।

ଆଜି ଆଷାଢ ଶୁକ୍ଳ ଅଷ୍ଟମୀ ସୋମବାର, ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ରାଶି ନକ୍ଷତ୍ର- ଉତ୍ତରାଫାଲଗୁନୀ/କନ୍ୟା,ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୮।୪୪ ଗତେ, ଘ.୧୦।୩୦ ମଧ୍ୟେ ଶୁଦ୍ଧଶୁଭ ବେଳା । ଦିବା ଘ.୦୬।୫୨ମି. ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ ।

# ବାସି ପ୍ରସାଦ ଖାଇ ବୃଦ୍ଧାଙ୍କ ମୃତ୍ୟୁ, ୧୬ ଅସୁସ୍ଥ


ଡାକ୍ତରୀ ଦଳ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

**ବାହାନଗା, ୨୫।୬(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ତାଳକୁରୁଣିଆଁ ଗାଁରେ ବାସି ପ୍ରସାଦ ଖାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଗୋପାଳପୁର ଓ ଖନ୍ତାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଛି। ମୃତା ବୃଦ୍ଧା ଜଣକ ହେଲେ ନୀଳମଣି ସାହୁ (୭୫)। ଖବର ପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏକ ୩ ଜଣିଆ ଡାକ୍ତରୀ ଦଳକୁ ଉକ୍ତ ଗ୍ରାମକୁ ପଠାଇଛନ୍ତି। ଡା. ଧିରେଶ ଷଡ଼ଙ୍ଗୀ ଓ ତାଙ୍କ ଟିମ୍ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଔଷଧ ଏବଂ ଓଆର୍‌ଏସ୍ ପାଉଡର ଦେଇଥିଲେ। ଗୁରୁତର ହୋଇ ପଡ଼ିଥିବା ଲୋକଙ୍କୁ ଚିକିତ୍ସା ଲାଗି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଯାଇଛି।

ସୂଚନା ଅନୁଯାୟୀ, ରଥଯାତ୍ରା ଅବସରରେ ଶନିବାର ଗାଁରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମଲ୍ଲିକ ସାହିର ୩ ପରିବାର ପ୍ରସାଦ ପ୍ରସ୍ତୁତି ଲାଗି ସମସ୍ତ ପ୍ରକାର ସାମଗ୍ରୀ ଯୋଗାଇ ଦେଇଥିଲେ। ପ୍ରସାଦ ସେବନ ପରେ ସନ୍ଧ୍ୟାରେ ଯାହା ବଳି ପଡ଼ିଥିଲା ତାହାକୁ

### ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ

ସେମାନେ ଘରକୁ ନେଇ ଆସିଥିଲେ। ଉକ୍ତ ପ୍ରସାଦକୁ ରାତିରେ ୩ ପରିବାରର ଲୋକେ ଖାଇବା ପରେ ପ୍ରଥମେ ସେମାନଙ୍କର ମୁଣ୍ଡ ବିନ୍ଧିବା ଆରମ୍ଭ ହୋଇଥିଲା। ପରେ ପେଟ କାଟିବା ସହିତ ଝାଡ଼ା ଓ ବାନ୍ତି ଆରମ୍ଭ ହୋଇଥିଲା। ଉକ୍ତ ପ୍ରସାଦ ଖାଇଥିବା ୧୬ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ତେବେ ରଥଯାତ୍ରା ଦେଖିବାକୁ ଆସିଥିବା ଦେବକାନ୍ତ ମଲ୍ଲିକଙ୍କ ଶାଶୁ ନୀଳମଣିଙ୍କ ଅବସ୍ଥା ରାତିରେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଗୋପାଳପୁର ମେଡିକାଲ ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମର ମୋନାଲିସା ମଲ୍ଲିକ, ପ୍ରୀତମ୍ ପ୍ରିୟାଂଶୁ ମଲ୍ଲିକ, ରିୟାଂଶୁ ମଲ୍ଲିକ, ଚପଳା ମଲ୍ଲିକ, ତାଙ୍କ ଶାଶୁ ରମାମଣି, ସୁମତି ମଲ୍ଲିକ, ଜୟନ୍ତୀ ମଲ୍ଲିକ ଓ ଶିବ ପ୍ରସାଦ ମଲ୍ଲିକ ପ୍ରମୁଖ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି।

# ଅର୍ଦ୍ଧଭଗ୍ନ ଅବସ୍ଥାରେ ରାଜ୍ୟର ପ୍ରଥମ ଡପ୍‌ଲର ରାଡାର କେନ୍ଦ୍ର

- ୮ ବର୍ଷରେ ବଦଳି ଗଲାଣି ସୌନ୍ଦର୍ଯ୍ୟକରଣ
- ଚତୁଃପାର୍ଶ୍ୱରେ ବଣୁଆ ପରିବେଶ
- ୨୦୧୫ ନଭେମ୍ବରରେ ଲୋକାର୍ପଣ ହୋଇଥିଲା

**ପାରାଦୀପ, ୨୫।୬(ଶରତ ରାଉତ)**

ଓଡ଼ିଶାର ପ୍ରଥମ ଡପ୍‌ଲର ରାଡାର ଘର ଏବେ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ପ୍ରାୟ ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚରେ ନିର୍ମାଣ ହୋଇଥିବା ୩୯ ମିଟର ଉଚ୍ଚତା ବିଶିଷ୍ଟ ଏହି ୭ ମହଲା ଘର ଏବେ ମଳିନ ଦେଖାଯାଉଛି। ଘରର ଚତୁଃପାର୍ଶ୍ୱରେ ଘାସ ଓ ଅନାବନା ଗଛ ଉଠିଯାଇଛି। ପାଦଚଲା ରାସ୍ତାରେ ଗଛ ଉଠିଥିବାବେଳେ ପାର୍କିଂ ଶେଡ୍‌ରେ ଥିବା ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି। ଷ୍ଟିଲ୍ ବାଡ଼ରେ କଳଙ୍କି ଲାଗିଯାଇଛି। ଘରର କାଚ ସୌନ୍ଦର୍ଯ୍ୟକରଣ ଜାଗା ଭାଙ୍ଗିଯାଇଛି। କାନ୍ଥରେ ଖୋଦେଇ ହୋଇଥିବା ଫାଇବର ଉଠିଯାଇଛି। ଏପରି କି ଅନେକ ନିର୍ମାଣ କାମ ଭଙ୍ଗାରୁଜା ଅବସ୍ଥାରେ ରହିଛି। ସେହି ଘର ଉପରେ ରହିଛି ଚାଇନା ନିର୍ମିତ ରାଡାର। ଏହା ଦୂରରୁ ଫୁଟବଲ ସଦୃଶ ଦେଖାଯାଏ। ଏହି ରାଡାର ଜରିଆରେ ସମଗ୍ର ଦେଶକୁ ବାତ୍ୟା, ଝଡ଼ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସୂଚନା ମିଳିପାରୁଛି।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ସେତେବେଳେ ଏପରି ବାତ୍ୟା ସମ୍ପର୍କରେ ସତର୍କ କଲାଭଳି ସୂଚନା ଦେଶରେ ନ ଥିଲା। ମହାବାତ୍ୟାର ଭୟାବହତା ସମ୍ପର୍କରେ ଆଗୁଆ ସୂଚନା ପାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଭୂପୃଷ୍ଠ ଓ ବିଜ୍ଞାନ ବିଭାଗ ପକ୍ଷରୁ ଦେଶରେ ୫ଟି ଡପ୍‌ଲର ରାଡାର ସ୍ଥାପନ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଘୋଷଣା କରିଥିଲେ। ଉକ୍ତ ରାଡାର ମଧ୍ୟରୁ ପ୍ରଥମ ରାଡାର ଓଡ଼ିଶାର ଜଗତ୍‌ସିଂହପୁର ଜିଲା ପାରାଦୀପର ବତୀଘର ପାଖରେ ହେବ ବୋଲି ସ୍ଥିର ହୋଇଥିଲା। ଏହି କ୍ରମରେ ବତୀଘର ପାଖରେ ଡପ୍‌ଲର ରାଡାର ପାଇଁ ଘର ନିର୍ମାଣ ହୋଇଥିଲା। ତେବେ ସରକାର ବଦଳି ଯିବା ପରେ ଉକ୍ତ ନିର୍ମାଣ କାର୍ଯ୍ୟ ୨୦୦୭ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା। ପ୍ରଥମେ କୁହାଯାଇଥିଲା, ଭେଲ(ଭାରତ ହେଭି ଇଲେକ୍ଟ୍ରୋନିକ୍ସ ଲିମିଟେଡ) ଉକ୍ତ ରାଡାର ସ୍ଥାପନ କରିବ। ୨୦୦୯ରେ ସରକାର ପୁଣି ନିଷ୍ପତ୍ତି ବଦଳାଇ ଚାଇନା ନିର୍ମିତ ରାଡାର ଲଗାଇବା ପାଇଁ ସ୍ଥିର କଲେ। ୨୦୧୦ରେ ଚାଇନା ରାଡାର ପାରାଦୀପରେ ପହଞ୍ଚିଥିଲା। ସେତେବେଳେ ବାଲେଶ୍ୱର ଡିଆରଡିଓ ପକ୍ଷରୁ ଚାଇନା ରାଡାର ପାଇଁ ବାରଣ କରାଯିବାରୁ ତାହା ୫ ବର୍ଷ ସେମିତି ଅଟକି ରହିଥିଲା। ୨୦୧୪ରେ ସରକାର ବଦଳିବା ପରେ ପୁଣି ସେହି ରାଡାର ସ୍ଥାପନ ପାଇଁ ସ୍ୱୀକୃତି ମିଳିଥିଲା। ଭେଲ କମ୍ପାନୀ ପକ୍ଷରୁ ଉକ୍ତ ଚାଇନା ରାଡାରର କିଛି ସିଗ୍‌ନାଲ ବନ୍ଦ କରାଯିବାପରେ ତାହାକୁ ସ୍ଥାପନ କରାଯାଇଥିଲା। ୨୦୧୫ ନଭେମ୍ବର ୨୧ରେ ଏହା ଲୋକାର୍ପଣ ହୋଇଥିଲା। ଏହି ରାଡାର ଲାଗିବା ପୂର୍ବରୁ ଅର୍ଥାତ୍ ୧୯୭୦ରୁ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ସିଗ୍‌ନାଲ ପଏଣ୍ଟରେ ଭାରତ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ଛୋଟ ରାଡାର ଲଗାଯାଇଥିଲା। ସେତେବେଳେ ଉକ୍ତ ରାଡାରରୁ ମିଳୁଥିବା ସିଗ୍‌ନାଲ ଜରିଆରେ କେବଳ ବର୍ଷା, ପବନର ଗତି, ତାପମାତ୍ରା ଆଦି ସମ୍ପର୍କରେ ସୂଚନା ମିଳିପାରୁଥିଲା। ତାହା ସରକାରୀ ଭାବେ ୨୦୧୨ରୁ ବନ୍ଦ ହୋଇଯାଇଛି। ନୂଆ ଡପ୍‌ଲର ରାଡାର ନିର୍ମାଣ କାର୍ଯ୍ୟ କେନ୍ଦ୍ର ସରକାରଙ୍କ ସିପିଡବ୍ଲ୍ୟୁ (ସେଣ୍ଟ୍ରାଲ ପ୍ରୋଜେକ୍ଟ ୱାର୍କ)ସଂସ୍ଥା କରିଥିଲେ। ଉକ୍ତ ଘରର ନିର୍ମାଣଶୈଳୀ, ଆଧୁନିକ କାରୁକାର୍ଯ୍ୟ ଓ ଉଚ୍ଚତା ଯୋଗୁ ସେଠାରେ ଅନେକ ଆଲବମ୍ ଏବଂ ଓଡ଼ିଆ ସିନେମା ଶୁଟିଂ ହେଉଥିଲା। ଏବେ ଉକ୍ତ ଘରର ସୌନ୍ଦର୍ଯ୍ୟକରଣ କମିବା ପରେ ସେଭଳି ଶୁଟିଂ ହେଉନାହିଁ। ଅନେକ ସମୟରେ ସ୍କୁଲ ଛାତ୍ରୀଛାତ୍ର, ପର୍ଯ୍ୟଟକମାନେ ରାଡାର ଦେଖିବା ପାଇଁ ଯାଉଥିଲେ। କୋଭିଡ ସମୟ (୨୦୨୦, ମାର୍ଚ୍ଚ)ପରଠାରୁ ତାହା ମଧ୍ୟ ବନ୍ଦ ରହିଛି। ଏବେ ରାଡାର ସୂଚନା ସବୁବେଳେ ଭୁବନେଶ୍ୱରରେ ଦିଆଯାଉଛି। ଡପ୍‌ଲର ରାଡାରର ବିଶେଷତ୍ୱ ହେଉଛି ଏହା ବାତ୍ୟା, ଝଡ଼ ସମ୍ପର୍କରେ ୫ ଦିନ ପୂର୍ବରୁ ସୂଚନା ଦିଏ। ସମୁଦ୍ରର ୫୦୦ କିମି ପର୍ଯ୍ୟନ୍ତ ଏହା ଅନୁଧ୍ୟାନ କରିଥାଏ ବୋଲି ରାଡାର ଅଫିସର ଇନଚାର୍ଜ ଧାନିଶ କେ. କୁହନ୍ତି। ଘର ମରାମତି ନ ହେବା ପ୍ରସଙ୍ଗରେ ସେ କୁହନ୍ତି, ଏ ସମ୍ପର୍କରେ ୨ ବର୍ଷ ହେବ ବିଭାଗୀୟ ଅଧିକାରୀ ଓ ସିପିଡବ୍ଲ୍ୟୁକୁ ଲିଖିତ ଭାବେ ଜଣାଯାଇଛି। ଚଳିତ ବର୍ଷ ମରାମତି କାର୍ଯ୍ୟ ହୋଇପାରେ ବୋଲି ସେ କହିଛନ୍ତି।



# ଖୁଣ୍ଟିଗୋରା ଓ ଉମାରେ ମାଓବାଦୀ ପୋଷ୍ଟର


ଖୁଣ୍ଟିଗୋରାରେ ମାଓବାଦୀ ପୋଷ୍ଟର।

**କନ୍ଧମାଳ, ୨୫।୬(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟପଡା ଥାନା ଅନ୍ତର୍ଗତ ଖୁଣ୍ଟିଗୋରା ଓ ଉମାଠାରେ ମାଓବାଦୀ ପୋଷ୍ଟର ଲାଗିଥିବା ରବିବାର ଦିନ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ସକାଳେ ଖୁଣ୍ଟିଗୋରା ମାର୍କେଟଠାରେ ଥିବା ଏକ ଗଛରେ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ଉମା ଗାଁ ନିକଟ ଏକ ଗଛରେ ମାଓବାଦୀ ପୋଷ୍ଟର ଲାଗିଥିଲା। ଏହି ପୋଷ୍ଟରଗୁଡ଼ିକରେ କେତେଜଣ ମାଓବାଦୀ ନେତାଙ୍କ ଫଟୋ ଥିବା ବେଳେ ସେଥିରେ ଏନ୍‌କାଉଣ୍ଟରରେ ହୋଇଥିବା ମାଓବାଦୀଙ୍କୁ ଶହୀଦ ଦର୍ଶାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ସେମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ତେବେ ଏହି ପୋଷ୍ଟର ପ୍ରକୃତ ମାଓବାଦୀ ମାରିଛନ୍ତି ନା ଆଉ କେହି ତାହା ସ୍ପଷ୍ଟ ହୋଇନାହିଁ। ଖବର ପାଇ ଘଣ୍ଟାପଡା ପୋଲିସ ପହଞ୍ଚି ପୋଷ୍ଟର ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମାଓବାଦୀ ପୋଷ୍ଟର ନେଇ ଅଞ୍ଚଳବାସୀଙ୍କ ମନରେ ଭୟ ଦେଖାଦେଇଛି।

# ନନ୍ଦନକାନନ 'ରାଜୁ'ର ନୂଆ ଠିକଣା

**କେନ୍ଦୁଝର, ୨୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଧ ସେକ୍ସନ ଦେଓବନ୍ଧ ବିଟ୍ ଅନ୍ତର୍ଗତ କୋଲିମାଟି ଗ୍ରାମ ନିକଟରୁ ଉଦ୍ଧାର ହୋଇଥିବା 'ରାଜୁ'କୁ ନନ୍ଦନକାନନ ପଠାଯାଇଛି। ଉଦ୍ଧାର ପରେ ୨ ମାସର ଏହି ଅଣ୍ଡିରା ଛୁଆହାତୀକୁ ତା'ର ମା' କିମ୍ବା ହାତୀପଲ ଗ୍ରହଣ କରି ନ ଥିଲେ। ବନ ବିଭାଗ ତାକୁ ଘଟଗାଁ ରେଞ୍ଜକୁ ଆଣି ଅପରାହ୍ନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଇଛି। ନିୟମାନୁଯାୟୀ ରେଞ୍ଜ ଅଫିସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ତାକୁ ତରଳ ପୁଷ୍ଟିକର ଖାଦ୍ୟ ଦିଆଯାଇ ସ୍ୱତନ୍ତ୍ର ଗାଡ଼ି ଯୋଗେ ନନ୍ଦନକାନନ ପଠାଯାଇଛି ବୋଲି ଏସିଏଫ୍ ଅଶୋକ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାର ଏକ ୧୩ ଟିକିଆ ହାତୀପଲ କୋଲିମାଟି ଗ୍ରାମ ନିକଟ ବଣମୁଣ୍ଡା ଜଙ୍ଗଲ ପାର୍ଶ୍ୱରେ ରେଳ ଲାଇନ୍ ପାର ହେଉଥିବାବେଳେ ଛୁଆହାତୀ ଏକ ପଥର ଖୋଲରେ ପଡ଼ିଯାଇଥିଲା। ହାତୀପଲ ଚେଷ୍ଟା କରି ଶାବକକୁ ଖୋଲରୁ ବାହାର କରି ନ ପାରି ପଳାଇଥିଲେ। ଛୁଆହାତୀର ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ବନ ବିଭାଗକୁ ସୂଚନା ଦେଇଥିଲେ। ଘଟଗାଁ ରେଞ୍ଜର ପ୍ରଭାତ କୁଅଁରଙ୍କ ନେତୃତ୍ୱରେ ହାତୀ ସ୍କ୍ୱାଡ୍‌ର କର୍ମଚାରୀ ଏବଂ ଗ୍ରାମବାସୀ ମିଳିତ ଭାବେ ଛୁଆହାତୀକୁ ପଥର ଖୋଲରୁ ସୁରକ୍ଷିତ ଉଦ୍ଧାର କରିଥିଲେ।



### ମା' ହାତୀ ଗ୍ରହଣ ନ କରିବା ଘଟଣା

ପରେ ସ୍କ୍ୱାଡ୍ କର୍ମଚାରୀ ଛୁଆହାତୀକୁ ମା' ଥିବା ହାତୀପଲ ନିକଟରେ ଛାଡ଼ିଥିଲେ। ଶୁକ୍ରବାର, ଶନିବାର ଦୁଇ ଦିନ ଛୁଆହାତୀଟିକୁ ହାତୀପଲ ନିକଟକୁ ଛଡ଼ାଯାଇ ନଜର ରଖାଯାଇଥିଲା। ମାତ୍ର ମା' ହାତୀ ଆସି ନ ଥିଲା କିମ୍ବା ହାତୀପଲ ଛୁଆକୁ ଗ୍ରହଣ କରି ନ ଥିଲେ। ହାତୀ ପଲ ଆକ୍ରମଣ କଲେ ଛୁଆହାତୀ ପ୍ରତି ବିପଦ ଆଶଙ୍କା ରହିଥିଲା। ମୌସୁମୀ ପ୍ରଭାବ ଯୋଗୁ ଲଗାଣ ବର୍ଷା ଲାଗି ରହିଥିବାରୁ ସୁରକ୍ଷା ଚିନ୍ତାରେ ବନ ବିଭାଗ ଗଜ ଗାଡ଼ିରେ ଛୁଆହାତୀକୁ ଘଟଗାଁ ରେଞ୍ଜ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରି ବୋତଲରେ ତରଳ ପାନୀୟ ଲାକ୍‌ଟୋଜେନ ଦିଆଯାଇଥିଲା। ବନ କର୍ମଚାରୀ ହାତୀଟିର ନାମ ରାଜୁ ରଖିଥିଲେ। ଘଟଗାଁ ବ୍ଲକ୍ ପ୍ରାଣୀ ଚିକିତ୍ସାଳୟର ସହକାରୀ ପ୍ରାଣୀ ଚିକିତ୍ସକ ଡାକ୍ତର ଲକ୍ଷ୍ମୀପ୍ରିୟା ଦାସ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତର ବ୍ରଜରାଜ ଯାଦବ ଚିକିତ୍ସା କରିଥିଲେ। ଛୁଆହାତୀର ସୁରକ୍ଷା, ଲାଳନପାଳନ କରିବା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଯାଇଥିବା ଏସିଏଫ୍ ଦାସ ପ୍ରକାଶ କରିଛନ୍ତି।

# ୨୭ ଯାଏ ବର୍ଷିବ

- ୧୩ ଜିଲାକୁ ଅରେଞ୍ଜ ୱାର୍ନିଂ
- ଅନୁଗୋଳରେ ୧୫୨ ମିମି ବର୍ଷା ରେକର୍ଡ

**ଭୁବନେଶ୍ୱର, ୨୫।୬(ଅନୁରାଧା ମହାରଣା)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହା ଆଗାମୀ ଦୁଇଦିନ ଯାଏ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଉତ୍ତର ଓଡିଶା-ଝାଡ଼ଖଣ୍ଡ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର କଟକ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ଅନୁଗୋଳରେ ସର୍ବାଧିକ ୧୫୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବୌଦ୍ଧରେ ୬୨ମିମି, ଢେଙ୍କାନାଳରେ ୫୭ ମିମି, ହୀରାକୁଦରେ ୪୩.୨ ମିମି ଓ ପୁରୀରେ ୪୦.୨ ମିମି ବର୍ଷା ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ପାଇଁ ୧୩ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଓ ବରଗଡ଼ ଜିଲାରେ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ଅତିରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏସବୁ ସ୍ଥାନରେ ୭ରୁ ୨୦ ସେମି ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ଥିବାରୁ ଏସବୁ ଜିଲାଗୁଡ଼ିକରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ କଚ୍ଚାଘର ପ୍ରତି ବିପଦ ରହିଛି। ସହରାଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଖାଲୁଆ ଚାଷଜମିଗୁଡିକରେ ପାଣି ଜମିବାର ସମ୍ଭାବନା ଥିବାରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ପାଚିଲା ଫସଲ ଅମଳ ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ସୋମବାର ନବରଙ୍ଗପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ନୟାଗଡ଼ ଓ ଖୋର୍ଦ୍ଧାରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏସବୁ ଜିଲାଗୁଡ଼ିକରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆକଳନ କରାଯିବା ସହ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଓ ନବରଙ୍ଗପୁର ଆଦି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ରାଜଗାଙ୍ଗପୁର ଲେଭଲ କ୍ରସିଂଠାରେ ଓଭରବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୨୫।୬(ସୁନିତ୍ ମିଶ୍ର)**

ରାଜଗାଙ୍ଗପୁର ଲେଭଲ କ୍ରସିଂଠାରେ ହେଉଥିବା ଓଭର ବ୍ରିଜ୍ ନିର୍ମାଣ (ଆର୍‌ଓବି ପ୍ରୋଜେକ୍ଟ) ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ନିର୍ମାଣ କାର୍ଯ୍ୟ ନିମନ୍ତେ ବର୍ତ୍ତମାନ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ସୋନାଖାନ ଓ କାଂସବାହାଲ ମଧ୍ୟରେ ଥିବା ଏହି ପ୍ରକଳ୍ପ ୨୦୧୮ ମସିହାରେ ଆରମ୍ଭ ହୋଇଥିଲା, ମାତ୍ର ଜମି ଅଧିଗ୍ରହଣ ଜନିତ ସମସ୍ୟା ଥିବାରୁ ୨୦୨୨ରେ ଏହାର ଟେଣ୍ଡର ବାତିଲ କରାଯାଇଥିଲା। ପ୍ରକାଶ ଥାଉ କି, ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ ସୁନ୍ଦରଗଡ଼ ଜିଲା ଗସ୍ତ ସମୟରେ ସେ ରାଜଗାଙ୍ଗପୁରର ଏହି ବ୍ରିଜ ନିର୍ମାଣ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ୫-ଟି ସଚିବଙ୍କ ଏହି ଗସ୍ତ ସମୟରେ ଜନସାଧାରଣ ତାଙ୍କୁ ଭେଟିଥିଲେ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ୫-ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

# ୨୭ରେ ମଦ୍ରାସା ବୋର୍ଡ ପରୀକ୍ଷାଫଳ

**ଭୁବନେଶ୍ୱର, ୨୫।୬(ଅନୁରାଧା ମହାରଣା)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦର ବିଭିନ୍ନ ପାଠ୍ୟକ୍ରମ ପରୀକ୍ଷାଫଳ ଆସନ୍ତା ୨୭ ତାରିଖରେ ପ୍ରକାଶ ପାଇବ। ମାହିର(ଯୁକ୍ତ ୨), ଆଲିମ୍(ଯୁକ୍ତ ୩) ଏବଂ ଫାଜିଲ(ପିଜି) ପାଠ୍ୟକ୍ରମର ପିଲାମାନେ ବିଭାଗୀୟ ୱେବ୍‌ସାଇଟରେ ଲଗଇନ୍ କରି ନିଜ ଫଳାଫଳ ପାଇପାରିବେ। ଚଳିତବର୍ଷ ୩୩୧ଜଣ ମାହିର ପରୀକ୍ଷା ଦେଇଥିବାବେଳେ ୧୨୬ଜଣ ଆଲିମ୍ ପ୍ରି ଏବଂ ୧୨୩ଜଣ ଆଲିମ୍ ଫାଇନାଲ ପରୀକ୍ଷା ଦେଇଥିଲେ। ସେହିପରି ଫାଜିଲ୍ ଇ ଉର୍ଦ୍ଦୁ ୭୨ଜଣ ଓ ଫାଜିଲ ଇ ହଦିଥ୍ ପରୀକ୍ଷା ୨୭ଜଣ ଦେଇଥିଲେ।

# ଜାଲରେ ପଡ଼ିଲା ୮ ଫୁଟର ବଉଳା କୁମ୍ଭୀର


ଉଦ୍ଧାର ହୋଇଥିବା କୁମ୍ଭୀର।

**ବାସୁଦେବପୁର, ୨୫।୬ (ନାରାୟଣ ପ୍ରସାଦ ବାରିକ)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଦେଇ ପ୍ରବାହିତ ମନ୍ତେଇର ଶାଖାନଦୀ କଞ୍ଚୁଡ଼ିରୁ ରବିବାର ଏକ ୮ ଫୁଟ୍‌ର ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରର ଓଜନ ପ୍ରାୟ ୫୦ରୁ ୬୦ କେଜି ହେବ। ସାନଅଗାପୁର ଗ୍ରାମର ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ନଦୀ ନିକଟରେ ଜାଲ ବସାଇଥିବା ବେଳେ କୁମ୍ଭୀରଟି ସେଥିରେ ପଡ଼ିଯାଇଥିଲା। ସକାଳେ ମତ୍ସ୍ୟଜୀବୀମାନେ ଏହା ଜାଣିବା ପରେ କୁମ୍ଭୀରକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଆଡ଼ିକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ବାସୁଦେବପୁର ବନାଞ୍ଚଳ ଅଧିକାରୀ କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ କୁମ୍ଭୀରକୁ ଉଦ୍ଧାର କରିବା ସହ ଭଦ୍ରକ ଡିଏଫ୍‌ଓ ଅଧୀର କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଧାମରା ନିକଟବର୍ତ୍ତୀ ବୈତରଣୀ ନଦୀରେ ଛାଡ଼ି ଦେଇଛନ୍ତି। ଫରେଷ୍ଟଗାର୍ଡ ପ୍ରଶାନ୍ତ ଦାସ, ଗାର୍ଡ ରାମଚନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଶାଳକଙ୍କୁ ହତ୍ୟା କଲେ ଭିଣୋଇ

**ପାରଳାଖେମୁଣ୍ଡି/ମୋହନା, ୨୫।୬ (ଗିରିଧାରୀ ପରିଚ୍ଛା/ମନ୍ମଥ ମିଶ୍ର)**

କେରଳରେ ଦାଦନ ଖଟିବାକୁ ଯାଇଥିବା ଶାଳକଙ୍କୁ ନିଜ ଭିଣୋଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଜପତି ଜିଲା ମୋହନା ଥାନା ବିଜିପୁର ଗାଁର ଅଭୟ ବିର। ପ୍ରକାଶ ଯେ, ଅଭୟଙ୍କ ଭିଣୋଇ ମନୋଜ ନାୟକ ନିଜ ପରିବାର ସହ କେରଳର କଟାରାକାରା ଥାନା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ସହ ଅଭୟ ରହୁଥିଲେ। ଶୁକ୍ରବାର କୌଣସି କାରଣକୁ ନେଇ ମନୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଅଭୟ ଭିଣୋଇ ମନୋଜଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତେବେ ମନୋଜ ଉତ୍ତେଜିତ ହୋଇ ଶାଳକ ଅଭୟଙ୍କୁ ହତ୍ୟା କରିଥିବା ଅଭୟଙ୍କ ସ୍ତ୍ରୀ କାତ୍ରିନା ଓ ଭାଇ ଅଭିଯୋଗ କରିଛନ୍ତି। ଅଭୟଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବା ଯୋଗୁଁ ମୃତଦେହ ଆଣିବାକୁ ସକ୍ଷମ ନାହାନ୍ତି। ସରକାର ମୃତଦେହ ଗାଁକୁ ଆଣିବାକୁ ପରିବାର ଲୋକେ ଜିଲା ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

### ଚପଲ ଖୋଲିବାକୁ କହିବାରୁ ଆଟେଣ୍ଡାଣ୍ଟଙ୍କୁ ଅର୍ଦ୍ଧନଗ୍ନ ଘଟଣା

- ଡିଆର୍‌ଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ
- ପୀଡ଼ିତଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ, ମେଡିକାଲ ଖର୍ଚ୍ଚ ଦିଆଯାଉ

**ଖୋର୍ଦ୍ଧା, ୨୫।୬(ପ୍ରଭାତ ପାଣିଗ୍ରାହୀ)**

ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆର୍‌ଏମ୍)ଙ୍କ ସ୍ତ୍ରୀଙ୍କୁ ଚପଲ ଖୋଲିବାକୁ କହିବାରୁ ଝାଡ଼ଖଣ୍ଡ ଧାନବାଦ ମଣ୍ଡଳ ରେଲୱେ ହସ୍ପିଟାଲ ଆଟେଣ୍ଡାଣ୍ଟ ବସନ୍ତ ଉପାଧ୍ୟାୟଙ୍କୁ ଅର୍ଦ୍ଧନଗ୍ନ କରାଯିବା ଘଟଣାରେ ମାନବିକ ଅଧିକାର ଉଲ୍ଲଂଘନ ହୋଇଛି। ଏନେଇ ପୁରୀର ମାନବ ଅଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଡିଆର୍‌ଏମ୍‌ଙ୍କ ବିରୋଧରେ ଭାରତୀୟ ରେଲୱେର ଏକ ତଦନ୍ତକାରୀ ଟିମ୍ ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ନିବେଦନ କରିଛନ୍ତି। ଏହି ଘଟଣା ପରେ ବସନ୍ତ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ଏକ ଘରୋଇ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଛି। ତେଣୁ ତାଙ୍କୁ ମେଡିକାଲ ଖର୍ଚ୍ଚ ଓ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ। ଏହି କ୍ଷତିପୂରଣ ଟଙ୍କା ସମ୍ପୃକ୍ତ ଡିଆର୍‌ଏମ୍‌ଙ୍କ ଦରମାରୁ ଭରଣା କରାଯାଉ। ଭବିଷ୍ୟତରେ ଯେପରି ଏପରି ଭୁଲ୍‌ର ସେ ପୁନରାବୃତ୍ତି ନ କରନ୍ତି ସେଥିପାଇଁ ତାଙ୍କ ବିରୋଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାଶ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗୁରୁବାର ଡିଆର୍‌ଏମ୍‌ଙ୍କ ସ୍ତ୍ରୀ ଚିକିତ୍ସା ପାଇଁ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ଆଟେଣ୍ଡାଣ୍ଟ ଡ୍ୟୁଟିରେ ଥିବା ବସନ୍ତ ତାଙ୍କୁ ଚପଲ ବାହାରେ ରଖି ଯିବା ପାଇଁ କହିଥିଲେ। ଚାମ୍ବରକୁ କୌଣସି ରୋଗୀ ଆସିଲେ, ଚପଲ ବାହାରେ ରଖି ଆସିବା ପାଇଁ ପୂର୍ବରୁ ଡାକ୍ତରଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ବସନ୍ତଙ୍କ କଥାକୁ ଏଡ଼ାଇ ଯାଇ ସେ ଚପଲ ପିନ୍ଧି ଡାକ୍ତରଙ୍କ ନିକଟକୁ ଯାଇଥିଲେ। ପରେ ଡିଆର୍‌ଏମ୍ ମେଡିକାଲ ମୁଖ୍ୟ ଅଧୀକ୍ଷକ (ସିଏମ୍‌ଏସ୍)ଙ୍କ ଦ୍ୱାରା ବସନ୍ତଙ୍କୁ ଚାମ୍ବରକୁ ଡକାଇଥିଲେ। ଡିଆର୍‌ଏମ୍‌ଙ୍କ ନିକଟରେ ଉଭୟ ବସନ୍ତ ଏବଂ ସିଏମ୍‌ଏସ୍ ପହଞ୍ଚିଥିଲେ। ସ୍ତ୍ରୀଙ୍କୁ ଚପଲ ଖୋଲି ଡାକ୍ତରଙ୍କ ନିକଟକୁ ଯିବା ପାଇଁ କହିବାରୁ ଡିଆର୍‌ଏମ୍ ବସନ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏତିକିରେ ତାଙ୍କ ମନ ଶାନ୍ତ ହୋଇ ନ ଥିଲା। ତାଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ଘରକୁ ପଠାଇଥିଲେ। ଡିଆର୍‌ଏମ୍‌ଙ୍କ ଏଭଳି ବ୍ୟବହାର ନେଇ ବସନ୍ତ ମାନସିକ ସ୍ତରରେ ଭାଙ୍ଗିପଡିଥିଲେ। ତାଙ୍କୁ ପ୍ରଥମେ ଡିଭିଜନାଲ ରେଲୱେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ହେବାରୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଘଟଣା ନେଇ ଧାନବାଦ ମଣ୍ଡଳ ରେଲୱେ ହସ୍ପିଟାଲ୍‌ର ଗ୍ରୁପ୍-ଡି କର୍ମଚାରୀମାନେ ଡିଆର୍‌ଏମ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ମାନବ ଅଧିକାର କର୍ମୀ ଦାଶ କହିଛନ୍ତି, ଏ କ୍ଷେତ୍ରରେ ଖୋଲାଖୋଲି ଭାବେ ମୌଳିକ ଅଧିକାରର ଉଲ୍ଲଂଘନ କରାଯାଇଛି। ଏଣୁ ସମ୍ପୃକ୍ତ ଡିଆର୍‌ଏମ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ, ଯେପରି କୌଣସି ଅଧିକାରୀ ଏଭଳି ଘଟଣା ଘଟାଇବାକୁ ସାହସ କରିବେ ନାହିଁ। ସମ୍ବିଧାନ ସମସ୍ତଙ୍କ ପାଇଁ ସମାନ। ଏଥିପ୍ରତି ରେଳ ବିଭାଗ ଯତ୍ନବାନ ହେବା ଉଚିତ। ଏହା ଏକ ଅକ୍ଷମଣୀୟ ଭୁଲ। ଏଥିଲାଗି ସମ୍ପୃକ୍ତ ଡିଆର୍‌ଏମ୍ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ଉଚିତ ବୋଲି ଦାଶ ମତବ୍ୟକ୍ତ କରିଛନ୍ତି।

" ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ଭଡ଼ାରେ ସୈନ୍ୟ

ଏବେ ଅବଶ୍ୟ ସମସ୍ତେ ଭୁଲିଗଲେଣି ଏବଂ କେହି କିଛି କହିବାକୁ ପ୍ରସ୍ତୁତ ନ ଥିଲା ଭଳି ମନେ ହେଉଛି । କିନ୍ତୁ ଅଳ୍ପ କିଛି ବର୍ଷ ପୂର୍ବେ, ସମସ୍ତଙ୍କର ମନେ ଥିବ, କଥା କଥାକେ କୁହାଯାଉଥିଲା- 'ପାଟି ଫିଟାଅନି, ସିଆଚେନ୍‌ରେ ଛିଡ଼ା ହୋଇଥିବା ଭାରତୀୟ ସୈନ୍ୟଙ୍କ କଥା ଭାବ'। ଏବେକାର ପୃଥିବୀକୁ ଦେଖିଲେ ଦେଶପ୍ରେମର ପ୍ରତୀକ ଭାବେ ସୈନ୍ୟମାନଙ୍କୁ ନିଆଯାଇ ପାରିବ ନାହିଁ। କେବଳ ଭାରତରେ ମୋଦି ସରକାରଙ୍କୁ ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ ଅପଦସ୍ଥ କରିବାରେ ସୀମିତ ରହିଲା ନାହିଁ। ପୃଥିବୀବ୍ୟାପୀ ସମ୍ଭବତଃ ସବୁ ବଡ଼ ଦେଶରେ ସୈନ୍ୟଙ୍କର ଗୁରୁତ୍ୱ ହ୍ରାସ ପାଇ ଏକ ଚାକିରିଆର ସ୍ଥିତିକୁ ଟାଣି ହୋଇ ଆସିଲାଣି।

ଉଦାହରଣ ସ୍ୱରୂପ, ୟୁକ୍ରେନକୁ ଆକ୍ରମଣ କରିବା ପାଇଁ ରୁଷିଆ ସରକାର ଏକ ଘରୋଇ (ମର୍ସିନେରି) ଗୋଷ୍ଠୀକୁ ବ୍ୟବହାର କରୁଥିଲା ବୋଲି ଜଣାପଡୁଛି। ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କ ନେତୃତ୍ୱାଧୀନ ୱାଗନର ଗୋଷ୍ଠୀ ରୁଷିଆ ସରକାରଙ୍କଠାରୁ ଅର୍ଥ ନେଇ ଯୁଦ୍ଧ କରୁଥିଲା। ହୁଏତ ଅର୍ଥ ନେଣଦେଣରେ ସମସ୍ୟା ହେବା ଯୋଗୁ ୱାଗନର ଏବଂ ରୁଷିଆ ସରକାରର ମଧ୍ୟରେ ଅବୁଝାମଣା ଆରମ୍ଭ ହେଲା। ଏଥିସହିତ ଡୋନ୍‌ଟେକ୍ସରେ ବିଜୟଲାଭ କରିବା ପରେ ୱାଗନର ଗ୍ରୁପ୍‌କୁ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଶ୍ରେୟ ନ ଦେବା ଫଳରେ ବିଦ୍ରୋହ ଆରମ୍ଭ ହେଲା। ଅର୍ଥ ନେଇ ଯୁଦ୍ଧ କରୁଥିବା ବ୍ୟକ୍ତିଙ୍କୁ ଯିଏ ଅଧିକ ଭଡ଼ା ଦେବ ସେ ହୁଏତ ସେମାନଙ୍କ ସମର୍ଥନ ପାଇପାରିବ। ଅର୍ଥାତ୍ ୱାଗନର ଗ୍ରୁପ୍‌କୁ ଆମେରିକା ଓ ୟୁକ୍ରେନର ଅନ୍ୟ ସମର୍ଥକ ଦେଶଗୁଡ଼ିକ ଅଧିକ ଅର୍ଥ ଯାଚିଥିବାର ସମ୍ଭାବନାକୁ ଏଡ଼େଇ ଦେଇହେବ ନାହିଁ। ସତ୍ୟାସତ୍ୟ ଜାଣିବା କଷ୍ଟକର ହୋଇପାରେ। ତେବେ ୨୪ ଜୁନ୍ ୨୦୨୩ରେ ବିଦ୍ରୋହୀ ୱାଗନର ଯୋଦ୍ଧାମାନେ ଦକ୍ଷିଣାଞ୍ଚଳ ରୁଷିଆର ରୋସ୍ତବ-ଅନ୍-ଡନ୍ ସହରକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହିଠାରେ ରୁଷିଆ ସେନାର ସମସ୍ତ ସାମରିକ ପ୍ରତିଷ୍ଠାନ ଥିବାରୁ ସ୍ଥିତି ବିଗିଡ଼ି ଯାଇଥିଲା। ପ୍ରାୟ ୨୫,୦୦୦ ଯୋଦ୍ଧା ପ୍ରାରମ୍ଭିକ ସଫଳତା ପାଇବା ପରେ ଯେତେବେଳେ ମସ୍କୋ ଅଭିମୁଖେ ଅଗ୍ରସର ହେଲେ ସେତେବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଅକଲ ଗୁଡୁମ୍ ହୋଇଯାଇଥିଲା। କୁହାଗଲା ଯେ ମସ୍କୋ ବିମାନବନ୍ଦରରୁ ପୁଟିନ୍‌ଙ୍କ ସମେତ ରୁଷିଆର ଅନେକ ପୁରୁଖା ନେତା ବିଭିନ୍ନ ଘରୋଇ ବିମାନରେ ସହର ଛାଡ଼ି ପଳାଇଲେ। ତେବେ ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋଙ୍କ ସହାୟତା ନିଆଯାଇ ୟେଭ୍‌ଗେନିଙ୍କୁ ବୁଝାଶୁଝା କରାଯିବା ପରେ ବିଦ୍ରୋହୀ ସେନା ଆଗକୁ ବଢ଼ି ନ ଥିବା ଖବର ମିଳିଛି। ଏହାର ଅର୍ଥ ହେଉଛି ଯେ ୱାଗନର ଗ୍ରୁପ୍ ହାରି ନାହିଁ, କେବଳ ଶାନ୍ତ ପଡ଼ିଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଇତିମଧ୍ୟରେ ଏକ ବର୍ଷ ୪ ମାସ ପୂରଣ କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସେନା ଯେଉଁଭଳି ଭାବେ ରୁଷିଆ ସାମରିକ ବାହିନୀକୁ ଜବାବ ଦେଇ ସାମ୍ନା କରିଚାଲିଛି, ତାହା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଛି। ଯୁଦ୍ଧର ପ୍ରାରମ୍ଭିକ ଅବସ୍ଥାରେ ରୁଷିଆ ଆଶା କରିଥିଲା ଖୁବ୍‌ଶୀଘ୍ର ୟୁକ୍ରେନ୍ ଉପରେ ବିଜୟଲାଭ କରିବ। କିନ୍ତୁ ଜେଲେନ୍‌ସ୍କିଙ୍କ ରଣକୌଶଳ ଓ ତାଙ୍କ ସେନାର ଦୃଢ଼ ମନୋବଳ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ରୁଷିଆକୁ ପାଣି ପିଆଇ ଦେଇଛି। ଇତିହାସରୁ ପଢ଼ିଛେ, ସର୍ବଦା ଏକଛତ୍ରବାଦୀମାନେ ନିଜ ଜିଦ୍‌କୁ ଜାହିର କରିବା ଲାଗି ସାଂଘାତିକ ନିଷ୍ପତ୍ତି ନେଇଥାଆନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ବିରୋଧରେ ରୁଷିଆର ଦୀର୍ଘଦିନର ଯୁଦ୍ଧ ମସ୍କୋର ଅର୍ଥନୀତିକୁ ଦୁର୍ବଳ କରିଦେଉଛି। ଅନେକ ହଜାର ସୈନ୍ୟଙ୍କ ମୃତ୍ୟୁ ରୁଷିଆରେ ଅସନ୍ତୋଷ ସୃଷ୍ଟି କରିଛି। ଯେଉଁମାନେ ସରକାରୀ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ସେମାନଙ୍କୁ ପୁଟିନ୍ ଜୀବନରୁ ମାରି ପକାଉଥିବା ଗଣମାଧ୍ୟମରେ ଆଲୋଚନା ହେଉଛି।

ଏସିଆ ମହାଦେଶରେ ମଧ୍ୟ ଯୁଦ୍ଧ ବାତାବରଣ ଆରମ୍ଭ ହୋଇଛି। ସେପଟେ ପାଶ୍ଚାତ୍ୟ ଦେଶଗୁଡ଼ିକ ନାଟୋର ସାହାଯ୍ୟ ନେଇ ଏବଂ ୟୁକ୍ରେନ ଭଳି ଦେଶକୁ ବ୍ୟବହାର କରି ରୁଷିଆକୁ ଦବେଇ ଦେଲେଣି। ସେହିଭଳି ଏସିଆ ମହାଦେଶରେ ଚାଇନାକୁ ଦବାଇବା ପାଇଁ ଆମେରିକା ଅତ୍ୟନ୍ତ ସକ୍ରିୟ ହୋଇପଡ଼ିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତରେ ଯାଇ ସେଠାରେ ସମ୍ମାନ ପାଉଥିବା ବେଳେ ତା' ପୂର୍ବରୁ ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ବେଜିଂରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ଭେଟିବା ପାଇଁ ବ୍ୟାକୁଳତା ପ୍ରଦର୍ଶନ କରୁଥିବା ଦେଖାଯାଇଥିଲା। ହୋଇପାରେ ଆମେ ଭାରତୀୟମାନେ ବିଶେଷ କିଛି ବୁଝିବାକୁ ଚେଷ୍ଟା କରୁ ନ ଥିବାରୁ ଅନ୍ତର୍ଜାତୀୟ ନୀତି ବୁଝିବାରେ ଅସମର୍ଥ ହୋଇପଡୁଛୁ। ବାସ୍ତବ ପରିସ୍ଥିତିକୁ ଦେଖିଲେ ଚାଇନାର ଗତିରୋଧ କରିବା ହେଉଛି ଆମେରିକାର ମୂଳ ଲକ୍ଷ୍ୟ। ସେଥିପାଇଁ ୟୁକ୍ରେନ ଭଳି ତାଇୱାନକୁ ବ୍ୟବହାର କରିବାକୁ ଇଚ୍ଛୁକ ଥାଇପାରେ ଆମେରିକା। କିନ୍ତୁ ୟୁକ୍ରେନ ଭୌଗୋଳିକ ଦୃଷ୍ଟିକୋଣରୁ ଏକ ବିରାଟକାୟ ଦେଶ ହୋଇଥିବା ବେଳେ ତାଇୱାନ ଏକ କ୍ଷୁଦ୍ର ଦ୍ୱୀପ ମାତ୍ର। ସେଥିପାଇଁ ଭାରତର ଗୁରୁତ୍ୱ ଏହି ପେଞ୍ଚରେ ବୃଦ୍ଧି ପାଉଛି। ଭାରତୀୟଙ୍କୁ ମନେରଖିବାକୁ ହେବ ଯେ ଚାଇନା ମଧ୍ୟ ରୁଷିଆ ଭଳି ଭଡ଼ାଟିଆ ସୈନ୍ୟ ଗୋଷ୍ଠୀ ସୃଷ୍ଟି କରିବାରେ ଲାଗିଛି। ସେଥିପାଇଁ ଯୁଦ୍ଧ ଡାକରା ଦେଉଥିବା ଭାରତୀୟମାନେ ନିଜର ସ୍ଥିତିକୁ ବୁଝିକରି କଥା କହିବା ଦରକାର।

# ସମଲିଙ୍ଗୀ ବିବାହ ଓ ଆସନ୍ନ ବିଭ୍ରାଟ

ଛାୟାକାନ୍ତ ଷଡ଼ଙ୍ଗୀ

ଦିନ ଥିଲା, କେହି 'ବିଧବା' ବା 'ବିପତ୍ନିକା' ଶବ୍ଦ ବ୍ୟବହାର କଲେ ବ୍ୟାକରଣ ଦୃଷ୍ଟିରୁ ଆମେ ତାକୁ ଭୁଲ୍ କହୁଥିଲୁ। ବ୍ୟାକରଣ ନିୟମ ଅନୁସାରେ ଯାହାର ଧବ (ସ୍ୱାମୀ) ନାହିଁ ସେ ବିଧବା। ସ୍ୱାମୀ ନ ଥିବା ଲୋକଟି ନିଶ୍ଚୟ ସ୍ତ୍ରୀଲୋକ ହୋଇଥିବାରୁ ବ୍ୟାକରଣ ନିୟମ ଅନୁସାରେ ସ୍ତ୍ରୀଲିଙ୍ଗବାଚକ ଶବ୍ଦ ଭାବରେ ଆକାରନ୍ତ 'ବିଧବା' ଶବ୍ଦ ହୁଏ। ଠିକ୍ ସେପରି ଯାହାର ପତ୍ନୀ ନାହିଁ ସେ ବିପତ୍ନିକ। ଏହା ପୁଂଲିଙ୍ଗ ବାଚକ ଶବ୍ଦ। ଜଣେ ନାରୀର ସ୍ତ୍ରୀ ସମ୍ଭବ ହେଉ ନ ଥିବାରୁ ବ୍ୟାକରଣ ନିୟମ ଦୃଷ୍ଟିରୁ 'ବିପତ୍ନିକା' ଶବ୍ଦ ହେଉ ନ ଥିଲା ଠିକ୍ ଯେପରି ପୁରୁଷର ଧବ (ସ୍ୱାମୀ) ସମ୍ଭବ ହେଉନଥିବାରୁ 'ବିଧବ' ବ୍ୟବହାର ହେଉ ନ ଥିଲା। ଏବେ ମାନ୍ୟବର ଉଚ୍ଚନ୍ୟାୟାଳୟ ସମ୍ମତି ସହ ହେଉଥିବା ସମଲିଙ୍ଗୀ ସମ୍ପର୍କକୁ ବୈଧତା ପ୍ରଦାନ କଲେଣି। ତେଣୁ ୪୦୦ରୁ ଊର୍ଦ୍ଧ୍ୱ ସମଲିଙ୍ଗୀଙ୍କ ମାତାପିତାଙ୍କ ସଂଗଠନ 'ସ୍ୱୀକାର' ତାଙ୍କ ପିଲାମାନଙ୍କ ଏକତ୍ରବାସକୁ ବିବାହ ଭାବରେ ସ୍ୱୀକୃତି ଦେବା ପାଇଁ ଦାବି କରୁଛନ୍ତି। ଯଦି ଉଚ୍ଚନ୍ୟାୟାଳୟ ଏହାକୁ ଆଇନଗତ ସ୍ୱୀକୃତି ଦିଅନ୍ତି, ଏଣିକି ଜଣେ ପୁରୁଷ ଆଉ ଜଣେ ପୁରୁଷକୁ ବିବାହ କରିପାରିବ ଓ ପତ୍ନୀହରା ହେଲେ ଆମେ ତାକୁ 'ବିଧବ' କହିପାରିବା। ଠିକ୍ ସେପରି ଜଣେ ନାରୀ ଆଉ ଜଣେ ନାରୀକୁ ବିବାହ କରିପାରିବ ଓ ପତ୍ନୀହରା ହେଲେ ଆମେ ତାକୁ 'ବିପତ୍ନିକା' କହିପାରିବା। ଖବରକାଗଜ ସମଲିଙ୍ଗୀମାନଙ୍କ ଏହି ଦାବି ସମ୍ପର୍କରେ ଖବର ପ୍ରସାରଣ କଲାବେଳେ 'ସମଲିଙ୍ଗୀ ଦମ୍ପତି' ଶବ୍ଦ ବ୍ୟବହାର କଲେଣି। ଜାୟା ଓ ପତି ଦୁଇଟି ଶବ୍ଦ ମିଶି ଦମ୍ପତି ଶବ୍ଦଟି ସୃଷ୍ଟି ହୁଏ। ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦିଆଗଲେ ଦୁଇଜଣଙ୍କ ମଧ୍ୟରେ ଜାୟା କିଏ ଓ ପତ୍ନୀ କିଏ ତାହା ବୁଝିବା ଆଉ ଏକ ସମସ୍ୟା ସୃଷ୍ଟି କରିବ। ଦେଖିବାକୁ ବାକି ରହିଲା ଏହି ନିର୍ଦ୍ଧାରଣ ସେମାନେ ନିଜେ କରିବେ ନା ଏଥିପାଇଁ ମାନ୍ୟବର ଉଚ୍ଚନ୍ୟାୟାଳୟକୁ ଯିବାକୁ ପଡ଼ିବ।

ସମଲିଙ୍ଗୀ ସମ୍ପର୍କ ପୃଥିବୀର ବହୁ ଦେଶରେ ପରିଲକ୍ଷିତ ହେଉଥିବା ସତ୍ତ୍ୱେ ପ୍ରଥମେ ଏହାକୁ ଏକ ରୋଗ ଭାବରେ ବିବେଚନା କରାଯାଉଥିଲା। ଡ. ଉମେଶ ପତ୍ରୀଙ୍କ ମତରେ, ଜର୍ମାନୀର ଚିକିତ୍ସକ ଓ ଗବେଷକଗଣ ଉନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏ ସମ୍ପର୍କରେ ପ୍ରଥମେ ଲେଖନୀ ଚାଳନା କରିଥିଲେ। କାର୍ଲ ହେନ୍‌ରିଚ୍ ଅନରିଚ୍ (୧୮୨୫-୧୮୯୫) ବୋଧହୁଏ ଏ ସମ୍ପର୍କରେ ପ୍ରଥମ ଗବେଷକ। ସେ ଏ ବିଷୟରେ ବାରଟି ପୁସ୍ତିକା ଲେଖିଥିଲେ। ତାଙ୍କ ପରି କାର୍ଲ ୱେଷ୍ଟହେଲ (୧୮୩୩-୧୮୯୦) ନିଜେ ଚିକିତ୍ସକ ଭାବରେ ସମଲିଙ୍ଗୀମାନଙ୍କ ଯୌନ ବ୍ୟବହାର ଉପରେ କିଛି ବୈଜ୍ଞାନିକ ତଥ୍ୟ ଦେଇଥିଲେ। ସେ ସମୟରେ ସମଲିଙ୍ଗୀମାନଙ୍କୁ ଚିକିତ୍ସାର ସାହାରା ନେବାକୁ ପଡୁଥିଲା। ଏହା ଏକ ବିଶ୍ୱବ୍ୟାପୀ ସ୍ୱାଭାବିକ ପ୍ରବୃତ୍ତି ହୋଇଥିଲେ ମଧ୍ୟ ଅତୀତରେ ଏହିପରି ସମ୍ପର୍କରେ ଲିପ୍ତ ଥିବା ଲୋକେ ଲଜ୍ଜା ଅନୁଭବ କରୁଥିଲେ ଓ ତାକୁ ଲୁଚାଉଥିଲେ। ବୋଧହୁଏ ସେମାନେ ନିଜେ ଅନୁଭବ କରୁଥିଲେ ଯେ ସେମାନଙ୍କ ପ୍ରବୃତ୍ତି ଅଶ୍ଳୀଳ ଓ ବର୍ବର। ମାତ୍ର ସମ୍ପ୍ରତି ସମଲିଙ୍ଗୀମାନଙ୍କ ପ୍ରତି ଦୃଷ୍ଟିକୋଣ ବଦଳିଛି। ଅନ୍ୟମାନଙ୍କ ଭଳି ସେମାନେ ବି ମଣିଷ। ଏଣୁ ସେମାନେ ସମାନ ମାନବିକ ଅଧିକାର ଦାବି କରୁଛନ୍ତି ଓ ମର୍ଯ୍ୟାଦାର ସହ ବଞ୍ଚିବାକୁ ଚାହୁଁଛନ୍ତି। ମାତ୍ର ସମସ୍ୟା ହେଉଛି ସେମାନଙ୍କ ବିବାହକୁ ଆଇନଗତ ସ୍ୱୀକୃତି ଦାବି। ପୃଥିବୀର ବହୁ ଦେଶରେ ଏହି ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦିଆଯାଇଛି। ଯୁକ୍ତି କରି ଭାରତ ମଧ୍ୟ ଏହାକୁ ସ୍ୱୀକୃତି ଦେଉ ବୋଲି କହିବା ଯଥାର୍ଥ ନୁହେଁ। ପ୍ରତ୍ୟେକ ଦେଶର ନିଜସ୍ୱ ସଂସ୍କୃତି, ପରମ୍ପରା ଓ ଦୃଷ୍ଟିଭଙ୍ଗୀ ଅଛି। ଏହି ବିଶାଳ ପୃଥିବୀରେ ସବୁ ଦେଶର, ସବୁ ଲୋକଙ୍କଠାରୁ ଗୋଟିଏ ସଂସ୍କୃତି ବା ଦୃଷ୍ଟିଭଙ୍ଗୀ ଆଶା କରିବା ସମ୍ଭବ ନୁହେଁ। ଏଣୁ ଭାରତ ପରିପ୍ରେକ୍ଷୀରେ ସମଲିଙ୍ଗୀ ବିବାହର ଯଥାର୍ଥ କେତେ ତାହା ଅନୁଶୀଳନଯୋଗ୍ୟ। ବିଭିନ୍ନ ଧର୍ମରେ ସମଲିଙ୍ଗୀ ସମ୍ପର୍କ ପ୍ରତି ଉଭୟ ସକାରାତ୍ମକ ଓ ନକାରାତ୍ମକ ଦୃଷ୍ଟିଭଙ୍ଗୀ ରହିଛି। ଏଣୁ ଧାର୍ମିକ ଦୃଷ୍ଟିକୋଣରୁ ଏହି ସମସ୍ୟାର ବିଚାର ନ କରି ମାନବିକ ଦୃଷ୍ଟିକୋଣରୁ ଏହାର ବିଚାର ବେଶି ଗ୍ରହଣଯୋଗ୍ୟ।

ପଶୁପକ୍ଷୀଠୁ ଆରମ୍ଭକରି ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କର ଯୌନପ୍ରବୃତ୍ତି ପ୍ରକୃତିଦତ୍ତ। ଏହି ସମଲିଙ୍ଗୀ ଯୌନ ପ୍ରବୃତ୍ତି ବହୁ ପଶୁ ଓ ପକ୍ଷୀଙ୍କଠାରେ ମଧ୍ୟ ପରିଲକ୍ଷିତ ହୁଏ। କେହି କେହି ଯୁକ୍ତି କରନ୍ତି ମଣିଷକୁ ଯଦି ମାଙ୍କଡ଼ର ବଂଶଧର ବୋଲି ଧରି ନିଆଯାଏ ତା'ହେଲେ ପଶୁର ସ୍ୱଭାବ ମଣିଷ ପାଖକୁ ସଂକ୍ରମିତ ହୋଇଛି। ମାତ୍ର ମଣିଷ ହେଉଛି ମାଙ୍କଡ଼ର ବିବର୍ତ୍ତିତ ସଭ୍ୟ ରୂପ। ସେ ମାଙ୍କଡ଼ଠାରୁ ଅଧିକ ମାର୍ଜିତ ହୋଇଥିବାରୁ ସେ ପଶୁ ପଦବାଚ୍ୟ ନ ହୋଇ ମଣିଷ ହୋଇଛି। ଏଣୁ ମଣିଷଠାରୁ ସଭ୍ୟ ଶ୍ଳୀଳ ଓ ମାର୍ଜିତ ଆଚରଣ ଆଶା କରାଯାଏ। ପଶୁମାନଙ୍କଠାରେ ଯୌନପ୍ରବୃତ୍ତି କେବେ ବିବାହରେ ରୂପାନ୍ତରିତ ହୁଏନାହିଁ। ସେମାନଙ୍କ ଯୌନ ସମ୍ପର୍କରେ କୌଣସି ଶୃଙ୍ଖଳା ନ ଥାଏ। ଯୌନ ସମ୍ପର୍କକୁ ଶୃଙ୍ଖଳିତ କରିବା ପାଇଁ ମଣିଷ ସମାଜରେ ବିବାହର ପରିକଳ୍ପନା କରାଯାଇଛି। ଏହି ବିବାହର ଲକ୍ଷ୍ୟ ଉଭୟ ଯୌନସୁଖପ୍ରାପ୍ତି ଓ ସନ୍ତାନ ସୃଷ୍ଟି। ଦୁଇଟି ବିପରୀତ ଲିଙ୍ଗ ମଧ୍ୟରେ ଯୌନ ସମ୍ପର୍କ ଯେଭଳି ପ୍ରାକୃତିକ, ସମଲିଙ୍ଗୀ ସମ୍ପର୍କ ଏକ ପ୍ରବୃତ୍ତି ହେଲେ ମଧ୍ୟ ଏହା ଏକ ବିକୃତି, କାରଣ ଅତି ନଗଣ୍ୟ ଅନୁପାତରେ ଲୋକଙ୍କ ମଧ୍ୟରେ ଏହା ପରିଲକ୍ଷିତ ହୁଏ। ପ୍ରାକୃତିକ ନିୟମର ମଧ୍ୟ ବ୍ୟତିକ୍ରମ ଅଛି। ସମଲିଙ୍ଗୀ ସମ୍ପର୍କ ମଧ୍ୟ ଏକ ବ୍ୟତିକ୍ରମ। ଏହି ବ୍ୟତିକ୍ରମାତ୍ମକ ପ୍ରବୃତ୍ତିକୁ ସ୍ୱାଭାବିକ କହି ସମଲିଙ୍ଗୀ ବିବାହକୁ ଆଇନସିଦ୍ଧ କରାଗଲେ ସମାଜରେ ଏକ ଅସୁସ୍ଥ ବାତାବରଣ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହି ଆଇନର ସୁଯୋଗ ନେଇ ବହୁ ନରନାରୀ ଏଭଳି ବିବାହ କରିବାକୁ ଅଗ୍ରସର ହେବେ। ଫଳରେ ସାମାଜିକ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ।



ଭାରତୀୟ ପରମ୍ପରାରେ ବିବାହ ଷୋଡ଼ଶ ସଂସ୍କାର ମଧ୍ୟରେ ଅନ୍ୟତମ। ବିବାହ ହେଉଛି ଏକ ଯଜ୍ଞ। ଦୁଇଟି ଶରୀର, ଦୁଇଟି ଆତ୍ମା ନିଜର ଅସ୍ତିତ୍ୱ ହରାଇ ପରସ୍ପରଠାରେ ବିଲୀନ ହୁଅନ୍ତି। ସ୍ମୃତିରେ ଅଛି "ବିବାହୋ ଗଦ୍ୟତେ ଲୋକେ ଶକ୍ତି ଶକ୍ତିମତୋରିବ। ଏକୀକରଣମୁଭୟୋରାତ୍ମନୋରିତି ଚ ଶ୍ରୁତିଃ। ଦ୍ୱୟସ୍ୟ ଧୀନ୍ଦ୍ରିୟହୃଦାଂ ଦ୍ୱୟୋଃ ପ୍ରାଣ-ଶରୀରୟୋଃ। ଉଭୟରାତ୍ମନୋଶ୍ଚୈଷ ପ୍ରେମବ୍ରତ-ସମନ୍ୱୟଃ।" ଅର୍ଥାତ ଶକ୍ତି ଓ ଶକ୍ତିମାନ ଏକ ହେବାପରି ବିବାହ ହେଉଛି ଦୁଇଟି ଆତ୍ମାର ଏକୀକରଣ। ଦୁଇଟି ଶରୀର, ଦୁଇଟି ମନ, ଦୁଇଟି ହୃଦୟ, ଦୁଇଟି ପ୍ରାଣ, ଦୁଇଟି ଆତ୍ମାର ସମନ୍ୱୟ କରି ପତିପତ୍ନୀ ପ୍ରେମବ୍ରତ ନିର୍ବାହ କରନ୍ତି। ବିବାହ ପରବର୍ତ୍ତୀ ମିଳନରୁ ସ୍ତ୍ରୀ ଗର୍ଭଧାରଣ କରନ୍ତି। ସ୍ତ୍ରୀ ଦଶମାସ ସନ୍ତାନକୁ ଗର୍ଭରେ ଧରି ଅନେକ କଷ୍ଟ ବରଣ କରି ଯେଉଁ ସନ୍ତାନକୁ ଜନ୍ମଦିଅନ୍ତି ତା' ପ୍ରତି ତାଙ୍କ ଅନାବିଳ ସ୍ନେହ ପ୍ରକାଶ ପାଏ। ସେହି ସ୍ନେହ ପୂରା ପରିବାରକୁ ପବିତ୍ର ପ୍ରେମବନ୍ଧନରେ ବାନ୍ଧିରଖେ। ଦୁଇଜଣ ସମଲିଙ୍ଗୀଙ୍କ ପ୍ରାକୃତିକ ଜୈବିକ ମିଳନ ସମ୍ଭବ ନୁହେଁ। ସେମାନେ ଏକତ୍ର ରହି ଯଦି ପୋଷ୍ୟସନ୍ତାନ ଗ୍ରହଣ କରନ୍ତି ତାହା ପୂର୍ବୋକ୍ତ ବାତାବରଣ ସୃଷ୍ଟି କରିପାରିବ ନାହିଁ।

ସମଲିଙ୍ଗୀ ସମ୍ପର୍କ ବ୍ୟତିକ୍ରମାତ୍ମକ ପ୍ରବୃତ୍ତିଗତ ସମ୍ପର୍କ ଭାବରେ ଆତ୍ମପ୍ରକାଶ କରିପାରେ, ମାତ୍ର ଅଧିକାଂଶ ଧାର୍ମୀୟ ସମ୍ପ୍ରଦାୟ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦିଅନ୍ତିନାହିଁ। ଆଜିର ଗଣତାନ୍ତ୍ରିକ ମୂଲ୍ୟବୋଧର ଯୁଗରେ ସମଲିଙ୍ଗୀଙ୍କ ମଧ୍ୟ ମଣିଷ ଭାବରେ ବଞ୍ଚିବା ପାଇଁ ଅଧିକାର ଅଛି। ସହମତିଭିତ୍ତିକ ସମଲିଙ୍ଗୀ ସମ୍ପର୍କକୁ ମଧ୍ୟ ଆଇନଗତ ସ୍ୱୀକୃତି ଦିଆସରିଛି। ମାତ୍ର ସେମାନଙ୍କ 'ବିବାହ' ଗ୍ରହଣଯୋଗ୍ୟ ମନେହେଉନି। ଜୈବିକ ବିଚାର ଦୃଷ୍ଟିରୁ 'ସମଲିଙ୍ଗୀ ବିବାହ' ଶବ୍ଦର ପ୍ରୟୋଗ ଏକ ଭାଷିକ ବିଡ଼ମ୍ବନା।

ମୋ: ୯୪୩୭୩୨୯୨୬୩

# ଦେବୋପମ ଦେବେନ୍ଦ୍ର ଶତପଥୀ

ଡ. ହୃଷୀକେଶ ମଲ୍ଲିକ

ଦେବେନ୍ଦ୍ର ଶତପଥୀଙ୍କ କଥା ସ୍ମରଣକୁ ଆସିବାମାତ୍ରେ ତାଙ୍କୁ ଜାଣିଥିବା ଲୋକଙ୍କ ଆଖି ସାମ୍ନାକୁ ଏକ ଦିବ୍ୟ ଚେହେରା ଆସିଯାଏ। ଶାନ୍ତ, ସୁଧାର, ସୌମ୍ୟ ଅଥଚ ବୁଦ୍ଧିଦୀପ୍ତ, ସଦା ପ୍ରସନ୍ନ। ସେ ଢେଙ୍କାନାଳର ଲୋକ ସଭା ସଦସ୍ୟ ଥିଲେ। 'ଧରିତ୍ରୀ'ର ଥିଲେ ସମ୍ପାଦକ। କେବଳ ନିଜ ଲୋକ ସଭା କ୍ଷେତ୍ର ନୁହେଁ, ସାଧାରଣ ଗରିବ ମଣିଷଟିଏ ଯେଉଁଠି କିଛି ସମସ୍ୟାର ଶରବ୍ୟ ହେଉଥିଲା ଏବଂ ଯାହାର ଦୂରୀକରଣ ଅପରିହାର୍ଯ୍ୟ ; ସେ ଦିଗରେ ସେ ସମାଧାନର ନିଜସ୍ୱ ସୂତ୍ରଟିଏ ଧରି ଅଗ୍ରସର ହେଉଥିଲେ। ଥରେ ସେ ଶୁଣିଲେ ଯେ ଆଚାର୍ଯ୍ୟ ବିହାର ଛକରେ ବାରମ୍ବାର ଦୁର୍ଘଟଣା ହେଉଛି ଓ ଲୋକଙ୍କର ପ୍ରାଣହାନି ଘଟୁଛି। ଏ ସମ୍ପର୍କରେ ତୁରନ୍ତ 'ଧରିତ୍ରୀ'ରେ ନିଜେ ଲେଖୁଥିବା 'ଡାଏରୀ' ପୃଷ୍ଠାରେ ଏହାର ସମାଧାନ ଦିଗରେ ସରକାର ଉଦ୍ୟମ କରିବାକୁ ପ୍ରସ୍ତାବ ଦେଲେ। ଦେବେନ୍ଦ୍ର ବାବୁଙ୍କ ଲେଖାଟି 'ଡାଏରୀ' ପୃଷ୍ଠାରେ ପ୍ରକାଶ ପାଇବା ପରେ ସରକାରଙ୍କ ଉପରେ ଏହାର ପ୍ରଭାବ ପଡ଼ିଲା ଓ ଏକ ମାସ ମଧ୍ୟରେ ଆଚାର୍ଯ୍ୟ ବିହାରର ଟ୍ରାଫିକ୍ ବ୍ୟବସ୍ଥାର ପରିବର୍ତ୍ତନ କରାଯାଇ ସୁଧାର ଅଣାଗଲା।

ଆଉ ଗୋଟିଏ ଘଟଣା। ଥରେ ଦେବେନ୍ଦ୍ର ବାବୁଙ୍କ ଗାଡ଼ି ଚାଳକ ତାଙ୍କର ଆଣ୍ଠୁବ୍ୟଥା ସମସ୍ୟା ପାଇଁ ଛ'ନମ୍ବର ସରକାରୀ ଡାକ୍ତରଖାନାର ବହିର୍ବିଭାଗକୁ ଯାଇଥିଲେ। ସେଠାରେ ଥିବା ଡାକ୍ତର ତାଙ୍କୁ ଏକ ଔଷଧ ଲେଖିଦେଲେ, ଯାହାର ମୂଲ୍ୟ ଚାରିଶହ ଟଙ୍କା। ଡାକ୍ତରଖାନାରେ ଆଣ୍ଠୁବ୍ୟଥା ଉପଶମ ପାଇଁ କୌଣସି ଔଷଧ ଉପଲବ୍ଧ ନୁହେଁ ବୋଲି ନିରାଶବାଣୀ ଶୁଣିଲା ପରେ ଆର୍ଥିକ ଭାବେ ସ୍ୱଚ୍ଛଳ ନ ଥିବା ଚାଳକ ଜଣଙ୍କ ଡାକ୍ତରଙ୍କ ଲେଖାଟି ଧରି ମୁହଁ ଶୁଖାଇ ଘରକୁ ଫେରିଆସିଲେ। ଯେତେବେଳେ ଦେବେନ୍ଦ୍ର ବାବୁ ତାକୁ ପଚାରିଲେ- "କିରେ, ମୁହଁ ଶୁଖାଇଛୁ କାହିଁକି?" ସେ ସବୁକଥା କହିଲା। ତାହା ଶୁଣି ଦେବେନ୍ଦ୍ର ବାବୁ ବ୍ୟଥିତ ହେଲେ ଓ ସେହି ବିଷୟଟିକୁ 'ଡାଏରୀ' ସ୍ତମ୍ଭରେ ନିଜର ମତାମତ ସହ ଲେଖିଲେ। ତାଙ୍କ ଲେଖାଟିର ସାରମର୍ମ ଥିଲା- ଯଦି ଜଣେ ଗରିବ ରୋଗୀ ସାମାନ୍ୟ ଏକ ସ୍ୱାସ୍ଥ୍ୟ ସମସ୍ୟା ନେଇ ସରକାରୀ ଡାକ୍ତରଖାନାକୁ ଯାଏ ଓ ଔଷଧ ନ ପାଇ ଏକ ଦାମୀ ଔଷଧର ଚିଠା ଧରି ଫେରେ, ତେବେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଡାକ୍ତରଖାନାଗୁଡ଼ିକ କେଉଁ କାମରେ ଲାଗିବେ! ଦେବେନ୍ଦ୍ର ବାବୁଙ୍କର ଲେଖାଟି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟିକୁ ଆସିବା ପରେ ସରକାରୀ ଡାକ୍ତରଖାନାରେ ଔଷଧ ମହଜୁଦ ରଖିବା ପାଇଁ ଓ ରୋଗୀଙ୍କୁ ତାଙ୍କ ସାମର୍ଥ୍ୟ ଅନୁରୂପ ଔଷଧ ଲେଖିଦେବାକୁ ତାଗିଦା କରାଗଲା।

'ଧରିତ୍ରୀ'ର ସମ୍ପାଦକ ଦାୟିତ୍ୱରେ ଥିବାବେଳେ ସବୁବେଳେ ସେ ଗୁରୁତ୍ୱ ଦିଅନ୍ତି ଖବରଦାତାମାନେ ନିଜ ଅଞ୍ଚଳର ସତ୍ୟ ଖବର ଦିଅନ୍ତୁ। ମିଛ ଓ ଚାଞ୍ଚଲ୍ୟକର ଖବର ଚହଳ ପକାଇପାରେ, କିନ୍ତୁ ସମୟକ୍ରମେ ଯଦି ତାହା ମିଛ ବୋଲି ଜଣାପଡ଼ିଗଲା,

**ପୁଣ୍ୟତିଥି ଉପଲକ୍ଷେ**



ତେବେ ଲୋକେ ଆଉ ସେହି କାଗଜକୁ ଓ କାଗଜର ପ୍ରତିନିଧିଙ୍କୁ ବିଶ୍ୱାସକୁ ନେବେ ନାହିଁ। 'ମିଥ୍ୟା ଖବର' ଗୋଟିଏ ଖବରକାଗଜର ତାତ୍‌କାଳିକ କାଟ୍‌ତି ବଢ଼ାଇ ଦେଇପାରେ, କିନ୍ତୁ କିଛିଦିନ ପରେ ଖବରକାଗଜ ପ୍ରତି ଲୋକଙ୍କ ଆସ୍ଥା ତୁଟାଇଦେବ। ସମସ୍ୟା ଯେତେ ବଡ଼ ହେଉ, ତା'ର ଏକ ସରଳ ସମାଧାନଟିଏ ତାଙ୍କ ପାଖରେ ସଦାବେଳେ ମହଜୁଦ ଥିଲା। ସବୁଠୁଁ ବଡ଼ କଥା ହେଲା, କୌଣସି ଘଟଣା, ରାଜନୈତିକ ହେଉ କି ସାମାଜିକ ହେଉ, ତାଙ୍କୁ କଦାପି ବିଚଳିତ କରୁ ନ ଥିଲା। ସେ ଥିଲେ ଗଭୀର ଆତ୍ମବିଶ୍ୱାସୀ, ପ୍ରଶସ୍ତମନା ଓ ଆଧ୍ୟାତ୍ମିକ ମନୋଭାବନାଯୁକ୍ତ ଜଣେ ସମ୍ପୂର୍ଣ୍ଣ ମଣିଷ। ତାଙ୍କ ମୁହଁରେ ହସ ନ ଥିବା ବୋଧହୁଏ କେହି କେବେ ଦେଖି ନ ଥିବେ! ତାଙ୍କ ପାଖକୁ ଆସି ଅସମ୍ମାନିତ ହୋଇ କେହି କେବେ ଫେରିଯାଇଥିବେ, ଏ କଥା ଘଟି ନ ଥିବ।

ସେ ରାଜନୀତି କରୁଥିଲେ ସତ୍ୟ, କିନ୍ତୁ ରାଜନୀତିର ପଙ୍କ କାଦୁଅରେ ଘାଣ୍ଟି ହେଉ ନ ଥିଲେ। ଲୋକଙ୍କୁ ସେ କେବେ ନ କରିପାରିବା କାମ ପାଇଁ ପ୍ରତିଶ୍ରୁତି ଦେଉଥିବା କେହି କହିପାରିବ ନାହିଁ। 'ଧରିତ୍ରୀ' ଓ ତାଙ୍କ ଘର ଥିଲା ବୁଦ୍ଧିଜୀବୀ, ବିଦ୍ୱାନ୍‌ମାନଙ୍କର ଅବିରାମ ଚଳପ୍ରଚଳର ଏକ ଖୋଲା ଅବକାଶ। ଲେଖିକା ଲେଖକମାନଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣୁଥିଲେ ଓ ତାଙ୍କୁ ଅଯାଚିତ ଭାବେ ସମ୍ମାନ ଦେଉଥିଲେ। ଫଳରେ 'ଧରିତ୍ରୀ' ସାହିତ୍ୟ ଓ ସଂସ୍କୃତିର ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଭାବେ ମୂଳରୁ ଗଢ଼ିଉଠିଥିଲା। ସେ ଥିଲେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରିତ। ଶ୍ରୀଅରବିନ୍ଦଙ୍କ ସିଦ୍ଧି ଦିବସ ନଭେମ୍ବର ୨୪ ତାରିଖ ୧୯୭୪ ମସିହାରେ 'ଧରିତ୍ରୀ' ପ୍ରକାଶ ପାଇଥିଲା। ପ୍ରଥମ ପ୍ରକାଶଦିନ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ରାମନାଥ ପଣ୍ଡା ('ଧରିତ୍ରୀ'ର ପ୍ରଥମ ସମ୍ପାଦକ)ଙ୍କ ସହ ସେ ଉପସ୍ଥିତ ଥିଲେ। 'ଧରିତ୍ରୀ' ପଛରେ ଆଧ୍ୟାତ୍ମିକ ସଦିଚ୍ଛା ଥିବାରୁ କି କ'ଣ, ଏହାର ଜନ୍ମ କାହାରି ପ୍ରତିଦ୍ୱନ୍ଦ୍ୱୀ ଭାବେ ହୋଇ ନାହିଁ କି କୌଣସି କଳୁଷିତ ରାଜନୈତିକ ଅଭିସନ୍ଧିକୁ ଚରିତାର୍ଥ କରିବାକୁ ହୋଇ ନାହିଁ। ଏପରି ଏକ ନିରପେକ୍ଷ, ସତ୍ୟନିଷ୍ଠ କାଗଜର ଜନ୍ମଲଗ୍ନ ସହ ଦେବେନ୍ଦ୍ର ବାବୁଙ୍କ ଭଳି ମହତ୍ ଲୋକଙ୍କ ଯୋଡ଼ିହେବା ଆଜି ଇତିହାସ।

ସେ ରାଜନୀତିରେ ଅବାଞ୍ଛିତ ଭାବେ ମହତ୍ତ୍ୱାକାଂକ୍ଷୀ ନ ଥିବାରୁ ରାଜନୀତିର ଆସନ୍ତାକାଲିଗୁଡ଼ିକୁ ଢେର୍ ଆଗରୁ ଦେଖିପାରୁଥିଲେ। ନନ୍ଦିନୀ ଦେବୀ କେନ୍ଦ୍ରରେ ଉପମନ୍ତ୍ରୀ ଥିବାବେଳେ ସେ 'ଧରିତ୍ରୀ'ର ବାର୍ତ୍ତା ସମ୍ପାଦକ ନଗେନ୍ ବେଉରିଆଙ୍କୁ ଏକ ପତ୍ରରେ ଲେଖିଥିଲେ, ଓଡ଼ିଶାର ରାଜନୀତିରେ କେତେକ ଅଭାବିତ କଥା ଘଟିବାକୁ ଯାଉଛି। ରାଜ୍ୟର ନେତୃତ୍ୱ ଯୁବଶକ୍ତି ହାତକୁ ଆସିପାରେ। ତାହା ହିଁ ହେଲା। କିଛିଦିନ ପରେ ନନ୍ଦିନୀ ଦେବୀ କେନ୍ଦ୍ରର ମନ୍ତ୍ରୀ ପଦ ଛାଡ଼ି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲେ। ସେହିପରି ଭାରତରେ ଜରୁରିକାଳୀନ ସ୍ଥିତି ଜାରି ହେବାର ବହୁ ପୂର୍ବରୁ ସେ ଦେଶ ଏକ ରାଜନୈତିକ ଏକଛତ୍ରବାଦ ଆଡ଼କୁ ଆଗଉଛି ବୋଲି ଅନୁମାନ କରିପାରିଥିଲେ ଏବଂ ତାହା ହିଁ ହେଲା। ଇନ୍ଦିରା ଗାନ୍ଧୀ ୧୯୭୫ରେ ଦେଶରେ ଜରୁରୀ ସ୍ଥିତି ଜାରି କଲେ। ଏହାଦ୍ୱାରା ମୁଁ ଏକଥା କହୁ ନାହିଁ ଯେ, ଦେବେନ୍ଦ୍ର ବାବୁ ସର୍ବଜ୍ଞ ଥିଲେ। କିନ୍ତୁ ପୁଣ୍ୟାତ୍ମା ଥିବାରୁ ମହାଭାରତର ବିଦୁରଙ୍କ ପରି ଅନେକ ଆଗତ କଥା ତାଙ୍କ ଚେତନାରେ ଛାୟାପାତ କରୁଥିଲା। ଏହିଭଳି ଜଣେ ମହାନୁଭବୀ, ଦେବୋପମ ବ୍ୟକ୍ତିଙ୍କର ଆଜି ପୁଣ୍ୟତିଥି। ତାଙ୍କ ପବିତ୍ର ସ୍ମୃତି ପ୍ରତି ଶ୍ରଦ୍ଧାର୍ପଣ ଆଜି ଆମର ଏକ ଜାତୀୟ କର୍ତ୍ତବ୍ୟ।

ମୋ: ୯୮୫୩୨୮୭୭୫୫

## ଏଇ ଭାରତରେ

ଚମ୍ବଲ ନାଁ ଶୁଣିଲେ ଭୟ ଆସେ। ଡକାୟତଙ୍କ ଆଡ୍ଡା, ବେଆଇନ ଖଣି ଖନନ ଏବଂ ବନଜାତଦ୍ରବ୍ୟର ଚୋରା ଚାଲାଣ ଲାଗି ଚମ୍ବଲ୍ୟ କୁଖ୍ୟାତି ସର୍ବତ୍ର ଜଣାଶୁଣା। କିନ୍ତୁ ସେହି ସ୍ଥାନରେ ଏବେ ପର୍ଯ୍ୟଟନ ବିକାଶ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଅନୁଧିଲନ ସିଂ ଓ ତାଙ୍କ ସ୍ୱାମୀ ରାମପ୍ରତାପ ସିଂ ଏବେ ଚମ୍ବଲକୁ ସଂସ୍କୃତି ଓ ପର୍ଯ୍ୟଟନର କେନ୍ଦ୍ର କରିବାର ଚେଷ୍ଟା ଜାରି ରଖିଛନ୍ତି। ସେଠାରେ ରାମପ୍ରତାପ ସିଂ ତାଙ୍କ ପୈତୃକ ସମ୍ପତ୍ତି ପ୍ରାୟ ୨୦୦ ଏକରରେ କୋଠିମେଲା (ଏକ ସଫାରି ଲଜ୍) ନିର୍ମାଣ କରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଛନ୍ତି। ଏହି ସ୍ଥାନରେ ରହି ପର୍ଯ୍ୟଟକମାନେ ବି ନିକଟସ୍ଥ ଚମ୍ବଲ ଜାତୀୟ ଉଦ୍ୟାନ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପାଉଛନ୍ତି। ଉକ୍ତ ସଫାରି ଲଜ୍ ହାଭେଲି ଗାଁରେ ଅବସ୍ଥିତ। ଏହି ଲଜ୍‌କୁ ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶ ମଧ୍ୟରେ କରାଯାଇଛି। ମୁଖ୍ୟତଃ ଅକ୍ଟୋବରରୁ ଏପ୍ରିଲ ମଧ୍ୟରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବର୍ଷର ଅନ୍ୟ ସମୟରେ ବି ପର୍ଯ୍ୟଟକମାନେ ସେଠାକୁ ଯାଉଛନ୍ତି। ଚମ୍ବଲ ଭଳି ସ୍ଥାନରେ ଏଭଳି ଏକ ପର୍ଯ୍ୟଟନ ବିକାଶ ସେଠାକାର ଲୋକଙ୍କ ଜୀବନ ଶୈଳୀରେ ଏକ ପରିବର୍ତ୍ତନ ଆଣିବ ବୋଲି କହନ୍ତି ରାମପ୍ରତାପ ସିଂ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୬ ଜୁନ୍ ୧୯୯୮

- ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ମୋର୍ଚ୍ଚାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସାଂସଦ ବୁଟା ସିଂଙ୍କ ଯୋଗଦାନ।
- ଦକ୍ଷିଣ ଏସିଆ ଅଞ୍ଚଳରେ ଦେଖାଦେଇଥିବା ଉତ୍ତେଜନାକୁ ହ୍ରାସ କରିବା ଦିଗରେ ସହାୟକ ହେବା ପାଇଁ ଜାତିସଂଘ ସେକ୍ରେଟାରୀ ଜେନେରାଲ କୋଫି ଆନ୍ନାନ ପଠାଇଥିବା ତିନି ସଦସ୍ୟ ବିଶିଷ୍ଟ ଜାତିସଂଘ ପ୍ରତିନିଧି ଦଳକୁ ଭାରତର ପ୍ରତ୍ୟାଖ୍ୟାନ।
- ଚୀନ୍ ଦକ୍ଷିଣାଞ୍ଚଳରେ ତିନୋଟି ପ୍ରଦେଶରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ୪୦୦ରୁ ଅଧିକ ଲୋକଙ୍କ ଜୀବନହାନୀ।

## ଚିରନ୍ତନୀ

(କିନ୍ତୁ) ତବ ଅପମାନ ବନ୍ଧୁ!
ଶୁଣେଁ ଯେବେ ଜଗତର ମୁଖେ,
ବଧିର ହେଉ ଏ କର୍ଣ୍ଣ
ତୀର ସମ ବାଜୁ ତାହା ବୁକେ।
(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | 7 |
| | | | | | | 2 | 6 | |
| | | | | | | 5 | | 1 |
| | | 1 | 8 | | | | | |
| | | 9 | | 6 | 1 | | | 8 |
| 3 | | | 9 | | | 4 | | 2 |
| | 8 | | | 3 | | | | |
| | 5 | | 1 | | | 9 | | |
| 7 | | 6 | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 6 | 8 | 5 | 7 | 2 | 4 |
| 7 | 4 | 8 | 3 | 2 | 9 | 1 | 5 | 6 |
| 6 | 2 | 5 | 4 | 1 | 7 | 9 | 8 | 3 |
| 3 | 8 | 2 | 9 | 5 | 6 | 4 | 7 | 1 |
| 1 | 9 | 6 | 8 | 7 | 4 | 2 | 3 | 5 |
| 4 | 5 | 7 | 1 | 3 | 2 | 6 | 9 | 8 |
| 5 | 7 | 4 | 2 | 6 | 8 | 3 | 1 | 9 |
| 2 | 6 | 1 | 5 | 9 | 3 | 8 | 4 | 7 |
| 8 | 3 | 9 | 7 | 4 | 1 | 5 | 6 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗଞ୍ଜେଇର ଭୂସ୍ୱର୍ଗ

ମହାଶୟ,

ଓଡ଼ିଶା ଯେ ଏବେ ନିଶାଦ୍ରବ୍ୟ ତଥା ଗଞ୍ଜେଇ ଏବଂ ବ୍ରାଉନ୍‌ସୁଗାର ପରି ଦ୍ରବ୍ୟ ଚୋରା ବେପାରୀଙ୍କ ଭୂସ୍ୱର୍ଗରେ ପରିଣତ ହୋଇଛି ବୋଲି କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ରିପୋର୍ଟରୁ ଜଣାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଇତିମଧ୍ୟରେ ଏସ୍‌ଟିଏଫ୍ ବହୁ କୁଖ୍ୟାତ ନିଶା ମାଫିଆଙ୍କୁ ଗିରଫ କରି ଜେଲ ପଠାଇଥିବା ସମୟରେ ସେମାନଙ୍କ ସମ୍ପତ୍ତି ଜବତ କରି ବାଜ୍ୟାପ୍ତି କରିଛି। ଏହା ସତ୍ତ୍ୱେ ରାଜ୍ୟରେ ଗଞ୍ଜେଇ କାରବାର ତଥା ଚୋରା ଚାଲାଣ ଥମିବାର ନାଁ ଧରୁନାହିଁ। ଚୋରା ବେପାରୀ ମଧ୍ୟ ପୋଲିସ, ଅବକାରୀ, ଏସ୍‌ଟିଏଫ୍‌କୁ ଚକ୍‌ମା ଦେବା ପାଇଁ ଚୋରା ଚାଲାଣରେ ନୂଆ ନୂଆ ତରିକା ବାହାର କରୁଛନ୍ତି। ଏହା ନିଶ୍ଚିତ ଯେ, ରାଜ୍ୟର ଦୁର୍ଗମ ଆଦିବାସୀ ବହୁଳ ପାହାଡ଼ିଆ ଅଞ୍ଚଳ ଗଞ୍ଜେଇ ଚାଷର ମୁଖ୍ୟ କ୍ଷେତ୍ର ପାଲଟିଛି। ପୋଲିସ, ଅବକାରୀ, ବନ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ହଜାର ହଜାର ହେକ୍ଟର ଜଙ୍ଗଲ ଜମିରେ ଗଞ୍ଜେଇ ଗଛ ଉପାଡ଼ି ନିଆଁ ଲଗାଇ ଦେଉଥିବା ସମ୍ବାଦପତ୍ରରେ ସଚିତ୍ର ରିପୋର୍ଟ ପ୍ରକାଶ ପାଉଛି। ଏହା ସତ୍ତ୍ୱେ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ କମୁନାହିଁ। କେବଳ ଗଞ୍ଜେଇ ନୁହେଁ କି ବ୍ରାଉନସୁଗାର ନୁହେଁ, ଗାଁ ଗହଳିରେ ମଦର ପ୍ରସାର ଏତେ ବଢ଼ିଗଲାଣି ଯେ, ନାବାଳକମାନେ ଏବେ ମଦ୍ୟପାନରେ ଅଭ୍ୟସ୍ତ ହୋଇଗଲେଣି। ଯଦି ଏଥିପ୍ରତି ଜନସାଧାରଣ ଏବଂ ବିଭାଗୀୟ ପ୍ରଶାସନ ସଚେତନ ନ ହୁଅନ୍ତି, ତେବେ ସମାଜ ଯଦୁବଂଶର ଦଶା ଭୋଗିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ।

-ସୌଭାଗ୍ୟ ରଂଜନ ମହାନ୍ତି
ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖାଲି ବାତିଲ

ଭୁବନେଶ୍ୱର, ୨୫।୬ (ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ରାଜନୈତିକ ଦଳ ନିଜ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଦେଲେଣି। ଓଡ଼ିଶା କଥା ଦେଖିଲେ ଏଠାରେ ବିଜେଡି ସହ ଭାଜପାର କଡ଼ା ମୁକାବିଲା ହେବ ବୋଲି ବହୁ ଅସନ୍ତୁଷ୍ଟ ଶାସକ ଦଳ ନେତା ଏବଂ ଭାଜପାର ରାଜ୍ୟ ନେତୃବୃନ୍ଦ ଚିନ୍ତା କରୁଛନ୍ତି। ହେଲେ କେନ୍ଦ୍ରୀୟ ଭାଜପା ନେତାମାନଙ୍କ ଗତିବିଧି ଦେଖିଲେ ଭିନ୍ନ ଆଭାସ ମିଳୁଛି। ଅନ୍ୟପଟେ ବିଜେଡିରେ ଥାଇ ମଧ୍ୟ ଅସନ୍ତୁଷ୍ଟ ହୋଇ ରହିଥିବା ଅନେକ ନେତା ଭାଜପାକୁ ଯିବେ ବୋଲି ଏକପ୍ରକାର ମନସ୍ଥ କରିଥିବା ଗୁଜବ ହେଉଛି। ହେଲେ ଭାଜପା କେନ୍ଦ୍ରୀୟ ନେତୃବୃନ୍ଦ କେବେ ବିଜେଡି ବିରୋଧରେ ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ସ୍ପଷ୍ଟ କରିବେ ସେକଥାକୁ ସେମାନେ ଅପେକ୍ଷା କରି ରହିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ଭାଜପା ରାଜ୍ୟ ନେତୃବୃନ୍ଦ ତୃଣମୂଳସ୍ତରରେ ସଙ୍ଗଠନ କରିବାରେ ସଫଳ ହେଉ ନ ଥିବା କାରଣରୁ କେନ୍ଦ୍ରୀୟ ସଂସ୍ଥା ଇଡି, ସିବିଆଇ ସହଯୋଗରେ ଓଡ଼ିଶାରେ ସରକାର କରିନେବେ ବୋଲି ଚିନ୍ତା କରୁଛନ୍ତି। ହେଲେ ଗତ ମେ ୩୦ରୁ ଆସନ୍ତା ୩୦ ତାରିଖ ମଧ୍ୟରେ ମାସବ୍ୟାପୀ ଚାଲିଥିବା ଭାଜପାର ମହାଜନସମ୍ପର୍କ ଅଭିଯାନ ଭଳି କାର୍ଯ୍ୟକ୍ରମକୁ ଦେଖିଲେ ବାସ୍ତବରେ ଓଡ଼ିଶାରେ ଭାଜପା ଶୀର୍ଷ ନେତୃତ୍ୱ ସେପରି କିଛି କରିବେ ନାହିଁ ବୋଲି ବୁଝାପଡୁଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓଡ଼ିଶା ଆସିବା ନେଇ ଭାଜପା ରାଜ୍ୟ ନେତୃବୃନ୍ଦ ବାରମ୍ବାର କହୁଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କ କାର୍ଯ୍ୟକ୍ରମ ଗୋଟିଏ ପରେ ଗୋଟିଏ ଖାଲି ବାତିଲ ହେବାରେ ଲାଗିଛି।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ମହାଜନସମ୍ପର୍କ କାର୍ଯ୍ୟକ୍ରମ ପାଳନ ସମ୍ପର୍କରେ ଯାହା ଚିଠି ଦେଇଛନ୍ତି ସେଥିରୁ ମଧ୍ୟ ସ୍ପଷ୍ଟ ହୋଇଛି, ଓଡ଼ିଶାରେ ଥିବା ସରକାର ଭାଜପା କେନ୍ଦ୍ରୀୟ ନେତାଙ୍କ ସମସ୍ୟାର କାରଣ ନୁହେଁ। ଉକ୍ତ ଚିଠିରେ ନଡ୍ଡା ଉଲ୍ଲେଖ କରିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ୯ ବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ପ୍ରଚାର କରାଯିବ। ହେଲେ କେଉଁଠାରେ ବି ସ୍ଥାନୀୟ ସରକାର ବିରୋଧରେ ପ୍ରଚାର କରିବା ନେଇ ସେଥିରେ ଉଲ୍ଲେଖ ନାହିଁ। ଭାଜପା ରାଜ୍ୟ ନେତାମାନେ ଏ କଥା କହିପାରନ୍ତି କି, ରାଜ୍ୟରେ ସେମାନଙ୍କ ଦଳ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଉଛି ଯେତେବେଳେ କେନ୍ଦ୍ରୀୟ ନେତୃବୃନ୍ଦ ଏ ବିଷୟରେ କହିବାର ଆବଶ୍ୟକତା ନ ଥାଇ ପାରେ। ହେଲେ ଯଦି ଏହା ସେମାନେ କହିବେ, ତେବେ ଉକ୍ତ ଚିଠିରେ ନଡ୍ଡା କିପରି ଉଲ୍ଲେଖ କରିଛନ୍ତି, ଜୁନ୍ ୨୫ ଅର୍ଥାତ୍ ରବିବାର ପ୍ରତ୍ୟେକ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରମୁଖ ସ୍ଥାନରେ କଂଗ୍ରେସ ତା'ର ଶାସନ କାଳରେ କିପରି ଗଣତନ୍ତ୍ରକୁ ନଷ୍ଟ କରିଛି ତା'ର ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ପ୍ରଦର୍ଶନ କରାଯିବ। ଓଡ଼ିଶା ଭଳି ଯେଉଁ ରାଜ୍ୟରେ କଂଗ୍ରେସ ଲୋପ ପାଇବାକୁ ବସିଲାଣି ସେଠାରେ ଏହି ଦଳ ବିରୋଧରେ ବଳ ଦେଖାଇ ଭାଜପା ରାଷ୍ଟ୍ରୀୟ ସଭାପତି କେଉଁଭଳି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ବୁଝିବା କଷ୍ଟ। ଏଥିରୁ ବୁଝିନେବାକୁ ହେବ ଯେ, ଓଡ଼ିଶାରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ କୌଣସି ପ୍ରକାର ମନୋମାଳିନ୍ୟ କରିବାକୁ ଚାହାନ୍ତି ନାହିଁ। ଭାଜପା ଶୀର୍ଷ ନେତାଙ୍କ ଏଭଳି ଆଭିମୁଖ୍ୟ ଓଡ଼ିଶା ଭାଜପା ନେତାଙ୍କୁ ମଧ୍ୟ ଏକପ୍ରକାର ଦୁର୍ବଳ କରୁଥିବା ଆଲୋଚନା ଆରମ୍ଭ ହୋଇଗଲାଣି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗତ ମେ ୩୧ରେ କରିଥିବା ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଓଡ଼ିଶାରେ ମହାଜନସମ୍ପର୍କ କାର୍ଯ୍ୟକ୍ରମ ଜରିଆରେ ୪ଟି ମହାସଭା ହେବ। ସେଥିରେ ମୋଦି, ଶାହା, ରାଜନାଥ ସିଂ ଏବଂ ନଡ୍ଡା ପ୍ରମୁଖ ଯୋଗଦେବେ। ଏମାନଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ତ ଆସିଲେ ନାହିଁ। ଅମିତ ଶାହାଙ୍କ ବାରମ୍ବାର ଓଡ଼ିଶା ଆସିବା ନେଇ ଭାଜପା ନେତାମାନେ ଗଣମାଧ୍ୟମରେ ଖବର ଦେଉଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ କାର୍ଯ୍ୟକ୍ରମ ବାତିଲ ହେଲା ବୋଲି କହିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଥମେ ଭଦ୍ରକ ଏବଂ କଟକ ଆସିବେ ବୋଲି କୁହାଗଲା। ହେଲେ ପରବର୍ତ୍ତୀ ସମୟରେ ତାହା ବାତିଲ ହେଲା। ନିକଟରେ ସେ ଢେଙ୍କାନାଳ ଆସିବେ ବୋଲି କୁହାଯାଇଥିବାବେଳେ ଗୁଜରାଟରେ ଲ୍ୟାଣ୍ଡଫଲ କରିଥିବା ବାତ୍ୟା 'ବିପର୍ଯ୍ୟୟ' ପାଇଁ ତାଙ୍କ ଓଡ଼ିଶା ଗସ୍ତ ବାତିଲ ହେଲା ବୋଲି କୁହାଗଲା। ସେହିପରି କଳାହାଣ୍ଡିରେ ଜେ.ପି. ନଡ୍ଡାଙ୍କ କାର୍ଯ୍ୟକ୍ରମ ୨୨ ତାରିଖରେ ହେବାର ଥିଲା। ହେଲେ କାର୍ଯ୍ୟକ୍ରମର ଦିନକ ଆଗରୁ କୁହାଗଲା ଅନିବାର୍ଯ୍ୟ କାରଣ ସକାଶେ ତାଙ୍କ ଗସ୍ତ ଗୋଟିଏ ଦିନ ଘୁଞ୍ଚାଯାଇଛି। ଭାଜପାର ଏହି ଶୀର୍ଷ ନେତାମାନେ ଓଡ଼ିଶା ଆସନ୍ତୁ ଏବଂ ଶାସକ ବିଜେଡି ବିରୋଧରେ ଯୁଦ୍ଧ ଡାକରା ଦିଅନ୍ତୁ ବୋଲି ସେମାନଙ୍କ ଦଳରୁ ରାଜ୍ୟର ଶତାଧିକ ନେତା ଓ କର୍ମୀ ଅନାଇ ବସିଥିବାବେଳେ ଏହା କାହିଁକି ବାସ୍ତବରୂପ ନେଇପାରୁନି ତାହା ଆଲୋଚନାର ବିଷୟବସ୍ତୁ ପାଲଟିଛି।

ସବୁଠାରୁ ବଡ଼ କଥା ହେଉଛି, କଳାହାଣ୍ଡିରେ ହୋଇଥିବା ସଭାରେ ନଡ୍ଡା ଯୋଗଦେଇ ତାଙ୍କ ଭାଷଣ ଆରମ୍ଭରୁ ବିଜେଡି ବିପକ୍ଷରେ କହିବାକୁ ଉଚିତ ମଣି ନ ଥିଲେ। ଏବେ ଦେଶରେ ଭାଜପା ବିରୋଧରେ ୧୯ଟି ବିରୋଧୀ ଦଳ ଏକାଠି ହୋଇସାରିଛନ୍ତି। ବିହାରର ପାଟନାଠାରେ ସେମାନଙ୍କ ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି। ସେଥିରେ ଯୋଗଦେଇଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରମୁଖ ଯୋଗଦେଇଥିଲେ। ନଡ୍ଡା ତାଙ୍କ ଭାଷଣରେ ଏହି ଜାତୀୟ ରାଜନୀତି ସମ୍ପର୍କରେ ଗୁଡ଼ାଏ କଥା କହିଥିଲେ। ଭାଷଣର ଶେଷ ବେଳକୁ ପଦେ ଦୁଇ ପଦ ରାଜ୍ୟରେ ଚାଲିଥିବା ଶାସନ ସମ୍ପର୍କରେ ମତ ଦେଇ ରାଜ୍ୟ ନେତୃବୃନ୍ଦ ଏବଂ କର୍ମୀଙ୍କୁ ଖୁସି କରିବାକୁ ଚାହିଁଥିଲେ। ହେଲେ ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ଜଣେ ଯୁବ ନେତା ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏ ଦଳ ବିଜେଡି ସହ ସାଲିସ କରିସାରିଛି। କାରଣ ଜାତୀୟ ରାଜନୀତି ଉପରେ ନଜର ପକାଇଲେ ଜଣାପଡୁଛି, ଗତଥର ଯେଉଁ ଦଳଗଡ଼ିକ ଯଥା ଅକାଲି, ଶିବସେନା, ଟିଆର୍‌ଏସ, ଜେଡିୟୁ ଆଦି ଭାଜପା ସହ ରହିଥିଲେ ସେମାନେ ଆସନ୍ତା ସାଧାରଣ ନିର୍ବାଚନବେଳକୁ ଏନ୍‌ଡିଏ ସହ ରହିବେନି ବୋଲି ଜଣାପଡ଼ିଗଲାଣି। ତେଣୁ କେନ୍ଦ୍ରରେ ଏମାନେ ଯଦି ସରକାର କରନ୍ତି ତେବେ ନବୀନ ବାବୁଙ୍କ ସମର୍ଥନ ଏମାନଙ୍କୁ ନିଶ୍ଚୟ ଲୋଡ଼ା ପଡ଼ିବ। ତେଣୁ ନବୀନଙ୍କୁ ଟାର୍ଗେଟ କରି ସେମାନେ ଓଡ଼ିଶାରୁ ବିଜେଡିର ସମର୍ଥନ ହରାଇବାକୁ କୌଣସି ପ୍ରକାରେ ଚାହୁଁ ନାହାନ୍ତି ବୋଲି ସେ କହିଛନ୍ତି।

ସେହିପରି ମନମୋହନ ତାଙ୍କ ଖବରଦାତା ସମ୍ମିଳନୀରେ ଆହୁରି କହିଥିଲେ, ଏହି ମହାଜନସମ୍ପର୍କ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀକୁ ୮ଟି କ୍ଲଷ୍ଟରରେ ଭାଗବଣ୍ଟା କରାଯାଇଛି। ଏହି ୮ଟି କ୍ଲଷ୍ଟରରେ ୮ ଜଣ କେନ୍ଦ୍ରମନ୍ତ୍ରୀ ଆସି ୮ ଦିନ ଓ ୮ ରାତି କଟାଇବେ। ହେଲେ ସେକଥା ମଧ୍ୟ ହେଲା ନାହିଁ। କେତେଜଣ କେନ୍ଦ୍ରୀୟ ନେତା ଓଡ଼ିଶା ଆସିଥିଲେ ମଧ୍ୟ କେହି ବି ୮ ରାତି, ୮ ଦିନ ରହିନାହାନ୍ତି। ସେପଟେ ଗଜପତି ଜିଲାରେ ଏହି କାର୍ଯ୍ୟକ୍ରମ ହୋଇପାରି ନ ଥିବା ବେଳେ ଘୁମୁସରରେ ଗୋଟିଏ ଦିନରେ କାର୍ଯ୍ୟକ୍ରମ ଶେଷ କରିଦେଲେ। ଗଞ୍ଜାମ ଏବଂ ବ୍ରହ୍ମପୁରରେ ଦଳର ସାଙ୍ଗଠନିକ ସ୍ଥିତି ଠିକ୍ ନାହିଁ ବୋଲି ଆଲୋଚନା ଜୋର୍ ଚାଲିଛି। ଏହାର ମୁଖ୍ୟ କାରଣ ହେଉଛି ମନମୋହନ ସଭାପତି ହେବା ପରେ ସେ ତାଙ୍କ ନୂଆ ରାଜ୍ୟ ପଦାଧିକାରୀ ଏବଂ ଜିଲା ସଭାପତି ତାଲିକା ପ୍ରକାଶ କରିପାରିନାହାନ୍ତି। ଯେଉଁ ଜିଲା ସଭାପତିମାନେ ଏବେ ବିଦା ହେବେ ଏବଂ ତାଙ୍କ ସ୍ଥାନରେ ନୂଆ କେହି ଆସିବେ ବୋଲି ଜାଣିଲେଣି ସେମାନେ ଏହି କାର୍ଯ୍ୟକ୍ରମ ପ୍ରତି ଆନ୍ତରିକତା ରଖୁନାହାନ୍ତି। ତେଣୁ ଯେପର୍ଯ୍ୟନ୍ତ ରାଜ୍ୟ ତାଲିକା ପ୍ରକାଶ ନ ପାଇଛି ସେ ଯାଏ ଜିଲାସ୍ତରରେ ତାଲିକା ମଧ୍ୟ ପ୍ରକାଶ ପାଇବନି। ମିଳିଥିବା ସୂଚନା ମୁତାବକ, ମନମୋହନ ତାଙ୍କର ଏକ ପଦାଧିକାରୀ ଏବଂ ଜିଲା ସଭାପତିମାନଙ୍କ ତାଲିକା ପ୍ରସ୍ତୁତ କରି ନଡ୍ଡାଙ୍କୁ ଭେଟିଥିଲେ। ହେଲେ ସେହି ତାଲିକା ଠିକ୍ ନାହିଁ ବୋଲି ନଡ୍ଡା କହିବା ସହ ସାମଲଙ୍କୁ କୁଆଡେ ଫେରାଇ ଦେଇଥିବା ତାଙ୍କ ଦଳୀୟ ମହଲରେ ଜୋର୍‌ରେ ଚର୍ଚ୍ଚା ଚାଲିଛି।

# ବିରୋଧୀ ମେଣ୍ଟର ନାଁ ପିଡିଏ ହୋଇପାରେ

## ଶିମଳା ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୫।୬

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ବିରୋଧୀ ଦଳଗୁଡ଼ିକର ପ୍ରସ୍ତାବିତ ମେଣ୍ଟର ନାଁ 'ଦେଶଭକ୍ତ ଗଣତାନ୍ତ୍ରିକ ମେଣ୍ଟ' (ପିଡିଏ) ରହିବାରେ ବୋଲି କୁହାଯାଉଛି। ଜୁଲାଇ ୧୦ରୁ ୧୨ ତାରିଖ ମଧ୍ୟରେ ଶିମଲାରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଗତ ଶୁକ୍ରବାର ବିହାର ରାଜଧାନୀ ପାଟନାରେ ଅନୁଷ୍ଠିତ ପ୍ରଥମ ବୈଠକରେ ୧୫ଟି ବିରୋଧୀ ଦଳରୁ ୩୨ ଜଣ ନେତା ଏକାଠି ହୋଇଥିଲେ। ଶନିବାର ପାଟନାରେ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା କହିଥିଲେ, ବିରୋଧୀ ମେଣ୍ଟର ନାଁ ପିଡିଏ ରହିପାରେ। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇ ନାହିଁ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ହରାଇବା ଆମର ପ୍ରଥମ ଲକ୍ଷ୍ୟ। ସବୁ ବିରୋଧୀ ଦଳ ଏଥିରେ ଏକମତ ହୋଇଥିବା ରାଜା କହିଥିଲେ। ପ୍ରସ୍ତାବିତ ମେଣ୍ଟ ପାଇଁ ଏକାଠି ହୋଇଥିବା ବିରୋଧୀ ଦଳଗୁଡ଼ିକର ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ବିଚାରଧାରା ରହିଛି। ନୂଆ ମେଣ୍ଟରେ ଏହି ବିଚାରଧାରାର ପ୍ରତିଫଳନ ହେବ। ତାମିଲନାଡୁରେ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ମେଣ୍ଟ ଥିବାବେଳେ ବିହାରରେ ମହାଗଠବନ୍ଧନ ରହିଛି। ତେଣୁ ମିଳିତ ବିରୋଧୀ ମେଣ୍ଟରେ ଆମେ ଆମ ପ୍ରତିଶ୍ରୁତିବଦ୍ଧତାକୁ ଶେୟାର କରିବୁ ବୋଲି ସିପିଆଇ ନେତା କହିଛନ୍ତି। ୨୦୦୪ ସାଧାରଣ ନିର୍ବାଚନ ପରେ କଂଗ୍ରେସ, ବାମଦଳ ଓ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହୋଇ ମିଳିତ ପ୍ରଗତିଶୀଳ ସାମ୍ମୁଖ୍ୟ (ଉପା) ଗଠନ କରି କେନ୍ଦ୍ରରେ ସରକାର ଗଢ଼ିଥିଲେ। ୨୦୧୫ ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ଆର୍‌ଜେଡି-ଜେଡିୟୁ, କଂଗ୍ରେସ ଏବଂ ବାମଦଳ ଏକାଠି ହୋଇ ମହାମେଣ୍ଟ ଗଠନ କରିଥିଲେ ବୋଲି ଡି. ରାଜା କହିଛନ୍ତି।

# ଓଡ଼ିଶା ଭାଜପା ଏମ୍‌ପି, ଜଣେ କେନ୍ଦ୍ରମନ୍ତ୍ରୀ ଷଡ଼ଯନ୍ତ୍ର ଜାରି ରଖିଛନ୍ତି: ବିଜେଡି



ଭୁବନେଶ୍ୱର, ୨୫।୬ (ସୁନିତ୍ ମିଶ୍ର)

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ଗତ କିଛିଦିନ ହେଲା ରାଜ୍ୟ ଭାଜପା ନେତାମାନଙ୍କଠାରୁ କେନ୍ଦ୍ରମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜ୍ୟବାସୀଙ୍କୁ ଭ୍ରମିତ କରିଆସୁଛନ୍ତି। ଅତୀତରେ ଓଡ଼ିଶାର ଭାଜପା ଏମ୍‌ପି ଏବଂ ରାଜ୍ୟର ଜଣେ କେନ୍ଦ୍ରମନ୍ତ୍ରୀ ଷଡ଼ଯନ୍ତ୍ର କରି ବହୁ ଲକ୍ଷ ଗରିବ ଓଡ଼ିଆ ହିତାଧିକାରୀଙ୍କୁ ୩ ବର୍ଷ କାଳ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ କରିଥିଲେ। ଏବେ ମଧ୍ୟ ସେମାନେ ସେହିଭଳି ଷଡ଼ଯନ୍ତ୍ର ଜାରି ରଖିଛନ୍ତି ବୋଲି ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୌତମ କହିଛନ୍ତି ଯେ, ଖାଦ୍ୟ ଓ ବସ୍ତ୍ର ଭଳି ବାସଗୃହ ହେଉଛି ମଣିଷର ଏକ ମୌଳିକ ଆବଶ୍ୟକତା। ପ୍ରତ୍ୟେକ ଲୋକର ସ୍ୱପ୍ନ ଥାଏ ନିଜ ପାଇଁ ଘରଟିଏ ତୋଳିବ। ମାତ୍ର ବିଡ଼ମ୍ବନା ହେଲା, ଯେତେବେଳେ ଓଡ଼ିଶାର ଗରିବ, ଆଦିବାସୀ ଏବଂ ଅନୁସୂଚିତ ଜନଜାତିର ୧୫ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ମୁଣ୍ଡ ଉପରେ ଛାତଟିଏ ଆବଶ୍ୟକ କରୁଥିଲେ, ଏହାକୁ ବନ୍ଦ କରିବା ଲାଗି ଓଡ଼ିଶାରୁ ଦିଲ୍ଲୀ ଯାଇଥିବା ଭାଜପା ସାଂସଦମାନେ ମିଳିତ ଭାବେ ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ସେମାନେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ଦେବାକୁ ଚାପ ପକାଇଥିଲେ। ଶେଷରେ ସେମାନଙ୍କ ଏହି ଷଡ଼ଯନ୍ତ୍ର ସଫଳ ମଧ୍ୟ ହେଲା। ଦୀର୍ଘ ୩ ବର୍ଷ କାଳ ଓଡ଼ିଶାକୁ ଘର ମିଳିବା ବନ୍ଦ ହୋଇଗଲା। ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ତାଙ୍କ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଆବାସ ଯୋଜନା ବାବଦରେ ସେମାନେ ଏବେ ପୁଣି ଭୁଲ୍ ତଥ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶା ପାଇଁ ମାତ୍ର ୮ ଲକ୍ଷ ଘର ମଞ୍ଜୁର ହୋଇଥିବା ବେଳେ ୭୫ ଲକ୍ଷ ଘର ମଞ୍ଜୁର ହୋଇଥିବା କଳାହାଣ୍ଡିର ଏକ ଜନସଭାରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ମୁହଁରେ ସେମାନଙ୍କ ରାଜ୍ୟ ନେତାମାନେ କୁହାଇଛନ୍ତି। ଏଭଳି ଭୁଲ୍ ତଥ୍ୟ ଦେଇ ଏହି ନିର୍ଦ୍ଦିଷ୍ଟ କେନ୍ଦ୍ରମନ୍ତ୍ରୀ ଏବଂ ଓଡ଼ିଶା ଭାଜପାର ଏମ୍‌ପିମାନେ ରାଷ୍ଟ୍ରୀୟ ସଭାପତିଙ୍କୁ ଅତ୍ୟନ୍ତ କଠିନ ଓ ଲଜ୍ଜାଜନକ ସ୍ଥିତିକୁ ଠେଲି ଦେଇଛନ୍ତି ବୋଲି ଗୌତମ କହିଛନ୍ତି।

# ରାଜ୍ୟ କାର୍ଯ୍ୟାଳୟରେ କଳା ଦିବସ ପାଳିଲା ଭାଜପା

ଭୁବନେଶ୍ୱର, ୨୫।୬(ସୁନିତ୍ ମିଶ୍ର): ଜରୁରିକାଳୀନ ପରିସ୍ଥିତିକୁ ୪୮ ବର୍ଷ ପୂର୍ତ୍ତି ଅବସରରେ ବେଳେ ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ରବିବାର କଳାଦିବସ ପାଳନ କରାଯାଇଛି। ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ୧୯୭୫ ଜୁନ୍ ୨୫ ମଧ୍ୟରାତ୍ରରେ ସମ୍ବିଧାନ ଓ ଗଣତନ୍ତ୍ରକୁ ହତ୍ୟା କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସମ୍ବିଧାନରେ ଦିଆଯାଇଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱାଧୀନତା, ନ୍ୟାୟପାଳିକାର ସ୍ୱତନ୍ତ୍ରତା ସମେତ ମୌଳିକ ଅଧିକାରକୁ ହତ୍ୟା କରି ଅଗଣତାନ୍ତ୍ରିକ ଭାବେ ଶାସନ କ୍ଷମତାକୁ ଅକ୍ତିଆର କରାଯାଇଥିଲା। ଏହି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରୁଥିବା ଅଣକଂଗ୍ରେସ ରାଜନୈତିକ ଦଳର ନେତା, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଏବଂ ସାମ୍ବାଦିକମାନଙ୍କୁ ମିଶା ଆଇନ ବଳରେ ଜେଲକୁ ପଠାଇ ଦିଆଯାଇଥିଲା। ରାଜ୍ୟର ଅଗଣିତ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ମନମୋହନ କହିଛନ୍ତି।




ମଣିପୁରରେ ଶାନ୍ତି ପାଇଁ ନୂଆଦିଲ୍ଲୀରେ ରବିବାର ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଓକ୍ରାମ ଇବୋବି ସିଂ ଏବଂ ଅନ୍ୟ ନେତାମାନେ।

# ୫-ଟି ସଚିବଙ୍କ କାର୍ଯ୍ୟକ୍ରମକୁ ନେଇ ପୁଣି ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୨୫।୬(ସୁନିତ୍ ମିଶ୍ର)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ବେଳେ ଅତ୍ୟଧିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅପରାଜିତା ଟୁଇଟ୍ କରି ଡିଜିପିଙ୍କୁ ପ୍ରଶ୍ନ କରିଛନ୍ତି ଯେ, ଯଦି ଜଣେ ସଚିବଙ୍କ ପାଇଁ ଏତେ ସୁରକ୍ଷା ବ୍ୟବସ୍ଥା କରାଯାଉଛି, ତେବେ ମୁଖ୍ୟ ଶାସନ ସଚିବ ଏବଂ ଉନ୍ନୟନ କମିଶନରଙ୍କ ପାଇଁ କେଉଁ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯିବ କୁହନ୍ତୁ। ଯଦି ଜଣେ ବ୍ୟକ୍ତି ବିକାଶମୂଳକ କାର୍ଯ୍ୟର ତଦାରଖ ପାଇଁ ଯାଉଛନ୍ତି ତେବେ ତାଙ୍କୁ କାହିଁକି ଏତେ ଭୟ ଏବଂ ଅସୁରକ୍ଷିତ ମନେ ହେଉଛି ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି। ଏହାସହ ୫-ଟି ସଚିବଙ୍କ କାର୍ଯ୍ୟକ୍ରମରେ ରହୁଥିବା ପୋଲିସ କର୍ମଚାରୀମାନଙ୍କ ଡ୍ରେସ୍ କୋଡ୍‌କୁ ନେଇ ମଧ୍ୟ ଅପରାଜିତା ବର୍ଷିଛନ୍ତି।

ଏକ ଭିଏଚ୍‌ଏଫ୍ ଦ୍ୱାରା ବରଗଡ଼ ଜିଲାର ସଦର ଟାଉନ, ପଦମ୍‌ପୁର, ଅମ୍ବାଭୋନା, ଅତାବିରା ଏବଂ ଭଟ୍‌ଲି ପୋଲିସ ଷ୍ଟେଶନର ଆଇଆଇସିମାନଙ୍କୁ ଏକ ମେସେଜ୍ ଜାରି କରାଯାଇଛି। ୫-ଟି ସଚିବ ରବିବାର ସକାଳ ୭ଟାରେ ବରଗଡ଼ ଯାଉଥିବା ସେଥିରେ ଉଲ୍ଲେଖ କରାଯାଇଛି। ଏଥିରେ ଉପସ୍ଥିତ ରହିବା ପାଇଁ ଯେଉଁ ୨୫ ଜଣ ପୋଲିସ କର୍ମଚାରୀଙ୍କ ନାଁ ଦିଆଯାଇଛି ସେମାନଙ୍କୁ ସମୟ ପୂର୍ବରୁ ସେଠାରେ ପହଞ୍ଚିବା ଲାଗି ନିର୍ଦ୍ଦେଶ ଦେବାକୁ ଏହି ୫ ଥାନାର ଆଇଆଇସିମାନଙ୍କୁ କୁହାଯାଇଛି। ଏହାସହ ସେମାନେ ବ୍ଲୁ କିମ୍ବା ବ୍ଲାକ୍ ପ୍ୟାଣ୍ଟ ସାଙ୍ଗକୁ ଧଳା ରଙ୍ଗର ଶାର୍ଟ ପିନ୍ଧିବା ପାଇଁ କୁହାଯାଇଛି। ଏହି ଭିଏଚ୍‌ଏଫ୍ ମେସେଜ୍‌କୁ ନେଇ ବିରୋଧୀମାନେ ପୁଣି ସରକାରଙ୍କ ଶାସନ ବ୍ୟବସ୍ଥା ଆଡକୁ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଥିବାବେଳେ ପୁରପଲ୍ଲୀରେ ରହୁଥିବା ଅସହାୟ ଶିକ୍ଷୟିତ୍ରୀମାନଙ୍କୁ ଗୋଲାପୀ ଶାଢ଼ି ପିନ୍ଧିବାକୁ ବାଧ୍ୟ କରିଥିଲେ।

ସେହିପରି ପାଣ୍ଡିଆନଙ୍କ ଗସ୍ତକୁ ନେଇ ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆର୍‌ଟିଓ ବରଗଡ଼ଙ୍କୁ ଗତ ୨୩ ତାରିଖରେ ଏକ ଚିଠି ଜାରି କରାଯାଇଛି। ରବିବାରରୁ ମଙ୍ଗଳବାର ବରଗଡ଼ରେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ଆର୍‌ଟିଓଙ୍କୁ ୫-ଟି ସଚିବଙ୍କ କାର୍ଯ୍ୟକ୍ରମସ୍ଥଳୀରେ ୮ଟି ଗାଡ଼ି ପହଞ୍ଚାଇବାକୁ କୁହାଯାଇଛି। ତେବେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମକୁ ନେଇ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି, ୫-ଟି ସଚିବଙ୍କ ବିଭିନ୍ନ ଗସ୍ତକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ପ୍ରଶ୍ନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସମ୍ମତିରେ ସେ ଗସ୍ତ କରୁଛନ୍ତି ନା ନାହିଁ ଏନେଇ ତାଙ୍କୁ ପ୍ରଶ୍ନ କରାଯାଇଛି। ଆର୍‌ଟିଆଇ ତଥ୍ୟରେ ସିଏମ୍‌ଓ ଏଭଳି କିଛି ନିର୍ଦ୍ଦେଶ ଦିଆଯାଇ ନ ଥିବା କୁହାଯାଉଛି। ଯଦି ଏହା ସତ୍ୟ, ତେବେ ଏହା ଏକ ଜଘନ୍ୟ କଥା। କାରଣ ସରକାରଙ୍କ ଜଣେ ସଚିବ ସ୍ତରୀୟ ବ୍ୟକ୍ତି ହେଲିକପ୍ଟରରେ ଯାଉଛନ୍ତି, ତାଙ୍କ ପାଇଁ ପୋଲିସ ବନ୍ଦୋବସ୍ତ ହେଉଛି ଏବଂ ମାଳମାଳ ଗାଡ଼ିର ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ ଯଦି ଏହା ହେଉଛି, ତେବେ ଏହା ତାଙ୍କ କଣ୍ଡକ୍ଟ ରୁଲ୍‌ର ସମ୍ପୂର୍ଣ୍ଣ ଉଲ୍ଲଂଘନ ବିଜୟ କହିଛନ୍ତି।

# ୨୩ ବର୍ଷ ହେଲା ଦୀପତଳ ଅନ୍ଧାର: ଧର୍ମେନ୍ଦ୍ର

ଖମାର/କଣିହାଁ/ଅନୁଗୋଳ, ୨୫।୬ (ରଜନୀକାନ୍ତ ମହାରଣା/ ସଚ୍ଚିଦାନନ୍ଦ ପ୍ରଧାନ/ଅମିତ ସାମଲ)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଭାଜପା ନେତୃବୃନ୍ଦ।

ରାଜ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛନ୍ତି। ୨୩ ବର୍ଷର ସ୍ଥାଣୁ ସରକାରରେ ଦୀପତଳ ଅନ୍ଧାର। ଶିଳ୍ପସମୃଦ୍ଧ ଅନୁଗୋଳ ଜିଲା ଅବହେଳିତ ବୋଲି ବିଜେଡି ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନୁଗୋଳ ଜିଲା ଗସ୍ତର ଦ୍ୱିତୀୟ ଦିନରେ ରବିବାର ପାଲଲହଡ଼ା ବ୍ଲକ ଖମାର କଲେଜ ପଡ଼ିଆରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର କୃଷି, ଜଳସେଚନ, ଅପହଞ୍ଚ ବିଦ୍ୟୁତ୍ ଆଦି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଲେ, କଣିହାଁ ହେଉଛି କୃଷି ଆଧାରିତ ଅର୍ଥନୀତି ଅଞ୍ଚଳ। ରେଙ୍ଗାଳି ଡ୍ୟାମ୍, ସମଲ ବ୍ୟାରେଜ୍, ରେଙ୍ଗାଳି ଲେଫ୍ଟ କେନାଲ, ରେଙ୍ଗାଳି ରାଇଟ କେନାଲ, ପ୍ରସ୍ତାବିତ ଦୁର୍ଗାପୁର କେନାଲ ଏଠାରେ ଅଛି। ମାତ୍ର ଦୀର୍ଘ ୨୩ ବର୍ଷର ଅପାରଗ ଶାସନ କାରଣରୁ ଇଞ୍ଚେ ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିନାହିଁ। ସମାକୋଇ ଜଳସେଚନ ପ୍ରକଳ୍ପ ଆକାଶ କଇଁଆ ଚିଲିକା ମାଛ ଭଳି ହୋଇଛି। ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ଥିବା ସତ୍ତ୍ୱେ ଏଠାରେ ବିଜୁଳି ଶକ୍ତି ସଙ୍କଟ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ତୃତୀୟ ମହଲାର କେତେଜଣ ମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ରାଜ୍ୟରେ ହରିଲୁଟ କରୁଛନ୍ତି। ପ୍ରଶ୍ନ କଲେ ଦିନରେ ଲଣ୍ଡନ ଦେଖାଇବା ଭଳି କଥା କହୁଛନ୍ତି ବୋଲି ସେ କହିଛନ୍ତି।

ଭାଜପା ସରକାର ସମୟରେ ଅନୁଗୋଳ ଜିଲା ଓଡ଼ିଶା ରାଜକୋଷକୁ ପ୍ରାୟ ୬୦ ହଜାର କୋଟି ଟଙ୍କା ଦେଇଛି। ଏହାସତ୍ତ୍ୱେ ଅଞ୍ଚଳର ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ହୋଇଥିବା ଗରିବ କଲ୍ୟାଣ ଯୋଜନାରେ ଅନୁଗୋଳ ବିଶେଷ ଲାଭବାନ ହୋଇଛି। ଖଣିନୀତି ସଂସ୍କାରରୁ ଓଡ଼ିଶାକୁ ୨୦୨୨-୨୩ରେ ପ୍ରାୟ ୫୦ ହଜାର କୋଟି ଟଙ୍କା ରାଜସ୍ୱ ମିଳିଛି, ଯାହା ପୂର୍ବ ସରକାର ଅମଳରେ ମାତ୍ର ୫ ହଜାର କୋଟି ଥିଲା। ଓଡ଼ିଶାରେ ୨୦୨୩ ଜାନୁୟାରୀ ସୁଦ୍ଧା ଡିଏମ୍‌ଏଫ୍ ବାବଦରେ ୨୧ ହଜାର ୩୭୪ କୋଟି ଟଙ୍କା ଆଦାୟ ହୋଇଛି। କେନ୍ଦ୍ର ସରକାର ଉକ୍ତ ପାଣ୍ଠି ବିନିଯୋଗରେ ଖଣି ପ୍ରଭାବିତ ଅଞ୍ଚଳରେ ଜନକଲ୍ୟାଣକାରୀ କାର୍ଯ୍ୟ କରୁଛନ୍ତି। ଅନୁଗୋଳ-ସୁକିନ୍ଦା ରେଳଲାଇନ ସହ ରେଳ ଭିତ୍ତିଭୂମିକୁ ମଜଭୁତ୍ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କଣିହାଁସ୍ଥିତ ତାଳଚେର ପ୍ରଜାମଣ୍ଡଳ

## ■ ଖମାରରେ ଗରିବ କଲ୍ୟାଣ ସମାବେଶ

## ■ ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଟାର୍ଗେଟ

ଶହୀଦ ସ୍ମୃତି ସ୍ତମ୍ଭ, ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କଂସମୁଣ୍ଡାସ୍ଥିତ ରାଧାକୃଷ୍ଣ ମନ୍ଦିର, ବଡ଼ଗୁଣ୍ଡୁରୀସ୍ଥିତ ମାଉସୀ ମା' ମନ୍ଦିରରେ ଦିଅଁ ଦର୍ଶନ ସହ ପଦଯାତ୍ରାରେ ଯୋଗଦେଇଥିଲେ। ଏଥିସହ ନାଲ୍‌କୋନଗରରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ନେତା କର୍ମୀ ଏଥିରେ ସାମିଲ ହୋଇଥିଲେ। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଲିଙ୍ଗରାଜ ଦାସ, ଚନ୍ଦନ ସ୍ୱରାଜ, ନୃସିଂହ ବରାଳ, ସୁଦୀପ ଗଡ଼ନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ପ୍ରଶାନ୍ତ ନନ୍ଦ, ଦେବେନ୍ଦ୍ର ବାରିକ, ଲୋକନାଥ ସାହୁ, ଅଳକା ସାହୁ, ସରପଞ୍ଚ ରଞ୍ଜିତା ବେହେରା, ସସ୍ମିତା ଦଳେଇ, ଶ୍ରମିକ ନେତା ବିରଞ୍ଚି ସାହୁ, ସୁଶାନ୍ତ ସାମଲ, ସୁଲେନ୍ ଧର, ବିଏମ୍‌ଏସ ନେତା ରମେଶ ସାମଲ, ଜଗନ୍ନାଥ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋଇଲୁଣ୍ଡି ଶ୍ରୀନଗରରେ ବୋମାମାଡ଼, ଯୁବକ ଅଟକ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)- ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଶ୍ରୀନଗରରେ ବୋମାମାଡ଼ ହୋଇଛି । ଗତ ୨୩ ତାରିଖ ବିଳମ୍ବିତ ରାତିରେ ଏଲ.ଅର୍ଜୁନ ପାତ୍ରଙ୍କ ଘର ଉପରକୁ ଘନ ଘନ ବୋମା ମାଡ଼ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକ ଜଣଙ୍କ ଏପରି ଆତଙ୍କ ଖେଳାଇଥିଲେ। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଅର୍ଜୁନ ଓ ତାଙ୍କ ସ୍ତ୍ରୀ ସୁମିତ୍ରା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକାଶ ଯେ, ଘଟଣା ରାତିରେ ଅର୍ଜୁନ ଓ ତାଙ୍କ ସ୍ତ୍ରୀ ଘର ବାହାରେ ଥିବା ବେଳେ ଜଣେ ଯୁବକ ଆସି ହଠାତ୍ ଗାଳିଗୁଲଜ କରିବା ସହ ବୋମାମାଡ଼ କରିଥିଲେ। ଅର୍ଜୁନ ଓ ସୁମିତ୍ରା ଭିତରକୁ ପଳାଇବାରୁ ତାହା ବାରଣ୍ଡାରେ ପଡିଥିଲା। ସେଠାରୁ ବୋମାମାଡ଼ କରିଥିବା ଯୁବକ ଜଣକ ଫେରାର ହୋଇଥିଲେ । ସେ ଅର୍ଜୁନଙ୍କ ପରିଚିତ ହୋଇଥିବା ବେଳେ ଭୟଭୀତ କରିବାକୁ ସେ ଏଭଳି କରିଥିବା ପୋଲିସ ତଦନ୍ତରେ ଜଣାପଡିଛି। ଅର୍ଜୁନଙ୍କ ଅଭିଯୋଗ ପ୍ରକାରେ ବୈଦ୍ୟନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### କୁଇଜ୍, ହସ୍ତାକ୍ଷର ପ୍ରତିଯୋଗିତା

କବିସୂର୍ଯ୍ୟନଗର,୨୫।୬(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ରକ୍ତଦାତା ସେବାସଂଘ ପକ୍ଷରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ରବିବାର କୁଇଜ୍ ଓ ସୁନ୍ଦର ହସ୍ତାକ୍ଷର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅନଲାଇନ ମାଧମରେ ଚିତ୍ରାଙ୍କନ, ଗୀତ, ନାଚ, ବକ୍ତୃତା ପ୍ରତିଯୋଗିତା ପାଇଁ ଆସନ୍ତା ୩୦ତାରିଖ ଆବେଦନ କରିବାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ରକ୍ତଦାତା ସେବାସଂଘର ପ୍ରତିଷ୍ଠାତା ସୁମନ୍ତ କୁମାର ଚର୍ଚ୍ଚିଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସୁରେଶ ଜେନା, ରାଜେନ୍ଦ୍ର ମହାରଣା, ବିକ୍ରମ ପ୍ରଧାନ, କୃଷ୍ଣ ଜେନା, ନାରାୟଣ ଦାସ, ସଂଘମିତ୍ରା ଚର୍ଚ୍ଚି, ଡା. ସୁରେନ୍ଦ୍ର ସାହୁ, ସମରଜିତ ଦଳାଇ, ମଣ୍ଟୁ ସେଠି, ରଞ୍ଜନ ନାହାକ, ଜ୍ୟୋର୍ତିମୟୀ ପାତ୍ର, କିଶୋରୀ ପାତ୍ର, ପ୍ରଶାନ୍ତ ଶତପଥୀ, ସୁରେଶ କର ଓ ପ୍ରଧାନ ଶିକ୍ଷୟିତ୍ରୀ ହେନାବଳିୟାର ସିଂ ସହଯୋଗ କରିଥିଲେ। ମୋଟ ୧୫୧ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏପରି ପ୍ରତିଯୋଗିତା ସହାୟକ ହେବ ଆୟୋଜକ ଚର୍ଚ୍ଚି କହିଛନ୍ତି। ଆସନ୍ତା ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

### ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କଲେ ଅର୍ଥମନ୍ତ୍ରୀ

**ଭଞ୍ଜନଗର, ୨୫।୬(ବାବୁଲା ପ୍ରଧାନ):** ଭଞ୍ଜନଗର ବ୍ଲକ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକ ବଙ୍ଗଳା ଠାରେ ଆଲୋଚନା କରିଛନ୍ତି। ଏହି ସମୟରେ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ସରକାରଙ୍କ ନୂଆ ନୂଆ ଯୋଜନା ଲୋକଙ୍କ ପାଖରେ କିଭଳି ପହଞ୍ଚିପାରିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ଏମପି ଏବଂ ବିଧାୟକ ହାତ ପାଣ୍ଠି ଅର୍ଥ ବିନିଯୋଗ ଉପରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଏମପି ପ୍ରତିନିଧି ଦିବାକର ନାୟକ, ବ୍ଲକ ଅଧକ୍ଷ ନରିସଭା ନାୟକ, ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ବରିଷ୍ଠ ସଂଗଠକ ବିଷ୍ଣୁ ପ୍ରଧାନଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରାବଣ ଜଳାଭିଷେକ ପ୍ରସ୍ତୁତି ବୈଠକ

**ମୋହନା,୨୫।୬(ମନ୍ମଥ ମିଶ୍ର):** ପବିତ୍ର ଶ୍ରାବଣ ମାସରେ ଶୈବପୀଠ ମାନଙ୍କରେ ଶିବଲିଙ୍ଗରେ ଜଳାଭିଷେକ ନିମନ୍ତେ ମୋହନା ଶ୍ରୀନୀଳକଣ୍ଠେଶ୍ୱର ବୋଲବମ ସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ନାରାୟଣ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଟି. ପର୍ଶୁରାମ ଆଚାରୀ, ସମ୍ପାଦକ ପ୍ରସାଦ ପଟ୍ଟନାୟକ ଏବଂ କୋଷାଧକ୍ଷ ଭାବେ ଲିଙ୍ଗନ ବେହେର୍ଦ୍ଦଳାଇଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହା ସହ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଚୟନ କରାଯାଇଥିଲା। ସଂଘର ପୁରାତନ କର୍ମକର୍ତ୍ତାମାନଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ସଂଘର କର୍ତ୍ତା ଭାବେ ଜିତେନ୍ଦ୍ର କୁମାର ବେହେରା ଦାୟିତ୍ୱ ତୁଲାଇବେ।

# ଜି.ଉଦୟଗିରି ବନାଞ୍ଚଳରେ ହାତୀ ଉପଦ୍ରବ

ଜି.ଉଦୟଗିରି,୨୫।୬(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେବ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ୧୭ ଟିକିଆ ହାତୀ ପଲ ବନବିଭାଗ ଓ କେତେକ ଗ୍ରାମବାସୀଙ୍କ ନିଦ ହଜାଇ ଦେଲେଣି। ଏଇ ହାତୀପଲ ଜି.ଉଦୟଗିରି କଳିଙ୍ଗା ମଝିରେ ଥିବା ରାସ୍ତା ଉପରକୁ ମଧ୍ୟ ଚାଲି ଆସୁଛନ୍ତି। ଫଳରେ ରାତିରେ ରାସ୍ତାରେ ଯିବାକୁ ଲୋକେ ଭୟ କରୁଛନ୍ତି। କୁର୍ମିଙ୍ଗିଆ, ନନ୍ଦଗିରି, ଲଇରାଜୁ ଗ୍ରାମ ମାନଙ୍କରେ ହାତୀ ପଲ ପଶି କଦଳି ବଗିଚା ନଷ୍ଟ କରିଦେଇଛନ୍ତି। ଜି.ଉଦୟଗିରି ବନ ବିଭାଗ ରେଞ୍ଜକୁ ଲାଗି ଗଞ୍ଜାମ ଜିଲାର ଦର୍ପଙ୍ଗିଆ ରିଜର୍ଭ ଜଙ୍ଗଲ ଅଛି। ସେଠାରୁ ହାତୀ ମାନେ ଆସିଯାଇଥିବା ସନ୍ଦେହ କରାଯାଉଛି। ପାଚିଲା ପଣସ ଓ ଆମ୍ବ ଖାଇବାକୁ ହାତୀପଲ ଆସିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ଜି.ଉଦୟଗିରି ବନ ବିଭାଗ ରେଞ୍ଜ ଅଫିସର ଯୋଗେନ୍ଦ୍ର



କୁର୍ମିଙ୍ଗିଆରେ ହାତୀପଲ କଦଳୀ ବଗିଚା ନଷ୍ଟ କରିଛନ୍ତି।

ନାଥ ସେନାପତିଙ୍କୁ ପଚାରିବାରେ କହିଲେ ରାତ୍ର ପାଟ୍ରୋଲିଂ କରାଯାଉଛି। ହାତୀର ଗତିବିଧି ଲକ୍ଷ୍ୟ କରାଯାଉଛି। ଏଥିପାଇଁ ଏକ ସ୍କ୍ୱାର୍ଡ଼ ଗଠନ କରଯାଇଛି ଓ ସେମାନେ ହାତୀର ଗତିବିଧି ଉପରେ ସୂଚନା ଦେଉଛନ୍ତି। ଜଙ୍ଗଲକୁ ଏ ଭିତରେ ଲୋକମାନଙ୍କୁ ନଯିବା ପାଇଁ କୁହାଯାଇଛି ଏବଂ ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି କହିଥିଲେ।

# ମନ୍ଦିରର ରତ୍ନମୁଦ ଉତ୍ସବ

ଆସିକା,୨୫।୬(ସୁରେନ୍ଦ୍ରନାଥ ସାହୁ)

ଆସିକା ବ୍ଲକ ମୁନିଗାଡି ପଞ୍ଚାୟତ କେଶରାପଲ୍ଲୀ ଗ୍ରାମରେ ଗତ ଶୁକ୍ରବାର ଠାରୁ ଚାଲିଥିବା ମା’ କାଳୀଙ୍କ ନବନିର୍ମିତ ମନ୍ଦିରର ରତ୍ନମୁଦ ସ୍ଥାପନ ଉତ୍ସବ ରବିବାର ଉଦଯାପିତ ହୋଇଛି । ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଜଳାଧିବାସ, ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ବ୍ରାହ୍ମଣବରଣ, ଦୀକ୍ଷାଗ୍ରହଣ, ବନଯାଗ, ଠାକୁର ପୂଜା, ହୋମ ଓ ରତ୍ନମୁଦ ପରେ ପୂର୍ଣ୍ଣାହୁତି କରାଯାଇଥିଲା । ଉଦଯାପନୀ ଦିବସରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଜିଲାପରିଷଦ ସଦସ୍ୟା ତନ୍ମୟୀ ନାହାକ, ସରପଞ୍ଚ କବିତା ସ୍ୱାଇଁ, ସମିତିସଭ୍ୟ ପ୍ରତିନିଧି ମାନସ ରଂଜନ ବିଷୋୟୀ ଯୋଗଦେଇଥିଲା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଯୁବନେତା



ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବିଧାୟିକା

ଟୁଟୁ ମଳିକ, ସାମାଜିକ କର୍ମୀ ବଂଶୀଧର ନାହାକ ପ୍ରମୁଖ ଯୋଗଦେଇଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ବୈଠକରେ ଯୋଗଦେଇଥିବା ଅଧିକାରୀ।

**ପାରଳାଖେମୁଣ୍ଡି, ୨୫।୬ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଜିଲାସ୍ତରୀୟ ବୈଠକ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ, ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ରୋମାଞ୍ଚଳ ଖମାରୀ ଓ ଉପଜିଲାପାଳ ଆଲୋକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏହି ବୈଠକକୁ ଜିଲା ଜରୁରକାଳୀନ ଅଧିକାରୀ ପ୍ରଭାସ ବେହୁରା ପରିଚାଳନା କରି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ବିଭାଗର ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଜିଲାପାଳ ପ୍ରଧାନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ଲାଇନ ବିଭାଗୀୟ ଅଧିକାରୀଗଣ କିଭଳି ପ୍ରସ୍ତୁତ ହୋଇ ରହିଛନ୍ତି ଏବଂ ବିପର୍ଯ୍ୟୟ ସମୟରେ କ’ଣ ଆବଶ୍ୟକ ପଡୁଛି ସେ ବିଷୟରେ ଆଲୋଚନା କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ, ଜିଲା ଯୋଗାଣ ବିଭାଗ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ, ବନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଶିକ୍ଷା ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ବିଦ୍ୟୁତ ଓ ଟେଲିକମ ବିଭାଗ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜ ନିଜର ଦାୟିତ୍ୱ ସମ୍ପନ୍ନ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଏନଡିଆର୍ଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଗୁରୁଦାୟିତ୍ୱ ରହିଥିବାବେଳେ ସେମାନେ ଧନଜୀବନକୁ ରକ୍ଷା କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି କୁହାଯାଇଥିଲା। ସେହିପରି ଆଞ୍ଚଳିକ ପରିବହନ ବିଭାଗ କିପରି ବିପର୍ଯ୍ୟୟ ସମୟରେ ବିଭିନ୍ନ ଯାତ୍ରୀବାହୀ ଓ ମାଲ ବୋଝେଇ ଗାଡି ପ୍ରସ୍ତୁତି କରି ରଖିବେ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାର ସମସ୍ତ ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ କ’ଣ କ’ଣ ନିଷ୍ପତ୍ତି ନିଆଯାଇଛି ଏବଂ ବ୍ଲକସ୍ତରରେ ସମସ୍ତେ ପ୍ରସ୍ତୁତ ଅଛନ୍ତି କି ନାହିଁ ସେ ବିଷୟରେ ଆଲୋଚନା କରାଯାଇଥିଲା।

## ହାତୀଓଟ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପୁରସ୍କୃତ

ପୋଲସରା,୨୫।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ମନ୍ଦାର ଗାଁର ଯୁକ୍ତ୨ ବିଜ୍ଞାନ ଛାତ୍ରୀ ସ୍ୱୟଂସିଦ୍ଧା ଦଳରା ହାତୀଓଟ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ଏଆଇଏସ୍ଏସ୍ସି ବାର୍ଷିକ ପରୀକ୍ଷାରେ ୯୬.୨ ପ୍ରତିଶତ ମାର୍କ ରଖି ଓଡିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍ୱୟଂସିଦ୍ଧାଙ୍କୁ ନିଜ ସ୍କୁଲ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଲୋକସେବା ଭବନକୁ ଡକାଇ ସେଠାରେ ତାଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ଦିନରେ ଭଲ ପାଠ ପଢିବା ପାଇଁ ଉପଦେଶ ଦେଇଥିଲେ। ସ୍ୱୟଂସିଦ୍ଧା ପୋଲସରା ନିର୍ବାଚନମଣ୍ଡଳୀ ପାଇଁ ଗୌରବ ଆଣିଥିବା ମନ୍ଦାରବାସୀ କହିଛନ୍ତି ।

## ଭାଜପା ପକ୍ଷରୁ ସଂଯୁକ୍ତ ମୋର୍ଚ୍ଚା ସମାବେଶ

ଦିଗପହଣ୍ଡି,୨୫।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ଚନ୍ଦ୍ରଚୁଡେଶ୍ୱର ଶୈବ ପୀଠ ପ୍ରାଙ୍ଗଣରେ ରବିବାର ଭାଜପା ପକ୍ଷରୁ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ଜିଲା ଉପସଭାପତି ସୁବାଷ ସାହୁ, ପରେଶ ଚନ୍ଦ୍ର ରଥ, ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ରାମ ନାୟକ, ପ୍ରଭାରୀ ରାଜେଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ସଂଗଠନକୁ ଅଧିକ ଦୃଢୀଭୂତ କରିବା ସହ ତୃଣମୂଳସ୍ତରରେ ଦଳୀୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଦଳୀୟ ନେତୃବୃନ୍ଦ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଦିଗପହଣ୍ଡି ନଗର ସଭାପତି ପ୍ରଶାନ୍ତ ପୂଜାରୀ, ସୀମାଞ୍ଚଳ ସାସମଲ, ରଘୁନାଥ ଗୌଡ, ନିରଞ୍ଜନ ଜେନା, ସୁଦାମ ବେହେରା, ଏ. ନନ୍ଦ କିଶୋରଙ୍କ ସମେତ ବହୁ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଭାଜପା କାର୍ଯ୍ୟକର୍ତ୍ତା ଭବାନୀ ଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକାବାଲି ବସ୍ଷ୍ଟାଣ୍ଡରେ ଅପରିଷ୍କାର ଶୌଚାଳୟ

ଟିକାବାଲି,୨୫।୬(ଗଗନ ପଟ୍ଟନାୟକ)

କନ୍ଧମାଳ ଜିଲା ଟିକାବାଲି ବସ୍ଷ୍ଟାଣ୍ଡରେ ନିର୍ମାଣ ହୋଇଥିବା ଶୌଚାଳୟ ଏବେ ରୋଗବାହକ ସାଜିଛି । ଶୌଚ ପାଇଁ ଯାଉଥିବା ଲୋକେ ସେଠାରୁ ମୁହଁ ଫେରାଇ ଆଣୁଛନ୍ତି । ଅଳିଆ ଆବର୍ଜନା ପରିବେଶ ମଧ୍ୟରେ ରହିଛି ଏହି ଶୌଚାଳୟ । କେହି ଯିବାକୁ ଚାହିଁଲେ ବି ପରିସ୍ଥିତିକୁ ଦେଖି ବାଧ ହୋଇ ଫେରି ଆସୁଛନ୍ତି। ଟିକାବାଲି ବସ୍ଷ୍ଟାଣ୍ଡରେ ରହିଛି ଏକ ପରିସ୍ରାଗାର ସମେତ ସୁଲଭ ଶୌଚାଳୟ । ବାହାରୁ ବସ୍ ଏବଂ ଅନ୍ୟ ଗାଡିରେ ଆସୁଥିବା ଯାତ୍ରୀ ଏହା ଉପରେ ନିର୍ଭରଶୀଳ । ଆଜକୁ ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ହେବ ଉକ୍ତ ଶୌଚାଳୟକୁ କେହି ଯାଉନାହାନ୍ତି। ଶୌଚାଳୟ ପାଖରେ ମଦ ବୋତଲ, କାଚ, ଅଳିଆ ଆବର୍ଜନା ଭରି ରହିଛି । ଅନ୍ୟପଟେ ଲୋକେ ଶୌଚାଳୟ ପାର୍ଶ୍ୱ ରାସ୍ତା କଡରେ ପରିସ୍ରା କରି ପରିସ୍ଥିତିକୁ ଆହୁରି ବିଗାଡି ଦେଉଛନ୍ତି । ଟିକାବାଲି ପଞ୍ଚାୟତ ପକ୍ଷରୁ ଏହାର ଉନ୍ନତି ଉପରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ବସ୍ଷ୍ଟାଣ୍ଡରେ ଥିବା ପରିସ୍ରାଗାର, ଶୌଚାଳୟ ସମେତ ଆଖପାଖ ସ୍ଥାନ ପରିଷ୍କାର ପରିଚ୍ଛନ୍ନ ହେବାର ନିହାତି ଆବଶ୍ୟକତା ରହିଛି। ଏହା ହେଲେ ବାହାରୁ ଆସୁଥିବା ଯାତ୍ରୀମାନେ ଆଶ୍ୱସ୍ତ ହୋଇପାରିବେ। ଶୌଚାଳୟର ସମ୍ପୂର୍ଣ୍ଣ ପୁନରୁଦ୍ଧାର ଆବଶ୍ୟକ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି



ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

**ଖଲ୍ଲିକୋଟ,୨୫।୬ (ପ୍ରଶାନ୍ତ ମିଶ୍ର)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ନାରାୟଣୀ ଛକ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି ନେଇ ଏକ ବୈଠକ ଲଙ୍ଗଳେଶ୍ୱର ସ୍ଥିତ ତ୍ରିନାଥ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଜେଡିର ବରିଷ୍ଠ ନେତା କିଶୋର ପଲେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଲଙ୍ଗଳେଶ୍ୱର ସରପଞ୍ଚ ରମେଶ ଚନ୍ଦ୍ର ସାହୁଙ୍କ ସମେତ ସମିତିସଭ୍ୟ ପଦ୍ମ ଚରଣ ଦଳେଇ, ବାକୁଟୁ ଗାଁ ସରପଞ୍ଚ ଗଣେଶ ସାହୁ, ଆଇନଜୀବୀ ଚନ୍ଦ୍ରଶେଖର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଭିକାରୀ ମାନସିଂ, ସୁବଳ ସାହୁ, ବୁଦ୍ଧିଜୀବୀ ପଦ୍ମ ଚରଣ ବୈଦ୍ୟ, ଭୀମସେନ ପ୍ରଧାନ, ଅହଲ୍ଯା ଜେନା, ସୋମନାଥ ଦଳେଇ, ବିନାୟକ ବେହେରା, ଗନ୍ତେଇ ଟହଲଙ୍କ ସହ ୫ ଗୋଟି ପଞ୍ଚାୟତର ବହୁ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଲଙ୍ଗଳେଶ୍ୱର, ବାକୁଟଗାଁ, ତେନ୍ତୁଳିଆପଲ୍ଲୀ, ଆଇଟିପୁର ଓ ଆଦିବାସୀ ଅଧୁଷିତ ବାଦପଲ୍ଲୀ ପଞ୍ଚାୟତରେ ସ୍ୱାସ୍ଥ୍ୟ କେନ୍ଦ୍ର ନଥିବାରୁ ଉକ୍ତ ୫ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ନ ପାଇ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଦିବାସୀ ଅଧୁଷିତ ପଞ୍ଚାୟତ ବାଦପଲ୍ଲୀର ଅଧିବାସୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ୨୦ କିଲୋମିଟର ଦୂର ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସେହିପରି ୧୬ ନମ୍ବର ଜାତୀୟ ରାଜପଥର ଲଙ୍ଗଳେଶ୍ୱର ପଞ୍ଚାୟତର ନାରାୟଣୀ ଛକ ଠାରେ ସଡ଼କ ଦୁର୍ଘଟଣା ଘଟି ବହୁ ପଥଚାରୀ, ଯାତ୍ରୀ ଓ ଚାଳକ ଆହତ ହେଉଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ପାଇଁ ୧୫ କିଲୋମିଟର ଦୂର ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ବାଟରେ ଅନେକଙ୍କ ଜୀବନ ଚାଲିଯାଇଥିବା ନଜିର ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ନାରାୟଣୀ ଛକ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଗତ କିଛି ଦିନ ତଳେ ଖଲ୍ଲିକୋଟରେ ଅନୁଷ୍ଠିତ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିବା ଜଣାପଡିଛି।

# ଶାନ୍ତି ବିକାଶ କମିଟି ବୈଠକ

ରାମଗିରି,୨୫।୬(ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତର ହାଟପଦା ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ଠାରେ ‘ସ୍ୱାଦ’ ସହଯୋଗରେ ଶାନ୍ତି ବିକାଶ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରାଜେନ୍ଦ୍ର କୁମାର ମାଝୀଙ୍କ ସଭାପତିତ୍ୱରେ ଓ ସମ୍ପାଦିକା ମିନତୀ ସାହୁ ଏବଂ ସ୍ୱାଦ ଅନୁଷ୍ଠାନର ନିର୍ମଳା ପଟ୍ଟନାୟକଙ୍କ ପରିଚାଳନାରେ ୧୦ ଜଣିଆ କମିଟି ସଦସ୍ୟମାନଙ୍କୁ ନେଇ ଏହି ବୈଠକ ହୋଇଥିଲା। ଆମ ଗାଁ ଯୋଜନାର କଳହ ସମ୍ବେଦନଶୀଳ ବିକାଶ ଯୋଜନାରେ ବ୍ଲକ ସ୍ତରରେ ଶାନ୍ତି ବିକାଶ କମିଟି ଗଠନ କରାଯାଇଛି। ସର୍ବ ପ୍ରଥମେ ସ୍ୱାଦ ତରଫରୁ ଫୁଲବାଣୀ ଜିଲାରେ ଦଙ୍ଗା ଓ ଗଣ୍ଡଗୋଳ





ଶାନ୍ତି ବିକାଶ କମିଟିର ବୈଠକରେ ସଦସ୍ୟା ଓ ସଦସ୍ୟ।

ପରିସ୍ଥିତି ଦୂର କରିବା ପାଇଁ ଶାନ୍ତି ବିକାଶ କମିଟି ଗଠନ କରାଯାଇଥିଲା। ତାପରେ ଗଜପତି ଜିଲାର ଚାରୋଟି ବ୍ଲକରେ ତଥା କାଶୀନଗର ବ୍ଲକରେ ଗୋଟିଏ, ନୂଆଗଡ ବ୍ଲକରେ ଗୋଟିଏ, ଆର. ଉଦୟଗିରି ବ୍ଲକର ରାମଗିରିରେ ଗୋଟିଏ ଏବଂ ମୋହନା ବ୍ଲକରେ ସାତୋଟି ଭାବେ ମୋଟ ୧୦ଟି ଶାନ୍ତି ବିକାଶ କମିଟି ଗଠନ କରାଯାଇ ଗ୍ରାମାଞ୍ଚଳରେ ଉପୁଜୁଥିବା ଗଣ୍ଡଗୋଳ ଓ କଳହ ପରିସ୍ଥିତି ଦୂର କରିବା ଏବଂ ଯୋଗ୍ଯ ଅସହାୟ ବ୍ୟକ୍ତି ବିଶେଷ ମାନେ ପାଇପାରୁନଥିବା ଆବାସ ଗୃହ, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ଏବଂ ବିଭିନ୍ନ ସରକାରୀ ସହାୟତାରେ ସେମାନଙ୍କୁ ସହଯୋଗ କରିବା ଏହି ଶାନ୍ତି ବିକାଶ କମିଟିର ମୂଳ ଲକ୍ଷ୍ୟ।

# ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ



ପୋଲସରା,୨୫।୬(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପ୍ରାଙ୍ଗଣରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀରେ ଦୁଇଦିନିଆ ଅଷ୍ଟଦୁର୍ଗ ଅଧିବେଶନ ଉଦ୍ଯାପନୀ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା ଓ କବିତା ପାଠ ଉତ୍ସବକୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ମହାସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଆୟୋଜନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଚକ୍ରଧରପୁର କେରା ରାଜୀବ କୁମାର ସିଂହ ଦେଓ ଉଦ୍ଘାଟନ କରିଥିଲେ। କବିତା ପାଠ ଉତ୍ସବକୁ କବି ପ୍ରମୋଦ ରାଉଳ ସଂଯୋଜନା କରିଥିଲେ। ଏହି ଅବସରରେ ମଥୁରା ମଠାଧୀଶ ସୁନ୍ଦର ରାମ ଦାସ ମହନ୍ତ ମହାରାଜା, ବୃନ୍ଦାବନ ନାୟକ, ଯଜ୍ଞଦତ୍ତ ସାମନ୍ତରାୟ, ଇ. ମାହେଶ୍ୱରୀ ଦୋରା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍କନିଧି ବେହେରା, ବୃନ୍ଦାବନ ପ୍ରଧାନ, ତ୍ରିନାଥ ପ୍ରଧାନ, ଗୋକୁଳାନନ୍ଦ ପଣ୍ଡା, ଅରୁଣ କୁମାର ମିଶ୍ର, ପ୍ରଣୟ ପଣ୍ଡା, ନନ୍ଦ କିଶୋର ପ୍ରଧାନ, ଚିନ୍ମୟ କୁମାର ଦାସ, ସୌଭାଗ୍ୟ ମିଶ୍ରଙ୍କ ସହ କବୟିତ୍ରୀ ଓ କବି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନେକ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ବୁଗୁଡ଼ା,୨୫।୬(କାଳି ଚରଣ ଦାଶ)

ଏକାଧିକ ଆପରାଧିକ ମାମଲାରେ ଜଡିତ ଥାଇ ଡକାୟତି ଯୋଜନା କରୁଥିବା ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର କୁନା ବାରିକ, ବୁଗୁଡ଼ା ଥାନା ଅନ୍ତର୍ଗତ କଞ୍ଚୁରୁ ଗ୍ରାମର ନାରାୟଣ ବେହେରା, ମାଣିତରା ଖଳାସାହିର ସନିଆ ନାଇକ ଓ ବନ୍ଧସାହିର ରିତୁ ରଣା ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ପଲାସା ଥାନା ଓ ଗାଁ ଅନ୍ତର୍ଗତ ନେହେରୁ ନଗର ନିବାସୀ ତିରୁମଲା ପାତ୍ର । ସେମାନଙ୍କଠାରୁ ୩ଟି ଦେଶୀ ପିସ୍ତଲ, ୧୦ ଗୁଳି, ୩ ଅଫୁଟା ବୋମା, ୧ଟି ଷ୍ଟିଲ୍ ଭୁଜାଲି, ୧୩୦ ଗ୍ରାମ ସୁନା, ୧ ଲକ୍ଷ ୨୨ ହଜାର ନଗଦ ଟଙ୍କା, ୬ଟି ମୋବାଇଲ୍, ୨ ବାଇକ୍ ଆଦି ସାମଗ୍ରୀ ଜବତ କରିଛି। ଏ ନେଇ ନଂ. ୪୪୭/୨୩ରେ ଏକ ମାମଲା ରୁଜୁ ହୋଇଥିବା ଶନିବାର ବୁଗୁଡ଼ା ଥାନା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ



ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ।

ଗଞ୍ଜାମ ଜିଲା ଆଡିଶନାଲ୍ ଏସ୍ପି ପ୍ରଫୁଲ୍ଲ କୁମାର ବଡଜେନା ସୂଚନା ଦେଇଛନ୍ତି।

ଶୁକ୍ରବାର ରାତିରେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଚାଲୁଣ୍ଡି ଗାଁ ଛକ ନିକଟରେ ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ଖବର ପାଇ ବୁଗୁଡ଼ା ପୋଲିସ ସେମାନଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ କୁନା ବାରିକଙ୍କ ନାମରେ ୧୪ରୁ ଅଧିକ ଆପରାଧିକ ମାମଲା ରହିଥିବା ବେଳେ ଅନ୍ୟମାନଙ୍କ ନାମରେ ଏକାଧିକ ମାମଲା ରହିଛି। ଏଥିସହ ଏହି ଅପରାଧୀ ଦଳର ସଂପୃକ୍ତି ମୟୂରଭଞ୍ଜ ଜିଲା ଶୁଳିଆପଡ଼ା ଥାନାରେ ନଂ ୯୩/୨୩ କ୍ରମେ ସୁନା ଚୋରି ଅଭିଯୋଗ ରହିଛି। ଉକ୍ତ ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସ୍ଡିପିଓ ବିଶ୍ୱାମିତ୍ର ହରପାଲ୍ ଏବଂ ମାମଲାର ତଦନ୍ତ ଅଧିକାରୀ ଏସ୍ଆଇ ସମୀର କୁମାର ସେଠୀ ଉପସ୍ଥିତ ରହିଥିବା ବେଳେ ଏହି ମାମଲାର ଅଧିକ ତଦନ୍ତ ଆଗକୁ ଜାରି ରହିବ ବୋଲି ପ୍ରକାଶ ପାଇଥିଲା।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଦିଗପହଣ୍ଡି ବ୍ଲକ ବିଜେଡି ପକ୍ଷରୁ ଦାବି ପତ୍ର। ସ୍ଥାନ–ଏସପି ଓ ଆଇଜି କାର୍ଯ୍ୟାଳୟ, ସମୟ–ପୂର୍ବାହ୍ନ ୧୧ଟା।
- ନିଶା ଦ୍ରବ୍ୟ ବିରୋଧରେ ସଚେତନତା। ସ୍ଥାନ–ଓଏସ ଆରଟିସି କଂପ୍ଲେକ୍ସ , ସମୟ–ପୂର୍ବାହ୍ନ ୧୧ଟା।

# କୁକୁର କାମୁଡ଼ାରେ ୧୫ ଛେଳି ମୃତ



**ପାରଳାଖେମୁଣ୍ଡି, ୨୫।୬(ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ଝାମୀ ଗ୍ରାମରେ ପାଗଳ କୁକୁର କାମୁଡ଼ାରେ ୧୫ଟି ଛେଳି ଛୁଆଙ୍କର ମୃତ୍ୟୁ ହୋଇଛି। ଶନିବାର ରାତିରେ ଏହି ଘଟଣା ଘଟିଛି। ଝାମୀ ଗ୍ରାମର ଗୋଲାସାହି ବାସିନ୍ଦା ପି. ଆପ୍ପନା ଗୁହାଳରେ ୩୦ଟି ଛେଳି ପାଳନ କରୁଥିଲେ। ଶନିବାର ରାତିରେ ଏକ ପାଗଳା କୁକୁର ଗୁହାଳରେ ପଶି ଛେଳି ଛୁଆମାନଙ୍କୁ କାମୁଡ଼ିବା ଯୋଗୁଁ ୧୫ଟି ଛେଳିଙ୍କର ମୃତ୍ୟୁ ହୋଇଛି। ଛେଳିଗୁଡ଼ିକ ବୋବାଇବାରୁ ପାଳକ ଆପ୍ପନାଙ୍କ ସମେତ ସାହି ପଡିଶା ଦୌଡ଼ି ଆସିବାରୁ କୁକୁରଟି ଦୌଡ଼ି ଚାଲି ଯାଇଥିଲା। ଛେଳି ମାଲିକ ଆପ୍ପନା ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# କୂଅରୁ ୨ ବାର୍‌ହା ଉଦ୍ଧାର

**ପାତ୍ରପୁର,୨୫।୬(ଉମା ଚରଣ ନେପାକ):** ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ନାରାୟଣପୁର ଗ୍ରାମରେ ରବିବାର ଜଣେ ବ୍ୟକ୍ତିଙ୍କ ବାଡିପଟ କୂଅରୁ ଦୁଇଟି ବାର୍‌ହା ଉଦ୍ଧାର କରାଯାଇଛି। ଶନିବାର ରାତିରେ ବାର୍‌ହା ଦ୍ୱୟ ଅନ୍ଧାରରେ କୂଅରେ ଖସି ପଡ଼ିଥିଲେ। ସକାଳୁ ସେମାନଙ୍କ ରଡି ଶୁଣି ଲୋକେ ଉଭୟ ବନ ବିଭାଗ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପାତ୍ରପୁର ଅଗ୍ନିଶମ ବାହିନୀ କର୍ମଚାରୀ ଓ ବନ ବିଭାଗ ପହଞ୍ଚି ରଶି ଦ୍ୱାରା ଗୋଟିଏ ପରେ ଗୋଟିଏ କରି ଉଭୟ ବାର୍‌ହାକୁ କୂଅରୁ ଉଦ୍ଧାର କରିଥିଲେ। ଉଦ୍ଧାର ହେବା ପରେ ବାର୍‌ହା ଦ୍ୱୟ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ।

# ଶେରଗଡ଼ରେ ବିଜୁଳି ବିଭ୍ରାଟ, ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

**ଶେରଗଡ, ୨୫।୬(ସୂର୍ଯ୍ୟନାରାୟଣ ଦାଶ):** ଶେରଗଡ଼ ଓ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେଲା ବିଜୁଳି ବିଭ୍ରାଟ ବଢୁଛି। ସନ୍ଧ୍ୟା ସମୟରେ ବହୁବାର ବିଜୁଳି କାଟ ହେଉଛି। କହିଲେ ଉତ୍ତର ମିଳୁଛି ବ୍ରେକ ଡାଉନ, ତାର କଟି ଯାଇଥିଲା, ଫ୍ୟୁଜ ଚାଲିଯାଇଥିଲା। ବିଶେଷ କରି ଗତ ୫ ଦିନ ବିଜୁଳି ବିଭ୍ରାଟ ଅଧିକ ମାତ୍ରାରେ ବଢ଼ିଛି। ଫଳରେ ଯାତ୍ରା ପରିଚାଳନାରେ ବାଧକ ସାଜିଛି। ଶେରଗଡ ସେକସନ ଥିବା ପୁରୁଣା ଯନ୍ତ୍ରାଂଶ ଗୁଡିକ ଠିକ ଭାବେ ସଜଡାନଯିବା ଯୋଗୁଁ ଏ ପ୍ରକାର ବିଭ୍ରାଟ ହୋଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେରଗଡ ବିଜୁଳି ବିଭ୍ରାଟ ସମାସ୍ୟା ବୁଝିବା ପାଇଁ କେହି ନଥିବା ବେଳେ ହିଞ୍ଜିଳି ସ୍ଥିତ ନିର୍ବାହୀ ଯନ୍ତ୍ରୀ, ବ୍ରହ୍ମପୁର ସ୍ଥିତ ଅକ୍ଷୀକ୍ଷଣ ଯନ୍ତ୍ରୀ ଶେରଗଡ ବିଜୁଳି ବିଭ୍ରାଟ ସମାସ୍ୟା ସମାଧାନ କରିବାକୁ ଦାବି ହେଉଛି।

# ଚିକିତ୍ସାଧୀନ ଅଟୋ ଚାଳକଙ୍କ ମୃତ୍ୟୁ

**ଅଟୋ-ବାଇକ ଧକ୍କା ଘଟଣା**

ଦାରିଙ୍ଗବାଡି,୨୫।୬(ଅରୁଣ ସାହୁ)- ଦାରିଙ୍ଗବାଡ଼ି ଥାନା କିଟିକୁଟି ପଞ୍ଚାୟତ ଅଞ୍ଚଳରେ ଶନିବାର ଏକ ଅଟୋ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗୁରୁତର ଥିବା ଅଟୋ ଚାଳକ ହେମନ୍ତ ପାତ୍ରଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ହେମନ୍ତଙ୍କ ମୃତ୍ୟୁ ଖବର ପରେ କିରିକୁଟି ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଛି। ସେପଟେ ବାଇକରେ ଥିବା ୨ ଜଣ ଆହତଙ୍କ ଚିକିତ୍ସା ଚାଲିଛି। ପ୍ରକାଶ ଯେ, ଶନିବାର ହେମନ୍ତ ଏକ ଅଟୋରେ ଆଦିବାସୀ ଗ୍ରାମକୁ ହଳଦୀ ନେଇ ଯାଇ ନିଜ ଗାଁ କିରିକୁଟିକୁ ଆସୁଥିଲେ। ବିପରୀତ ଦିଗରୁ ବାଇକ ଯୋଗେ କନ୍ଦିବାନ୍ଧା ଗ୍ରାମର ଦୁଇ ଜଣ ଦ୍ରୁତ ଗତିରେ ଯାଉଥିଲା ବେଳେ ୫୯ ନଂ ଜାତୀୟ ରାଜପଥର ଆଦିବାସୀ ଗ୍ରାମରେ ବାଇକ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ହେମନ୍ତଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଅବ୍ୟବସ୍ଥାରେ ପୁରାତନ ଭାରତୀ ବିଦ୍ୟାପୀଠ

- ମିଳିଛି ସ୍ମାର୍ଟ ସ୍କୁଲ ମାନ୍ୟତା, ୨୦ ବର୍ଷରୁ ଉର୍ଦ୍ଧ୍ୱ ନାହାନ୍ତି ପ୍ରଧାନଶିକ୍ଷକ
- ଚାରିମାସ ହେଲା ମିଳିନି ଶିକ୍ଷକଙ୍କ ଦରମା

**ଗଞ୍ଜାମ,୨୫।୬(ବିଦ୍ୟାଧର ସାହୁ)**



ଭାରତୀ ବିଦ୍ୟାପୀଠ ।

ଗଞ୍ଜାମ ସହର ବଡ ବଜାରଠାରେ ବହୁ ପୁରାତନ ଭାରତୀ ବିଦ୍ୟାପୀଠ ଅବସ୍ଥିତ। ଏହି ସ୍କୁଲକୁ ୬୭ ପୂରି ୬୮ବର୍ଷ ଚାଲିଛି। ବର୍ତ୍ତମାନ ଏହି ପୁରାତନ ସ୍କୁଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ମିଳିଛି ସ୍ମାର୍ଟ ସ୍କୁଲ ମାନ୍ୟତା। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉନ୍ନତମାନର ଶ୍ରେଣୀଗୃହ ସାଙ୍ଗକୁ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ଏହି ପୁରାତନ ସ୍କୁଲରେ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱ ପ୍ରଧାନ ଶିକ୍ଷକ ନାହାନ୍ତି। ୨୦୧୩ରେ ୮ ଦିନ ପାଇଁ ଜଣେ ପ୍ରଧାନଶିକ୍ଷକ ନିଯୁକ୍ତ ହୋଇଥିଲେ। ସେ ଅବସର ନେବା ପରେ ପୁଣି ଉକ୍ତ ପଦବୀ ଆଜି ଯାଏ ଖାଲି ରହିଛି ବୋଲି ସ୍କୁଲ ବରିଷ୍ଠ କ୍ଲର୍କ ହରିହର ବାରିକ ସୂଚନା ଦେଇଛନ୍ତି। ଜଣେ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ ଏହି ଜିଲାରୁ ୧୮୦ ଜଣ ଶିକ୍ଷକ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ହୋଇଥିଲେ ମଧ୍ୟ ଭାରତୀ ବିଦ୍ୟାପୀଠକୁ ମିଳିଲାନି ବୋଲି ସେ କହିଛନ୍ତି। ଛତ୍ରପୁର ଅନସଲୋ ହାଇସ୍କୁଲ ଓ ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତ ହେଲେ,କିନ୍ତୁ ଏଠାକୁ ମିଳିଲାନି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି କ୍ଲର୍କ ବାରିକ। ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ଜିଲା ପ୍ରଶାସନଠାରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିନାହିଁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଥିବା ପରିଲକ୍ଷିତ ହେଉଥିବା ପୂର୍ବତନ ସରପଞ୍ଚ ଡି. ଗୋବିନ୍ଦ ରେଡ଼ି କହିଛନ୍ତି। ଏଥିସହ ମାର୍ଚ୍ଚ, ଏପ୍ରିଲ, ମେ' ଓ ଜୁନ ଚାରି ମାସ ହେଲା ଶିକ୍ଷକମାନଙ୍କ ଦରମା ମିଳି ନ ଥିବା ଶିକ୍ଷକ ସୂର୍ଯ୍ୟନାରାୟଣ ଦାସ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ସ୍କୁଲରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ପିଲା ପଢୁଥିଲେ। ବର୍ତ୍ତମାନ ଅଷ୍ଟମ ଶ୍ରେଣୀ ଏଠାରୁ ଉଠାଇ ଦିଆଯାଇଛି। ଏହି ସ୍କୁଲରେ ଜଣେ ମହିଳା ପିଅନ, ଜଣେ ରାତ୍ର ଜଗୁଆଳିଙ୍କୁ ମିଶାଇ ମୋଟ ୧୪ ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ଅଛନ୍ତି। ସରକାର ହିନ୍ଦୀ ଭାଷାକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦେଇଥିଲେ ମଧ୍ୟ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଏଠାରେ କେହି ହିନ୍ଦୀ ଶିକ୍ଷକ ନାହାନ୍ତି। ଜଣେ ହିନ୍ଦୀ ଶିକ୍ଷକ ମାସକୁ ଦୁଇଦିନ ଆସି ଶିକ୍ଷାଦାନ କରୁଛନ୍ତି। ଏଣୁ ଉପରୋକ୍ତ ସମସ୍ୟା ପ୍ରତି ଜିଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ରକ୍ତଦାନ ଶିବିର, ୫୬ ୟୁନିଟ ସଂଗୃହୀତ


ରକ୍ତ ସଂଗ୍ରହ କରାଯାଉଛି।

**ରମ୍ଭା,୨୫।୬(ବନବାସୀ ସେଠୀ)**

ସନ୍ତୋଷପୁର ଗ୍ରାମ ପଞ୍ଚାୟତର ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ, ଛତ୍ରପୁର ଆନୁକୂଲ୍ୟରେ ସାନ ଗୋପାଳପୁର ଗ୍ରାମ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷପୁର ଭଜନ ମଣ୍ଡଳୀର ଆବାହକ ପ୍ରକାଶ ଚନ୍ଦ୍ର ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଗଞ୍ଜାମ –୧ ଜିଲା ସଭାପତି ଏମ. ଗୋପାଳ ରାଓ ପହଞ୍ଚି ରକ୍ତଦାତାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଶିବିରରେ ମୋଟ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏମକେସିଜି ବଡ଼ ମେଡିକାଲର ରକ୍ତ ଭଣ୍ଡାରର କର୍ମଚାରୀ ସହଯୋଗ କରିଥିଲେ। ଶ୍ରୀତମ ତରାଇ, ଉତ୍ତମ ତରାଇ, ସୁକାନ୍ତ ଛଟେଇ, ଦୀପକ କୁମାର ସାହୁ, ସୁରେନ୍ଦ୍ର ନାଥ ପଟ୍ଟନାୟକ ଏବଂ ଗ୍ରାମର ଅନ୍ୟମାନେ ଯୋଗ ଦେଇଥିଲେ । ଆବାହକ ତରାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟାକାଣ୍ଡ

**ବସିଆଙ୍କ ମୃତଦେହ ଜବତ ଘଟଣା**

- ପ୍ରେମିକା, ନୂଆ ପ୍ରେମିକଙ୍କ ସହ ୫ ଗିରଫ


ଗିରଫ ପ୍ରେମିକା, ନୂଆ ପ୍ରେମିକ ଏବଂ ଅନ୍ୟମାନେ।

**ଫୁଲବାଣୀ/ଫିରିଙ୍ଗିଆ, ୨୫।୬ (ରାକେଶ ରାଉତ/ବିକ୍ରମ ଦିଗାଲ)**

ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ କିଆମୁଣ୍ଡା ଗାଁ ଜଙ୍ଗଲରୁ ଗତ ୧୩ ତାରିଖରେ ବସିଆ ନନ୍ଦ ଦିଗାଲଙ୍କ ମୃତଦେହ ଜବତ ହୋଇଥିଲା। ଏହା ଏକ ହତ୍ୟା ବୋଲି ବସିଆଙ୍କ ବାପା ରମେଶ ଦିଗାଲ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ରବିବାର ପୋଲିସ ବସିଆଙ୍କ ପ୍ରେମିକା, ନୂଆ ପ୍ରେମିକଙ୍କ ସହ ୫ ଜଣକୁ ଗିରଫ କରିଛି। ସେମାନେ ହେଲେ ଫିରିଙ୍ଗିଆ ଥାନା ଗୁଜାକ୍ରାଡୁ ଅଞ୍ଚଳର ସୋମନାଥ ଦିଗାଲ, ପ୍ରେମିକା ଚନ୍ଦ୍ରିକା ଦିଗାଲ, ଗୁଜାରା ଦିଗାଲ, କୋଟଗଡ ଥାନା ପାରିଗଡର ଯତୀନ ବଡ଼ସେଠ ଏବଂ ବାଲିଗୁଡା ଥାନା ସରୁପଡ଼ା ଗାଁର ନୂଆ ପ୍ରେମିକ ଅନନ୍ତ ମଲ୍ଲିକ। ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପୋଲିସ କହିଛି। ଦେଢ଼ ବର୍ଷ ହେବ ବସିଆଙ୍କ ସହ ଚନ୍ଦ୍ରିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବସିଆ ବିବାହିତ ଥିଲେ । ଉଭୟ ତାମିଲନାଡୁ ଯାଇ କାମ କରିବା ସହ ମିଶିକି ରହୁଥିଲେ । ଗତ ଫେବୃଆରୀରେ ବସିଆ ଘରକୁ ଫେରିଥିଲେ। ମେ ମାସରେ ଚନ୍ଦ୍ରିକା ନିଜ ଘରକୁଆସିଥିଲେ। ଏହା ଭିତରେ ଭିଣୋଇ ଘର ସରୁପଡା ଗାଁର ଅନନ୍ତଙ୍କ ସହ ଚନ୍ଦ୍ରିକାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବସିଆ ଚନ୍ଦ୍ରିକାଙ୍କୁ ଫୋନ କରିବାରୁ ସେ ଅଣଦେଖା କରୁଥିଲେ। ଏହାକୁ ନେଇ ବସିଆଙ୍କ ମନରେ ସନ୍ଦେହ ହୋଇଥିଲା। ସେ ଚନ୍ଦ୍ରିକାଙ୍କ ଘରକୁ ଆସୁଥିଲେ। ହେଲେ ଚନ୍ଦ୍ରିକା ଏବଂ ତାଙ୍କ ବାପା ବସିଆଙ୍କୁ ଧମକ ଦେଉଥିଲେ କି ତୁମେ ଆଉ ଏଠାକୁ ଆସ ନାହିଁ। ଗତ ୧୨ ତାରିଖ ଚନ୍ଦ୍ରିକା ପୁରୁଣା ପ୍ରେମିକ ବସିଆ ଏବଂ ନୂଆ ପ୍ରେମିକ ଅନନ୍ତଙ୍କୁ ଡାକି ଘର ପାଖରୁ କିଛି ଦୂରକୁ ଯାଇ କଥା ହୋଇଥିଲେ । ଇଏ କିଏ ବୋଲି ବସିଆ ପଚାରିବାରୁ, ସେ ମୋ ନୂଆ ପ୍ରେମିକ । ମୁଁ ତାଙ୍କୁ ବିବାହ କରିବି କହିଥିଲେ । ହେଲେ ବସିଆ ଏ କଥାକୁ ସହଜରେ ଗ୍ରହଣ କରି ପାରି ନ ଥିଲେ । ମୋ ସହ ଆସ ବୋଲି ଚନ୍ଦ୍ରିକାଙ୍କୁ କହିଥିଲେ । ହେଲେ ଚନ୍ଦ୍ରିକା ଅନନ୍ତଙ୍କ ସହ ଘରକୁ ଫେରି ଯାଇଥିଲେ । ଘରକୁ ଫେରିବା ବାଟରେ ବସିଆ ଏବଂ ଅନନ୍ତଙ୍କ ମଧ୍ୟରେ ଦେଖା ସାକ୍ଷାତ ହୋଇଥିଲା। ବସିଆ କିଛି ଅନ୍ତରଂଗ ଫଟୋ ତାଙ୍କୁ ଦେଖାଇଥିଲେ । ହେଲେ ସନ୍ଧ୍ୟାରେ ବସିଆ ପୁଣି ଚନ୍ଦ୍ରିକାଙ୍କ ଘରକୁ ଯାଇଥିଲେ । ଏହା ଦେଖି ଚନ୍ଦ୍ରିକା ଏବଂ ପରିବାର ଲୋକେ ରାଗି ଯାଇଥିଲେ । ଚନ୍ଦ୍ରିକା ବି ଏହି ସମୟରେ ତାଙ୍କ ନୂଆ ପ୍ରେମିକଙ୍କୁ ଡାକି ଦେଇଥିଲେ । ସମସ୍ତେ ତାଙ୍କୁ ଘର ପାଖରୁ କିଛି ଦୂର ପାହାଡ ପାଖକୁ ଡାକି ନେଇ ପିଟିଥିଲେ । ବସିଆ ଚେତାଶୂନ୍ୟ ହେବା ପରେ ତାଙ୍କୁ ଟାୱେଲରେ ଗଛରେ ଟାଙ୍ଗି ଦେଇ ଘରକୁ ପଳାଇ ଆସିଥିଲେ । ଫୋନ କଲ ଏବଂ ଅନ୍ୟ ପ୍ରମାଣକୁ ଆଧାର କରି ସମ୍ପୃକ୍ତ ପ୍ରେମିକା, ପ୍ରେମିକଙ୍କ ସହ ଅନ୍ୟମାନଙ୍କୁ ଗିରଫ କରାଯାଇଛି ବୋଲି ଥାନାଧିକାରୀ ତପନ କୁମାର ନାହାକ କହିଛନ୍ତି।

# ୧୫ ମନ୍ଦିର ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ବିଧାୟକଙ୍କ ଚିଠି

**ସୋରଡ଼ା,୨୫।୬(ଲମ୍ବୋଦର ପାଣିଗ୍ରାହୀ)**

ସୋରଡ଼ା ନିର୍ବାଚନ ମଣ୍ଡଳୀର ୧୦ଟି ଐତିହାସିକ ଓ ପୁରାତନ ମନ୍ଦିରମାନଙ୍କର ପୁନଃରୁଦ୍ଧାର ଓ ନବୀକରଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସୋରଡା ସହରରର ଜଗନ୍ନାଥ ମନ୍ଦିର, କନ୍ଧୁଣିଦେବୀ ମନ୍ଦିର, ବୃଦ୍ଧଲିଙ୍ଗେଶର ମନ୍ଦିର, ଖୁଣ୍ଟେଶରୀ ମନ୍ଦିର, ବଦାଙ୍ଗୀ ଜଗନ୍ନାଥ ମନ୍ଦିର, ବଡଗଡ ଜଗନ୍ନାଥ ମନ୍ଦିର ଓ ପୋଲକାଶୁଣି ମନ୍ଦିର, ଭଗବାନପୁର ଶିବ ମନ୍ଦିର, ଡାବିକି କନ୍ଧୁଣି ଦେବୀ, ରାମନାମବାଡି ଶିବ ମନ୍ଦିର ଓ ବେଲେଗୁଣ୍ଠା ଜଗନ୍ନାଥ ମନ୍ଦିର, ବାଙ୍କ ଜଗନ୍ନାଥ ମନ୍ଦିର, କ୍ଷତ୍ରିୟବ୍ରହ୍ମପୁର ବୁଢାକେନ୍ଦୁ ମନ୍ଦିର, ତନରଡା ମା' ବାସଙ୍ଗ ମନ୍ଦିରରେ ବର୍ଷ ତମାମ ଭକ୍ତଙ୍କ ଭିଡ ଲାଗିରହିଥାଏ। ତେଣୁ ଅର୍ଥ ଯୋଗାଇଦେଲେ ଜନସାଧାରଣ ଉପକୃତ ହେବେ ବୋଲି କୁହାଯାଇଛି। ଅନ୍ୟପଟେ ସୋରଡା ସ୍ଥାନୀୟ ପୁରାତନ ଜଗନ୍ନାଥ ମନ୍ଦିରର ରଙ୍ଗ ଲେପନ, ନିର୍ମାଣ କାର୍ଯ୍ୟ, ରକ୍ଷଣ ବେକ୍ଷଣ ପାଇଁ ଅନୁଦାନ ଯୋଗାଇଦେବାକୁ ମାସାଧିକ ହେଲା ଜଗନ୍ନାଥ ପ୍ରେମୀଙ୍କ ତରଫରୁ ୫ଟି ସଚିବ, ମୁଖ୍ୟମନ୍ତ୍ରୀ, ଦେବୋତ୍ତର ବିଭାଗ, ସଂସ୍କୃତି ବିଭାଗ, ଯୋଜନା ବିଭାଗକୁ ପୋଷ୍ଟ କାର୍ଡ ମାଧ୍ୟମରେ ଓ ଅନଲାଇନରେ ଅନୁରୋଧ ପତ୍ର ପଠାଯାଇଛି।


# ଭାଜପା ମଣ୍ଡଳ କର୍ମକର୍ତ୍ତାଙ୍କ ବୈଠକ


ଭାଜପା କର୍ମକର୍ତ୍ତା।

**ଦାରିଙ୍ଗବାଡି,୨୫।୬(ଅରୁଣ ସାହୁ)**

ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତ ମା' ପାଟଖଣ୍ଡା ମନ୍ଦିର ପ୍ରାଙ୍ଗଣରେ ଭାଜପାର ଦାରିଙ୍ଗବାଡି ମଣ୍ଡଳ କର୍ମକର୍ତ୍ତାଙ୍କ ସାଙ୍ଗଠନିକ ବୈଠକ ଜିଲା ସଭାପତି ଜଗନ୍ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ କନ୍ଧମାଳ ଜିଲା ଗସ୍ତରେ ଥିବା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସାଧାରଣ ସମ୍ପାଦକ ସଞ୍ଜୟ ନିର୍ମଳ ଯୋଗଦେଇ ବୈଠକରେ ଉପସ୍ଥିତ ଜନସାଧାରଣଙ୍କ ଅଭିଯୋଗଗୁଡ଼ିକ ଶୁଣିଥିଲେ ଏବଂ ଲୋକଙ୍କୁ କହିଥିଲେ ଯେ ମୋଦି ସରକାରଙ୍କ ହାତ ମୁଠାକୁ ଶକ୍ତିଶାଳୀ କରନ୍ତୁ ଏବଂ ସମସ୍ତ ଯୋଜନାର ସୁବିଧା ପାଇବାକୁ ପ୍ରୟାସ କରିବାକୁ କହିଥିଲେ। ଏଥିସହ ଓଡ଼ିଶାରେ ବିକାଶ ହୋଇନି କେନ୍ଦ୍ରର ବିଭିନ୍ନ ଯୋଜନାକୁ ହଡ଼ପ କରାଯାଉଥିବା ସେ କହିଥିଲେ। ବୈଠକରେ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଲୋକ ସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ଲୋକ ସଭା ସଂଯୋଜକ ରମେଶ ଚନ୍ଦ୍ର ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ମଣ୍ଡଳ ସଭାପତି ସନ୍ତୋଷ ସାହୁ, ସାଧାରଣ ସମ୍ପାଦକ ମିଟୁ ସାହୁ, ବିଧାନସଭା ବୁଥ୍ ସଂଯୋଜକ ରଞ୍ଜନ କୁମାର ସାହୁଙ୍କ ସମେତ କିରିକୁଟି, ସୀମନବାଡ଼ି, ବୁଡଗୁଡା, ବାଡାବଙ୍ଗା, ଦାରିଙ୍ଗବାଡି ଅଞ୍ଚଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବିଏଡ୍ ଶିକ୍ଷକ ସଂଘର ବୈଠକ


ବୈଠକରେ ଉପସ୍ଥିତ ଅତିଥି।

**କବିସୂର୍ଯ୍ୟନଗର,୨୫।୬(କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା ମିଳିତ ପ୍ରାଥମିକ ବିଏଡ୍ ଶିକ୍ଷକ ସଂଘର ଜିଲାସ୍ତରୀୟ ବୈଠକ କବିସୂର୍ଯ୍ୟନଗର କନକ ମଞ୍ଜରୀ ପାଠାଗାରଠାରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ଶିକ୍ଷକ ବିଚିତ୍ର ଦାସଙ୍କ ସଭାପତିତ୍ୱରେ ଅଟ୍ରିବୁଜ ସଭାପତି ରାମନାଥ ପଟ୍ଟନାୟକ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ବେହେରା, ସନ୍ତୋଷ ବେହେରା, ଶିବ ଜେନା, କିରଣ କୁମାର ଦାସ, ଲଳିତ ମୋହନ ପାତ୍ରଙ୍କ ସମେତ ରାମକୃଷ୍ଣ ପ୍ରଧାନ, ରରେଶ ବ୍ରହ୍ମା, ଚକ୍ରପାଣି ବେହେରା, ଜୟନ୍ତ କୁମାର ସ୍ୱାଇଁ, ଭଗବାନ ବିଶ୍ୱାଳ, ଜୟସେନ ବେହେରା, ଆଶାଲତା ମିଶ୍ର, ଟୁକୁନା ଭୁଆଁ, ରାମଚନ୍ଦ୍ର ଦୋରା, ଶିବଶଙ୍କର ଜେନା, ବାବୁଲି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଏଡ୍ ଯୋଗ୍ୟତାରେ ନିଯୁକ୍ତି ପାଇଥିବା ବିଭିନ୍ନ ବ୍ଲକରୁ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଏହି ବୈଠକରେ ଯୋଗ ଦେଇଥିଲେ। ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୧୦୬୮୬/ତା ୬।୫।୨୦୨୩ ଅନୁଯାୟୀ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ ତୁରନ୍ତ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟା ଶେଷ କରିବା ସଭାରେ ଦାବି ହୋଇଥିଲା। ଗଞ୍ଜାମ ବିଏଡ୍ ଶିକ୍ଷକ ସଙ୍ଗଠନ ସୁଦୃଢ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା।

# ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ରାଇକିଆ/ଜି.ଉଦୟଗିରି,୨୫।୬(ପ୍ରଦୀପ ବେହେରା/ଶିଶିର ପଟ୍ଟନାୟକ)**

ରାଇକିଆ ଥାନା କତିଙ୍ଗିଆଠାରେ ଶନିବାର ମଧ୍ୟରାତିରେ ଦୁର୍ବୃତ୍ତମାନେ ଷ୍ଟେଟ ବ୍ୟାଙ୍କ୍ ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ କରିଛନ୍ତି। ଏଟିଏମ୍‌ରେ କେହି ସିକ୍ୟୁରିଟି ଗାର୍ଡ ନ ଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ଶଟର ବନ୍ଦ କରିଥିଲେ। ରାତି ୨ଟା ବେଳେ ବିଦ୍ୟୁତ୍ ନ ଥିବା ସମୟରେ ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗିବାକୁ ଉଦ୍ୟମ କରୁଥିଲେ। ହେଲେ ପୋଲିସ ପାଟ୍ରୋଲିଂ ଗାଡ଼ି ଆସିଯିବାରୁ ସେମାନେ ଚମ୍ପଟ ମାରିଥିଲେ। ପୋଲିସ କ୍ୟାଶ୍ ସୁରକ୍ଷିତ ନେଇ ଯାଞ୍ଚ କରିଥିଲେ । ରାଇକିଆ ଆଇଆଇସି ରମାକାନ୍ତ ପାତ୍ର ପହଞ୍ଚି ସିସିଟିଭି ଯାଞ୍ଚ ଆରମ୍ଭ କରିବା ସହ ଫୋରେନ୍‌ସିକ ଟିମ୍ ମଧ୍ୟ ଯାଞ୍ଚକରି ଫେରିଛି। ଏ ନେଇ ରାଇକିଆ ଥାନାରେ ନଂ. ୬୬/୨୩ରେ ମାମଲା ରୁଜୁ ହୋଇଛି।

# ନୂତନ ଜିଲାପାଳଙ୍କୁ ଭେଟିଲେ ବୁଡ଼ି ଅଞ୍ଚଳବାସୀ

**୨୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ**

**ଆର.ଉଦୟଗିରି,୨୫।୬(ମନୋଜ କୁମାର ପାଢୀ)**

ଛେଳିଗଡ ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଏପଟେ ପ୍ରକଳ୍ପ ଯୋଗୁ ବାସହରା ହୋଇଥିବା ଲୋକଙ୍କ ଅଭିଯୋଗ ବନ୍ଦ ହେଉନାହିଁ। ଗଜପତିର ନୂତନ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଶନିବାର କାର୍ଯ୍ୟରେ ଯୋଗଦେବା ପରେ ଛେଳିଗଡ ପ୍ରକଳ୍ପ ବୁଡି ଅଞ୍ଚଳର କେତେକ ଗ୍ରାମବାସୀ ସେମାନଙ୍କ ଅଭିଯୋଗ ନେଇ ପହଞ୍ଚିଥିଲେ। ଜିଲାପାଳ ଛେଳିଗଡ ଜଳସେଚନ ପ୍ରକଳ୍ପ ଉପରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ମହେନ୍ଦ୍ରଗଡ ଗ୍ରାମରେ ଜଳସେଚନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟକୁ ଯାଇଥିବା ବେଳେ ଶତାଧିକ ଅଞ୍ଚଳବାସୀ ତାଙ୍କୁ ଭେଟି ୨୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ୧୯ଟି ଆଂଶିକ କ୍ଷତିଗ୍ରସ୍ତ ଲୋକଙ୍କୁ ନୂତନ ଥଇଥାନ ନୀତି ଅନୁଯାୟୀ କ୍ଷତିପୂରଣ ପ୍ରଦାନ, ପ୍ରତି ଡିପି ପରିବାରକୁ ୨୦ଲକ୍ଷ ଟଙ୍କା ପ୍ରଦାନ, ଶିକ୍ଷିତଙ୍କୁ ନିଶ୍ଚିତ ନିଯୁକ୍ତି, ୫ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ନୂତନ ଡିପି ଭାବେ ଗଣନା କରିବା, ୨୦୨୨–୨୩ ଅନୁଯାୟୀ ଜମିର ମୂଲ୍ୟ ନିର୍ଦ୍ଧାରଣ କରିବା ଓ ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ ପଦକ୍ଷେପ ନେବା ଲାଗି ଅଡି ବସିଥିଲେ। ଜିଲାପାଳ ପ୍ରଧାନ ଗ୍ରାମବାସୀଙ୍କୁ କହିଛନ୍ତି ଯେ, ନିୟମପ୍ରକାରେ ସମସ୍ତ କାମ ହେବ। ଏଥିପାଇଁ କିଛି ଦିନ ସମୟ ମାଗିଥିଲେ। ଅନ୍ୟପଟେ ଯଦି ସ୍ଥାୟୀ ସମାଧାନ କରା ନ ଯାଏ ତେବେ ପ୍ରକଳ୍ପର ସମସ୍ତ କାର୍ଯ୍ୟାଳୟ ସହ ଟନେଲ କାମ ବନ୍ଦ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଚିନ୍ତାରେ ଓଟିଇଟି ପରୀକ୍ଷାର୍ଥୀ

**ପାରଳାଖେମୁଣ୍ଡି,୨୫।୬ (ଗିରିଧାରୀ ପରିଚ୍ଛା)**

ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଆୟୋଜିତ ଓଟିଇଟି ପରୀକ୍ଷାକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବହୁ ପରୀକ୍ଷାର୍ଥୀ। ଗୋଟିଏ ଦିନରେ ୨ଟି ପେପର ପାଇଁ ପରୀକ୍ଷା ହେବାକୁ ଯାଉଥିବା ବେଳେ ପରୀକ୍ଷା କେନ୍ଦ୍ର ଭିନ୍ନ ଭିନ୍ନ ସହରରେ ପଡ଼ିଥିବାରୁ ପରୀକ୍ଷାର୍ଥୀଙ୍କ ସମସ୍ୟା ବଢ଼ି ଯାଇଛି। ମାଧ୍ୟମିକ ଶିକ୍ଷା ବୋର୍ଡର ଏଭଳି ଅଜବ ନୀତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ପ୍ରକାଶ ଥାଉକି ଆସନ୍ତା ଜୁଲାଇ ୧ ତାରିଖରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ଏହି ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ଆସିଯାଇଛି। ହେଲେ ଆଡମିଟ କାର୍ଡରେ ଯେଉଁ ଯେଉଁ ସ୍ଥାନରେ ପରୀକ୍ଷା ସେଣ୍ଟର ହେଇଥିବା ଉଲ୍ଲେଖ ରହିଛି ତାକୁ ନେଇ ହିଁ ବିଦ୍ୟାର୍ଥୀଙ୍କ ଚିନ୍ତା ବଢିଯାଉଛି । ପାରଳାଖେମୁଣ୍ଡିର ଗୌରଚନ୍ଦ୍ର ସାହିର ସାଗରୀକା ମିଶ୍ର ଚଳିତ ଥର ଓଟିଇଟି ପରୀକ୍ଷାର ପେପର ୧ ଓ ପେପର ୨ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ । ହେଲେ ପେପର ୧ ପାଇଁ ଛତ୍ରପୁରରେ ସେଣ୍ଟର ପଡ଼ିଥିବା ବେଳେ ପେପର ୨ ପାଇଁ ବ୍ରହ୍ମପୁର ସହରରେ ପରୀକ୍ଷା ସେଣ୍ଟର ପଡ଼ିଛି। କମ ସମୟ ଭିତରେ ସାଗରିକା ଦୁଇଟି ସହରରେ ୨ଟି ପରୀକ୍ଷା କିଭଳି ଉପସ୍ଥିତ ରହିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ତେବେ କେବଳ ସାଗରିକା ନୁହଁନ୍ତି, ଗଜପତି ଜିଲାରେ ଏଭଳି ଅନେକ ପରୀକ୍ଷାର୍ଥୀଙ୍କ ଦୂର ସ୍ଥାନରେ ପରୀକ୍ଷା କେନ୍ଦ୍ର ପଡ଼ିଥିବାରୁ ସେମାନେ କ'ଣ କରିବେ ଜାଣି ପାରୁନାହାନ୍ତି ।

# ବଳଦେବଜୀଉଙ୍କଠାରେ ମାନସିକଧାରୀଙ୍କ ମୁଣ୍ଡନ

**ପାରଳାଖେମୁଣ୍ଡି, ୨୫।୬(ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ରାୟଗଡ ବ୍ଲକର ପୁରାଣ ପ୍ରସିଦ୍ଧ ଐତିହାସିକ ଶୈବପୀଠ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଜିରାଙ୍ଗ ଗ୍ରାମସ୍ଥିତ ବଳଦେବଜୀଉଙ୍କ ମନ୍ଦିରଠାରେ ରଥଯାତ୍ରା ନିଆରା ଢଙ୍ଗରେ ବିଶ୍ୱାସ ଓ ପରମ୍ପରା ପ୍ରକାରେ ପାଳିତ ହୋଇଛି । ଏଠାରେ ଛୋଟ ପିଲା ଠାରୁ ବଡ଼ମାନେ ମୁଣ୍ଡନ ହେଉଥିବା ଦେଖାଯାଇଥିଲା। ପୂର୍ବରୁ ମାନସିକ ରଖିବା ଶ୍ରଦ୍ଧାଳୁମାନେ କାର୍ଯ୍ୟସିଦ୍ଧି ହେବାପରେ ଏଠାକୁ ଆସି ମୁଣ୍ଡନ ହୋଇଥିଲେ।

ଏହି ଆଦିବାସୀ ବହୁଳ ଅଞ୍ଚଳର ପ୍ରତ୍ୟକ୍ଷ ଦେବତା ହେଉଛନ୍ତି ପ୍ରଭୁ ବଳଦେବ। ଶତାଧିକ ବର୍ଷର ପରମ୍ପରାରୁ ଜଣାଯାଏ ଯେ, ଏ ଅଞ୍ଚଳର ଲୋକଙ୍କ ମଧ୍ୟରେ ପ୍ରଗାଢ ବିଶ୍ୱାସ ରହିଛି ଯେ, ପ୍ରଭୁ ବଳଦେବଜୀଉଙ୍କୁ ଦର୍ଶନ କରି ମାନସିକ ରଖିଲେ ତାହା ପୂରଣ ହେବାସହ କାର୍ଯ୍ୟସିଦ୍ଧି ହୋଇଥାଏ। ମାନସିକଧାରୀମାନେ ରଥଯାତ୍ରାରେ ଲଣ୍ଡା ହୋଇ ପାର୍ଶ୍ୱରେ ପ୍ରବାହିତ ହେଉଥିବା ପୁଣ୍ୟତୋୟା ମହେନ୍ଦ୍ରତନୟା ନଦୀରେ ବୁଡ଼ ପକାଇ ସ୍ନାନ କରିବା ପରେ ଛେନାପଣା ସହ ଫଳମୂଳ ପ୍ରଭୃତି ଭୋଗଲାଗି କରି ପୂଜାର୍ଚ୍ଚନା କରିଥାନ୍ତି। ଛେନାପଣା ପ୍ରଭୁ ବଳଦେବଙ୍କ ଅତ୍ୟନ୍ତ ପ୍ରିୟ ଖାଦ୍ୟ। ତେଣୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ଛେନାପଣା ଭୋଗ ଲାଗି କରିଆସୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାକାର ଗୌଡମାନଙ୍କ ଦ୍ୱାରା ପ୍ରସ୍ତୁତ କୋରାଇ ଭୋଗ ଲଗାଇବା ସହ ମାନସିକ କରିବା ଦ୍ୱାରା ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଏଠାରେ ଗୌଡ ସେବାୟତମାନେ ନିୟୋଜିତ ହୋଇଛନ୍ତି ।

**ନିଆରା ବିଶ୍ୱାସର ପରମ୍ପରା**


ମାନସିକଧାରୀମାନେ ମୁଣ୍ଡନ ହେଉଛନ୍ତି।

ଧରିତ୍ରୀ
DHARITRI
Bhubaneswar, Monday, June 26/2023





ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ନୂତନ ପ୍ଲାନ (ପ୍ଲାନ ୮୬୯) ଧନ ବ୍ରିଦ୍ଧିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏଲ୍ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ଅନ୍ୟ ନିର୍ଦ୍ଦେଶକମଣ୍ଡଳୀ ଓ ଅଧିକାରୀମାନେ ଧନ ବ୍ରିଦ୍ଧି ପୋଷ୍ଟର ଉନ୍ମୋଚନ କରୁଛନ୍ତି।

# ହୋଣ୍ଡାର ମନ୍‌ସୁନ ଚେକ୍-ଅପ୍ କ୍ୟାମ୍ପ

**ନୂଆଦିଲ୍ଲୀ,୨୫।୬**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ଏକ ୧୨ ଦିନିଆ ମନ୍‌ସୁନ୍ ଚେକ୍-ଅପ୍ କ୍ୟାମ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଉକ୍ତ କ୍ୟାମ୍ପ ସର୍ବଭାରତୀୟ ସ୍ତରରେ ଆୟୋଜିତ ହେଉଛି। ଏପରିକି କମ୍ପାନୀର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡିକରେ ଉକ୍ତ କ୍ୟାମ୍ପ ୨୦୨୩ ଜୁନ ୩୦ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଉଲ୍ଲେଖଯୋଗ୍ୟ କମ୍ପାନୀର ଗ୍ରାହକ-କୈନ୍ଦ୍ରିକ ଅଭିଯାନ ଜରିଆରେ କମ୍ପାନୀର ଗାଡି ମାଲିକମାନଙ୍କୁ ମାଗଣାରେ ୩୨-ପଏଣ୍ଟ କାର ଚେକ୍ ଅପ୍ ସହିତ ଟପ ୱାଶ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏହା ବ୍ୟତୀତ କିଛି ନିର୍ଦ୍ଦିଷ୍ଟ ପାର୍ଟସ ଉପରେ ମଧ୍ୟ ସୁବିଧା ସ୍କିମ ଆକାରରେ ଯୋଗାଇ ଦିଆଯାଉଛି, ଯେପରି ୱାଇପର ବ୍ଲେଡ/ରବର, ଟାୟାର ଏବଂ ବ୍ୟାଟେରି, ଡୋର ରବର ସିଏ ଆଣ୍ଡ ସର୍ଭିସ ଯଥା ହେଡଲ୍ୟାମ୍ପ କ୍ଲିନିଂ, ଫ୍ରଣ୍ଟ ଉଇଣ୍ଡସଲିଡ୍ କ୍ଲିନିଂ ଏବଂ ଅଣ୍ଡରବଡି ଆଣ୍ଟି ରଷ୍ଟ କୋଟିଂ ଆଦି ସେବା ଉପରେ ଆକର୍ଷଣୀୟ ସ୍କିମ ପ୍ରଦାନ କରାଯାଉଛି। ସେହିପରି କମ୍ପାନୀର ଗ୍ରାହକ ସର୍ବୋତ୍ତମ ଏକ୍ସଚେଞ୍ଜ ପ୍ରାଇସ ପାଇଁ ମଧ୍ୟ ସେମାନଙ୍କ କାର୍‌ର ଇଭାଲୁଏଶନ୍ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫।୬**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଚଳିତ ବର୍ଷର ମୌସୁମୀ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏପରିକି ଉକ୍ତ ପ୍ରସ୍ତୁତି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବିଭିନ୍ନ ପ୍ରକାର ସୁରକ୍ଷା ପଦକ୍ଷେପ ମଧ୍ୟ କମ୍ପାନୀ ଗ୍ରହଣ କରିଛି। ବିଶେଷ କରି କମ୍ପାନୀ ତା'ର ଗ୍ରାହକ ଓ କର୍ମଚାରୀମାନଙ୍କ ଲାଗି ସମସ୍ତ ସୁରକ୍ଷା ପଦକ୍ଷେପ ଗ୍ରହଣ କରି ମୌସୁମୀ ସମୟରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ବିଦ୍ୟୁତ ବ୍ୟବସ୍ଥା, ଖୁଣ୍ଟ ଓ ତାର ଉପରେ ଗଛ ପଡ଼ିବାକୁ ଏଡ଼ାଇବା ଲାଗି ୧୬୫୦ ସର୍କିଟ୍ କି.ମି. ଏଚ୍‌ଟି ଫିଡର୍‌ରେ ବୃକ୍ଷର ବିଭିନ୍ନ ଅଂଶକୁ କମ୍ପାନୀ ପକ୍ଷରୁ କଟାଯାଇଥିବା ବେଳେ କ୍ରିପର୍‌ର ଅଭିବୃଦ୍ଧି ଯୋଗୁ ହେବାକୁ ଥିବା ଟ୍ରିପିଂ (ବିଭ୍ରାଟ)କୁ ରୋକିବା ଲାଗି ୨୫୦ ସବଷ୍ଟେଶନରେ ଡି-ଭେଜିଟେଶନ କରାଯାଇଛି। ଏପରିକି ଆବଶ୍ୟକ କର୍ମଚାରୀ ମୁତୟନ, ତ୍ୱରିତ ପ୍ରଶମନ ସମୟ ସହିତ ରକ୍ଷଣାବେକ୍ଷଣ ଓ ବ୍ରେକ୍‌ଡାଉନ୍ ଯାନ ଚବିଶ ଘଣ୍ଟା ଉପଲବ୍ଧ ରହିଛି, ଡିଟିରେ ୧୧୫୦ ପଲିମରିକ୍ ଲାଇଟେନିଂ ଆରେଷ୍ଟର (ଘଡ଼ଘଡ଼ି ରୋକିବା) ଓ ଟ୍ରାନ୍ସଫରମର ବ୍ରେକ୍‌ଡାଉନ୍ ହ୍ରାସ କରିବା ଲାଗି ୨୦୦୦ ପଲିମରିକ୍ ଲାଇଟେନିଂ ଆରେଷ୍ଟର ସ୍ଥାପନ କରାଯାଇଛି। ସେହିଭଳି ୧୦,୦୦୦ ସ୍ଥାନରେ ବିଦ୍ୟୁତ ଲିକ୍ ପରୀକ୍ଷଣ ଅଭିଯାନ ହାତକୁ ନିଆଯାଇଥିବା ବେଳେ ୮୫୭ ଆର୍ଥିଂ ବ୍ୟବସ୍ଥା ସ୍ଥାପନ ସହ ଡିଟିରେ ୧୩୬୮ ଆର୍ଥିଂ ବ୍ୟବସ୍ଥାର ମରାମତି କରାଯାଇଛି। ବିଶେଷ କରି ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ଅତ୍ୟଧିକ ଦୁର୍ବଳ ଅଞ୍ଚଳରେ ୧୧୦୦ ଇଣ୍ଟରପୋଜିଂ (ଛନ୍ଦି ହୋଇଥିବା) ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି ଏବଂ ଯେକୌଣସି ପ୍ରକାର ଅଭାବନୀୟ ଘଟଣାକୁ ରୋକିବା ଲାଗି ୫୦୦ ବିଦ୍ୟୁତ ସବଷ୍ଟେଶନରେ ବାଡ଼ ଦିଆଯାଇଛି।

ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଆମର ଗ୍ରାହକମାନେ କିଭଳି ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇପାରିବେ, ତାହାକୁ ସୁନିଶ୍ଚିତ କରିବା ଲାଗି ଆମେ ନିୟମିତ ଭାବେ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରୁଛୁ। ଏପରିକି ଚଳିତ ମୌସୁମୀ ସମୟରେ ସରଳ ପଦକ୍ଷେପ ଅନୁସରଣ କରିବା ପାଇଁ ଆମେ ସମସ୍ତଙ୍କୁ ଆହ୍ୱାନ ଦେଉଛୁ ବୋଲି ଅରବିନ୍ଦ ମତପ୍ରକାଶ କରିଛନ୍ତି।

# ଟ୍ରେଣ୍ଡ୍‌ସ ରଜ ରାଜକୁମାରୀର ବିଜେତା ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୫।୬ (ଅଭୟ ଦାଶ)**

ରିଲାଏନ୍ସ ରିଟେଲ୍‌ର ପୋଷାକ ଏବଂ ଆସେସୋରିଜ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ ଆୟୋଜିତ 'ରଜ ରାଜକୁମାରୀ ପ୍ରତିଯୋଗିତା-୨୦୨୩'ର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏପରିକି ରବିବାର ଟ୍ରେଣ୍ଡସ ଜନପଥ ଷ୍ଟୋରଠାରେ ରଜ ରାଜକୁମାରୀ ଫାଇନାଲ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସମାରୋହ ସହ ରଜ ରାଜକୁମାରୀ ପ୍ରତିଯୋଗିତାର ସମସ୍ତ ୬ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷର ରଜ ରାଜକୁମାରୀର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

ଉଲ୍ଲେଖଯୋଗ୍ୟ, ସେଲ୍‌ଫି ଓ ରିଲ୍‌ସ ଜରିଆରେ ରଜ ଲୁକ୍‌ସ ପ୍ରତିଯୋଗିତାର ଶ୍ରେଷ୍ଠ ୩ଜଣ ବିଜେତାଙ୍କୁ ଯଥାକ୍ରମେ ୩୧,୦୦୦, ୨୧,୦୦୦ ଏବଂ ୧୧,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଲୋକପ୍ରିୟ ବ୍ଲଗର ସୁଶ୍ରୀ ମିଶ୍ର, ଶୁଭଲକ୍ଷ୍ମୀ ଦୀକ୍ଷିତ, ବର୍ଷା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ଟ୍ରେଣ୍ଡ୍‌ସ ରଜ ରାଜକୁମାରୀ ପ୍ରତିଯୋଗିତାର ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ଏପରିକି ପୁରସ୍କାର ଆକାରରେ ଉପରୋକ୍ତ ୩ ବ୍ଲଗରଙ୍କୁ ପ୍ରତ୍ୟେକ ୧୦,୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ଅତିଥି ପ୍ରଦାନ କରିଥିଲେ। ଏପରିକି ସମସ୍ତ ପ୍ରତିଯୋଗୀଙ୍କୁ ୫୦୦ଟଙ୍କା ଲେଖାଏଁ ମୂଲ୍ୟର ୨ଟି ସ୍ୱତନ୍ତ୍ର ରଜ ରିହାତି କୁପନ ଦିଆଯାଇଥିଲା।

ସୂଚନାଯୋଗ୍ୟ, ୨୦୨୩ ଜୁନ୍ ୧ରୁ ଜୁନ ୧୮ ତାରିଖ ପର୍ଯ୍ୟନ୍ତ ଉକ୍ତ ପ୍ରତିଯୋଗିତା ବିଭିନ୍ନ ପ୍ଲାଟଫର୍ମରେ ଚାଲିଥିଲା। ଏପରିକି ଦୀର୍ଘ ୧୮ ଦିନ ଧରି ଟ୍ରେଣ୍ଡ୍‌ସ ପକ୍ଷରୁ ଏହି ପ୍ରତିଯୋଗିତା ବିଭିନ୍ନ ମାଧ୍ୟମରେ ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀଙ୍କର ମାତ୍ରାଧିକ ଆଗ୍ରହ ଦେଖିବାକୁ ମିଳିଥିଲା। ଏଥିପାଇଁ ଉଦ୍ଦିଷ୍ଟ ୱେବସାଇଟ www.trendsrajarajakumari.comକୁ ହଜାର ହଜାର ଆବେଦନ ଆସିଥିଲା। ଉକ୍ତ ଆବେଦନର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚଳିତ ବର୍ଷର ରଜ ରାଜକୁମାରୀର ବିଜେତା ଘୋଷଣା କରାଯାଇଥିଲା।



ଓଲିଉଡ୍ ଅଭିନେତ୍ରୀ ଶିବାନୀ ସଙ୍ଗୀତାଙ୍କ ସହ ରଜ ରାଜକୁମାରୀ ପ୍ରତିଯୋଗିତାର ସମସ୍ତ ୬ ବିଜେତା ଉପସ୍ଥିତ ଅଛନ୍ତି।

# ବେଦାନ୍ତକୁ ସର୍ବୋଚ୍ଚ ରପ୍ତାନିକାରୀ ପୁରସ୍କାର



**ଭୁବନେଶ୍ୱର,୨୫।୬**

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମକୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ବିଶେଷକରି କୋଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦର (ପୂର୍ବ କୋଲକାତା ବନ୍ଦର ଟ୍ରଷ୍ଟ) ଦ୍ୱାରା ହଳଦିଆ ଡକ୍ କମ୍ପ୍ଲେକ୍ସ ମାଧ୍ୟମରେ ୨୦ ଫୁଟ ସମାନ୍ତରାଳ ୟୁନିଟ୍ କଣ୍ଟେନେରାଇଜ୍‌ଡ କାର୍ଗୋ ରପ୍ତାନିକାରୀ ଭାବେ ବେଦାନ୍ତ ଆଲୁମିନିୟମକୁ ଶ୍ରେଷ୍ଠ ରପ୍ତାନିକାରୀର ମାନ୍ୟତା ଦିଆଯାଇଛି। ଏପରିକି ୨୦୨୨-୨୩ ବର୍ଷ ପାଇଁ କମ୍ପାନୀକୁ ଉକ୍ତ ସମ୍ମାନ ମିଳିଥିବା ବେଦାନ୍ତ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ କୋଲକାତାଠାରେ ଅନୁଷ୍ଠିତ ଏକ ବାଣିଜ୍ୟ ସମାରୋହ ଅବସରରେ ବନ୍ଦର,ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ମନ୍ତ୍ରୀ ସାନ୍ତନୁ ଠାକୁରଙ୍କ ଦ୍ୱାରା ବେଦାନ୍ତକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ଝାରସୁଗୁଡ଼ା ୟୁନିଟ)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଏହି ପୁରସ୍କାର ସର୍ବୋଚ୍ଚ ଗୁଣବତ୍ତା, ନବସୃଜନ ଏବଂ ବିଶ୍ୱସ୍ତରୀୟ ଗ୍ରାହକ ସନ୍ତୋଷର ପ୍ରତିନିଧିତ୍ୱ କରିବାକୁ ଉତ୍ସାହିତ କରିଛି। ଏପରିକି ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ଏକ ଅଂଶ ଭାବେ ଆମେ ଆମର ରପ୍ତାନି କ୍ଷମତାକୁ ବିସ୍ତାର କରି ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ସହଯୋଗ କରିବାକୁ ଧ୍ୟାନ ଦେଉଛୁ। ବିଶେଷ କରି ଆଗାମୀ ବର୍ଷରେ ଆମେ ନୂତନ ମାନଦଣ୍ଡ ସ୍ଥିର କରିବାକୁ ଅପେକ୍ଷା କରିଛୁ। ସେହିଭଳି ସର୍ବଭାରତୀୟସ୍ତରରେ ଆଲୁମିନିୟମ୍ ଉତ୍ପାଦଗୁଡିକର ଏକ ବ୍ୟାପକ ସୀମା ପ୍ରଦାନ କରି ବେଦାନ୍ତ ଆଲୁମିନିୟମ୍ ଭାରତ ସମେତ ୫୦ରୁ ଅଧିକ ଦେଶରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିଥାଏ।

## ଫୁରସତ

# ୧୫ ଘଣ୍ଟାରେ ଦିଲ୍ଲୀ ମେଟ୍ରୋର ୨୮୬ ଷ୍ଟେଶନ ଅତିକ୍ରମ

**ନୂଆଦିଲ୍ଲୀ**

ପ୍ରତ୍ୟେକ ଦିନ ଦିଲ୍ଲୀମେଟ୍ରୋରେ ଲକ୍ଷାଧିକ ଲୋକ ଯାତାୟାତ କରିଥାନ୍ତି। ଦିଲ୍ଲୀ ମେଟ୍ରୋରେ ମୋଟ ୨୮୬ ଷ୍ଟେଶନ ରହିଛି; ଯେଉଁଥିରେ ପାଖାପାଖି ୧୭ ଲକ୍ଷ ଲୋକ ଯିବା ଆସିବା କରିଥାନ୍ତି। ଦିଲ୍ଲୀ ମେଟ୍ରୋର ଏହି ସମସ୍ତ ଷ୍ଟେଶନ ଅତିକ୍ରମ କରିବା କିଛି ସାଧାରଣ କଥା ନୁହେଁ। ହେଲେ ଜଣେ ବ୍ୟକ୍ତି ଏହି ସମସ୍ତ ଷ୍ଟେଶନକୁ ଅତିକ୍ରମ କରି ଗିନିଜ୍ ୱାର୍ଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ଶଶାଙ୍କ ମନୁ ନାମକ ବ୍ୟକ୍ତି ଦିଲ୍ଲୀର ସମସ୍ତ ମେଟ୍ରୋ ଷ୍ଟେଶନ ୧୫ ଘଣ୍ଟା ୨୨ ମିନିଟ୍ ୪୯ ସେକେଣ୍ଡରେ ଅତିକ୍ରମ କରି ଗିନିଜ୍ ରେକର୍ଡ କରିଛନ୍ତି। ଶଶାଙ୍କ ଏଥିପାଇଁ ୨୦୨୧ରେ ତାଙ୍କ ପଞ୍ଜୀକରଣ କରିଥିଲେ। ସେ ୨୦୨୧ ଏପ୍ରିଲ ୧୪ରେ ଏହି ରେକର୍ଡ ହାସଲ କରି ଅନେକ ଚର୍ଚ୍ଚାକୁ ଆସିଥିଲେ। ରିପୋର୍ଟ ମୁତାବକ, ତାଙ୍କର ଏହି ରେକର୍ଡ ପାଇଁ ତାଙ୍କୁ ଚଳିତବର୍ଷ ଏପ୍ରିଲ ମାସରେ ଗିନିଜ୍ ରେକର୍ଡର ସାର୍ଟିଫିକେଟ୍ ଆସିଛି। କରୋନା ମହାମାରୀ ପରେ ପରେ ଯେତେବେଳେ ସାଧାରଣ ଲୋକଙ୍କ ପାଇଁ ଦିଲ୍ଲୀ ମେଟ୍ରୋ ଖୋଲିଥିଲା ଶଶାଙ୍କ ଏହି ରେକର୍ଡ କରିଥିଲେ। ଦିଲ୍ଲୀ ମେଟ୍ରୋକୁ ଦୁନିଆର ସର୍ବଶ୍ରେଷ୍ଠ ମେଟ୍ରୋ ବୋଲି ଶଶାଙ୍କ ଦେଖାଇବାକୁ ଚାହୁଁଥିବାରୁ ସେ ଏପରି ରେକର୍ଡ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି ଯାତ୍ରା ସମୟରେ ଶଶାଙ୍କଙ୍କୁ କେବଳ ଷ୍ଟେଶନକୁ ଯିବା ନୁହେଁ, ତାଙ୍କୁ ଗିନିଜ୍ ରେକର୍ଡ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ସମସ୍ତ ଗାଇଡଲାଇନକୁ ପୂରା ମାନିବାକୁ ମଧ୍ୟ ପଡ଼ିଥିଲା। ସେ ସମସ୍ତ ଷ୍ଟେଶନରେ ନିଜର ଫଟୋ ଉଠାଇବା ସହ ସାକ୍ଷୀ ପାଇଁ ଅନେକ ଲୋକଙ୍କ ଦସ୍ତଖତ ମଧ୍ୟ ଆଣିଥିଲେ। ଶଶାଙ୍କ ତାଙ୍କର ଯାତ୍ରା ସମୟରେ ତିନି ଥର ବ୍ରେକ୍ ନେଇଥିଲେ। ତାଙ୍କ ପରି ପ୍ରଫୁଲ୍ଲ ସିଂ ମଧ୍ୟ ଏହି ରେକର୍ଡ ପାଇଁ ପଞ୍ଜୀକରଣ କରିଥିଲେ। କିନ୍ତୁ ସେ ସମସ୍ତ ମେଟ୍ରୋ ଷ୍ଟେଶନ ଅତିକ୍ରମ କରିବାକୁ ମୋଟ ୧୬ ଘଣ୍ଟା ୨ ମିନିଟ୍ ସମୟ ଲଗାଇଥିଲେ। ହେଲେ ଭୁଲ୍‌ବଶତଃ ଏହି ଗିନିଜ୍ ରେକର୍ଡ ଶଶାଙ୍କ ବଦଳରେ ପ୍ରଫୁଲ୍ଲଙ୍କୁ ଦିଆଯାଇଥିଲା।




# ପୁଣି ଚର୍ଚ୍ଚାରେ ରଶ୍ମିକାଙ୍କ ପ୍ରେମ ସମ୍ପର୍କ



ରଶ୍ମିକା ମନ୍ଦାନା

**ମୁମ୍ବାଇ:** ସାଉଥ୍ ଇଣ୍ଡଷ୍ଟ୍ରିରେ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ଯୋଡ଼ିକୁ ଲୋକେ ପସନ୍ଦ କରିଥାନ୍ତି। କିଛି ସମୟରେ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ଗୁଜବ ବଲିଉଡ୍ ପର୍ଯ୍ୟନ୍ତ ବ୍ୟାପିଥିଲା। କିନ୍ତୁ ଚଳିତବର୍ଷ ପ୍ରାରମ୍ଭରେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଶୁଣିବାକୁ ମିଳିଥିଲା; ଯାହା ପ୍ରଶଂସକଙ୍କ ପାଇଁ ଦୁଃଖଦାୟକ ଥିଲା। କିନ୍ତୁ ଉଭୟ ସେମାନଙ୍କ ସମ୍ପର୍କ କିମ୍ବା ବ୍ରେକଅପ ବିଷୟରେ ଖୋଲାଖୋଲି କୌଣସି ତଥ୍ୟ ପ୍ରକାଶ କରିନାହାନ୍ତି। ଏହି ବ୍ରେକଅପ ଗୁଜବ ପରେ, ପୁଣି ଥରେ ଏହି ଯୋଡ଼ିକୁ ଏକାଠି ସମୟ ବିତାଉଥିବାର ଦେଖିବାକୁ ମିଳିଛି। ଦୁହିଁଙ୍କ ଏପରି ମିଳାମିଶାକୁ ଦେଖି ସେମାନଙ୍କ ପ୍ୟାଚ୍‌ଅପ୍ ହୋଇଥିବା ଲୋକେ ଆଲୋଚନା କରୁଛନ୍ତି। ନିକଟରେ ଏକ ରେଷ୍ଟୁରାଣ୍ଟରେ ରଶ୍ମିକା ଏବଂ ବିଜୟ ଏକାଠି ନଜର ଆସିଛନ୍ତି; ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଦୁହେଁ ଏକାଠି ନିଜ ପରିବାର ଏବଂ ସାଙ୍ଗଙ୍କ ସହିତ ମଜା କରୁଥିବା ଦେଖିବାକୁ ମିଳିଛି। ତେବେ ରଶ୍ମିକା ୨୦୧୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ତାଙ୍କ ଅଭିନୟର ଯାଦୁରେ ଲୋକଙ୍କୁ ତାଙ୍କ ସହ ବାନ୍ଧି ରଖିଛନ୍ତି। ୨୦୨୧ରେ ଅଲ୍ଲୁ ଅର୍ଜୁନଙ୍କ ମୁଭି 'ପୁଷ୍ପା: ଦି ରାଇଜ୍'ରେ ତାଙ୍କ ଅଭିନୟକୁ ସଭିଏ ପସନ୍ଦ କରିଥିଲେ। ଶେଷଥର ପାଇଁ ତାଙ୍କୁ ଚଳଚ୍ଚିତ୍ର 'ମିଶନ ମଜ୍‌ନୁ'ରେ ଦେଖିବାକୁ ମିଳିଥିଲା।

# ଉଚ୍ଚତା ବୃଦ୍ଧି ପାଇଁ ୬୬ ଲକ୍ଷ



**ୱାଶିଂଟନ୍:** କମ୍ ଉଚ୍ଚତା ବିଶିଷ୍ଟ ଲୋକଙ୍କୁ ଅନେକ ସମୟରେ ସମ୍ମୁଖୀନ କରିବାକୁ ପଡ଼ିଥାଏ। କେତେକ ଚାକିରିରେ ଅଧିକ ଉଚ୍ଚତା ବିଶିଷ୍ଟ ଲୋକଙ୍କ ଆବଶ୍ୟକତା ଥାଏ ତ ସମ୍ପର୍କରେ ମଧ୍ୟ ଉଚ୍ଚତା ଅଧିକ ଗୁରୁତ୍ୱ ରଖିଥାଏ। ଅନେକ ଲୋକଙ୍କ କମ୍ ଉଚ୍ଚତା ପାଇଁ ତାଙ୍କ ପ୍ରେମ ସମ୍ପର୍କରେ ବାଧା ସୃଷ୍ଟି ହୋଇଥାଏ। ଆମେରିକାର ଜଣେ ୨୭ ବର୍ଷୀୟଙ୍କ ସହ ଏପରି କିଛି ହେଲା। କମ୍ ଉଚ୍ଚତା ପାଇଁ ତାଙ୍କୁ ବାରମ୍ବାର ପ୍ରେମରେ ହାର୍ ମାନିବାକୁ ପଡ଼ିଲା। ତେବେ ସେ ନିଜ ଉଚ୍ଚତା ବଢାଇବାକୁ ନିଷ୍ପତ୍ତି ନେଲେ। ରିପୋର୍ଟ ମୁତାବକ, ଆଟ୍‌ଲାଣ୍ଟାର ବାସିନ୍ଦା ଡାଏନଜେଲ୍ ସିଙ୍ଗର୍ସଙ୍କ ଉଚ୍ଚତା ୫ ଫୁଟ ୫ ଇଞ୍ଚ। ତାଙ୍କର ଏପରି ଉଚ୍ଚତା ପାଇଁ ତାଙ୍କୁ କେହି ଝିଅ ପସନ୍ଦ କରୁ ନ ଥିଲେ। ଡାଏନଜେଲ୍‌ଙ୍କୁ ଗୋଡ଼ରେ ସର୍ଜରି କରାଯାଇପାରୁଥିବା ବାବଦରେ ଇଣ୍ଟରନେଟ୍ ଜରିଆରେ ଜଣାପଡ଼ିଲା। ସେ ଏହି ସର୍ଜରି ପାଇଁ ପ୍ରଥମେ ଡାକ୍ତରଙ୍କ ପାଖରୁ ଆପଏଣ୍ଟମେଣ୍ଟ ନେଲେ। ପ୍ରଥମେ ତାଙ୍କୁ ଏଥିପାଇଁ ଡର ଲାଗୁଥିଲା। କିନ୍ତୁ ପରେ ସେ ମନରେ ସାହସ ଭରିଥିଲେ। ସେ ଗତବର୍ଷ ତାଙ୍କର ୬ଟି ସର୍ଜରି ମଧ୍ୟରୁ ଗୋଟିଏ ସର୍ଜରି କରାଇଛନ୍ତି। ଏଥିରେ ତାଙ୍କ ହାଡ଼ ମଝିରୁ କଟାଯାଇ ସେଥିରେ ରଡ଼ ଲଗାଯାଇଛି। ଯାହା ଫଳରେ ତାଙ୍କର ଉଚ୍ଚତା କିଛି ବଢିଛି। ଏହି ସର୍ଜରିରେ ତାଙ୍କୁ ପାଖାପାଖି ୬୬ ଲକ୍ଷ ଖର୍ଚ୍ଚ କରିବାକୁ ପଡ଼ିଥିବାବେଳେ ୧ ବର୍ଷ ପର୍ଯ୍ୟନ୍ତ ଏହି ସର୍ଜରି ହେବ ବୋଲି ଜଣାପଡ଼ିଛି। ସର୍ଜରି ଫଳରେ ବର୍ତ୍ତମାନ ତାଙ୍କ ଉଚ୍ଚତା ୬ ଫୁଟରେ ପହଞ୍ଚିଛି।

# ଟ୍ରୋଲ ହେଲେ ଫ୍ରାନ୍ସ ରାଷ୍ଟ୍ରପତି

**ପାରିସ:** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଯେଉଁଥିପାଇଁ ତାଙ୍କୁ ଟ୍ରୋଲ ହେବାକୁ ପଡ଼ିଛି। ତେବେ ସେହି ଭିଡିଓରେ ଇମାନୁଏଲ ମଦ ପିଉଥିବା ନଜରକୁ ଆସିଛନ୍ତି। ଏହି ଭିଡିଓ ଭାଇରାଲ ପରେ ତାଙ୍କ ବିଷୟରେ ବହୁ ଆଲୋଚନା ହେବାକୁ ଲାଗିଲା। ରାଷ୍ଟ୍ରପତି ଇମାନୁଏଲ ରଗ୍‌ବୀ କ୍ଲବରେ ରାଜନୀତିକ ଆଲୋଚନା ପରେ ଅନେକ ଲୋକଙ୍କ ସହ ମଦ ପିଇଥିଲେ। ଏହା ମଧ୍ୟରେ ଇମାନୁଏଲ୍ ଏକ ମଦ ବୋତଲକୁ ୧୭ ସେକେଣ୍ଡରେ ପିଇଦେଇଥିଲେ। ସେତେବେଳେ ତାଙ୍କୁ ସମସ୍ତେ ଏଥିପାଇଁ ପ୍ରଶଂସା ମଧ୍ୟ କରିଥିଲେ। ପରେ ଏହି ଭିଡିଓ ବେଶ ଭାଇରାଲ ହେବାରେ ଲାଗିଲା। ରିପୋର୍ଟ ମୁତାବକ, ଇମାନୁଏଲ ସାର୍ବଜନୀନ ଭାବେ ପୁରା ମଦ ବୋତଲକୁ ପିଇଦେଇଥିଲେ। ତାଙ୍କର ଏହି ଭିଡିଓ ଅନେକ ଲୋକ ତାଙ୍କୁ ସମର୍ଥନ କରିଥିବାବେଳେ କିଛି ଟ୍ରୋଲ କରିଥିଲେ। ରାଷ୍ଟ୍ରପତି ଦେଶର ରୋଲ ମଡେଲ। ସେ ସର୍ବସାଧାରଣରେ ଏପରି ମଦ ପିଉଥିବାରୁ ନିଶାକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି କିଛି ଲୋକ କହିଥିଲେ।

### ୧୭ ସେକେଣ୍ଡରେ ପିଇଲେ ପୂରା ବୋତଲ ମଦ



# ଆଡ଼ପ ମଣ୍ଡପରେ ଝଲସୁଛନ୍ତି ମହାପ୍ରଭୁ



ବ୍ରହ୍ମପୁର ଗୋଷାଣୀ ନୂଆଗାଁରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାମନ ଓ ପର୍ଶୁରାମ ବେଶ।



ଖାସ୍ପା ସାହିରେ ବଳରାମଙ୍କ ବେଶ।



ଗୋଇଲୁଣ୍ଡି ଆଡ଼ପ ମଣ୍ଡପରେ ବାମନ ବେଶ।



ପାରଳାଖେମୁଣ୍ଡିରେ ଶ୍ରୀଜୀଉଙ୍କ ବାମନ ବେଶ।



ଶେରଗଡ଼ରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ।



ଜି. ଉଦୟଗିରିରେ ଜଗନ୍ନାଥଙ୍କ ପର୍ଶୁରାମ ବେଶ।

## ସଂକ୍ଷେପରେ

### ଯୌତୁକଜନିତ ନିର୍ଯାତନା ଅଭିଯୋଗ

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)- ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ହତ୍ୟା ଉଦ୍ୟମ ହୋଇଥିବା ବଡ଼ ବଜାର ଥାନାରେ ଅଭିଯୋଗ ହୋଇଛି। ଜି. ରଘୁନାଥପୁର ଗ୍ରାମର ଶ୍ରୀମତି ପାତ୍ର ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନଙ୍କ ନାଁରେ ଏହି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ୨୦୧୦ ମାର୍ଚ୍ଚରେ ଶ୍ରୀମତି ତାଙ୍କ ଗ୍ରାମର ଜେ. ଜାଗାୟା ପାତ୍ରଙ୍କୁ ବିବାହ କରିଥିଲେ। ଦୁଇବର୍ଷ ପରେ ତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଆଣିବାକୁ କହି ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଶ୍ରୀମତିଙ୍କ ୨ଟି ପୁଅ ଅଛନ୍ତି। ଗତ ୨୧ ତାରିଖରେ ସ୍ୱାମୀ, ଶ୍ୱଶୁର ଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଶ୍ରୀମତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୨୩/୨୩ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ‘ମୃତ୍ୟୁର ମଣିଷ’ ମଞ୍ଚସ୍ଥ

ଶେରଗଡ,୨୫।୬(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ରମୁଣି ସାହିରେ ରବିବାର ସନ୍ଧ୍ୟାରେ ରାମଚଣ୍ଡୀ ଯୁବ ନାଟ୍ୟ ସଂସଦ ପକ୍ଷରୁ ସାମାଜିକ ନାଟକ ‘ମୃତ୍ୟୁର ମଣିଷ’ ନାଟକ ମଞ୍ଚସ୍ଥ ହୋଇଥିଲା। ଆଜିର ମଣିଷ ମୃତ୍ୟୁ ସହ ସଂଗ୍ରାମ କରି ଆସୁଛି ପ୍ରତିଦିନ। ଆଜିର ସମାଜ ରେ ମଣିଷ ର ଅଭିନୟ ଏକ ପ୍ରକାର ସ୍ଥାଣୁ। କାରଣ ଆଧୁନିକ ସମାଜ ଅକାଳ ମୃତ୍ୟୁକୁ ପାଖରେ ରଖି ବୁଲୁଛି। ପରିବାର ଓ ମୃତ୍ୟୁ ସହିତ କିପରି ସମ୍ପର୍କ ନାଟକ ମାଧମରେ କଳାକାରମାନେ ଅଭିନୟ କରିଛନ୍ତି।

## ମନ୍ଥର ଗତିରେ ଚାଲିଛି ଜାଇକା କାର୍ଯ୍ୟ

ଭଞ୍ଜନଗର, ୨୫।୬(ବାବୁଲା ପ୍ରଧାନ)

ଜାପାନ ଇଣ୍ଟର୍ ନ୍ୟାସନାଲ କର୍ପୋରେସନ ଏଜେନ୍ସି (ଜାଇକା) ମାଧମରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ରବିବାର ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ସମୀକ୍ଷା ହୋଇଥିଲା। ଅନେକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହାଦ୍ୱାରା ଯୋଜନାର ସୁଫଳ ଲୋକଙ୍କ ପାଖରେ ଠିକ ସମୟରେ ପହଞ୍ଚିବାରେ ବିଳମ୍ବ ହେଉଛି। ତେଣୁ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଉଭୟ ବନଖଣ୍ଡ ଦାୟିତ୍ୱରେ ଥିବା ଡିଏଫଓ ସୁଦର୍ଶନ ବେହେରା ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ମିଶନ ଶକ୍ତି ମାଧମରେ ୮ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଗୋଟିଏ ମିଶନ ଶକ୍ତି ଭବନ ନିର୍ମାଣ ହେବା ଯୋଜନା ଅଛି। ଏହା କାର୍ଯ୍ୟକାରୀ ହେଲେ ମହିଳାମାନେ ଏକାଠି ବସି ଅଲୋଚନା କରିବାର ସୁଯୋଗ ପାଇବେ। ମୌସୁମୀ ବର୍ଷା ଆସିଯାଇଛି। ଜଙ୍ଗଲ ଭିତରେ ଚାରାରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜିଆ ଖତ ପ୍ରସ୍ତୁତି ବୃଦ୍ଧି କରିବା ଉପରେ ମଧ ଆଲୋଚନା ହୋଇଥିଲା। ଜୁଲାଇ ପହିଲାରୁ ବନ ମହୋତ୍ସବ ସପ୍ତାହ ପାଳନ ହେବ। ସପ୍ତାହ ବ୍ୟାପୀ ଚାରାରୋପଣ କାର୍ଯ୍ୟ ଅଧିକରୁ ଅଧିକ କିଭଳି ହେବ ଏବଂ ଜଙ୍ଗଲ ସୁରକ୍ଷା ଉପରେ ଲୋକଙ୍କୁ ସଚେତନତା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ଲୋକଙ୍କୁ ୧ ଟଙ୍କାରେ ଲକ୍ଷାଧିକ ଚାରା ବଣ୍ଟନ ହେବ। ଯୋଜନାକୁ ସଫଳ କରିବାକୁ ହେଲେ ସମସ୍ତେ ମିଳିମିଶି କାମ କରିବାକୁ ପଡିବ। ପ୍ରଥମେ ଦକ୍ଷିଣ ଘୁମୁସର ବନଖଣ୍ଡର ଅଧିକାରୀମାନଙ୍କୁ ନେଇ ଅଲୋଚନା ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ଉତ୍ତର ଘୁମୁସର ବନଖଣ୍ଡ ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ତାରସିଂ ରେଞ୍ଜର କୃତିବାସ କୁମାର, ଜଗନ୍ନାଥ ପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ବୁଗୁଡ଼ା ରେଞ୍ଜର ପି.କେ ମିଶ୍ର, ଆସିକା ରେଞ୍ଜର, ପୋଲସରା ରେଞ୍ଜର କେ. ସଚିନ କୁମାର ପ୍ରଧାନ, ସୋରଡ଼ା ରେଞ୍ଜର, ବଡଗଡ଼ ରେଞ୍ଜର ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ଭାରତୀୟ ମଜଦୁର ସଂଘର ସାଧାରଣ ସଭା

ବ୍ରହ୍ମପୁର,୨୫।୬(ସ୍ମୃତି ରଞ୍ଜନ ମହାଲିକ୍)



ସଭାରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟବୃନ୍ଦ।

ଭାରତୀୟ ମଜଦୁର ସଂଘ ଗଞ୍ଜାମ ଜିଲା କମିଟି ପକ୍ଷରୁ ଗୋଷାଣୀ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅସଙ୍ଗଠିତ ଶ୍ରମିକଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ଭବାନୀ ଶଙ୍କର ଦାଶ ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ, ରାଜ୍ୟ ସମ୍ପାଦିକା ସୁମିତ୍ରା ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୂର୍ବପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ କୁମାର ମାଝୀ ଯୋଗ ଦେଇଥିଲେ। ଭାରତ ବର୍ଷରେ ଚାଲିଥିବା ଶ୍ରମ-୨୦ ସମ୍ପର୍କରେ ଅତିଥିମାନେ ସୂଚନା ଦେବାସହ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମଜୀବୀଙ୍କ ସାମାଜିକ ସୁରକ୍ଷା, ମହିଳା ଶ୍ରମିକଙ୍କୁ ସହାୟତା ଓ ଭବିଷ୍ୟତ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜିଲା ପ୍ରଭାରୀ ବିଜୟ କୁମାର ପାତ୍ର, ସହ ପ୍ରଭାରୀ ଲିଙ୍ଗରାଜ ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ଦାଶ, ଠିକା ମଜଦୁର ପ୍ରମୁଖ ଅମ୍ବୁଜ ଚରଣ ସାହୁ, ଜିଲା ମତ୍ସ୍ୟଜୀବୀ ପ୍ରମୁଖ ଅର୍ଜୁନ କୁମାର ବେହେରା, ରାଜ୍ୟ ଅଙ୍ଗନୱାଡି ସଂପାଦିକା ଅମିତା ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରନ୍ଧାମଦ ଜବତ, ୨ ଗିରଫ

ଆସିକା,୨୫।୬(ସୁରେନ୍ଦ୍ରନାଥ ସାହୁ)

ଗାଙ୍ଗପୁର ଥାନା ଅଞ୍ଚଳରେ ଶନିବାର ପୋଲିସ ପକ୍ଷରୁ ବେଆଇନ ରନ୍ଧାମଦ କାରବାର ଉପରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ୧୪୫ ଲିଟର ରନ୍ଧାମଦ ଜବତ ରାଯାଇଛି। ଏଥିସହ ୨ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବେଣାପାଟ ଗ୍ରାମର ପ୍ରତାପ ନାୟକ ଓ ଭାଲିଆପଲ୍ଲୀ ଗ୍ରାମର ପିତବାସ ମଲିକ। ପ୍ରତାପଙ୍କଠାରୁ ପୋଲିସ ୮୩ ଲିଟର ରନ୍ଧାମଦ ଜବତ କରିଥିଲା। ତାଙ୍କ ବିରୋଧରେ ୪୬୬/୨୩ରେ ମାମଲା ରୁଜୁ କରାଯାଇଛି। ସେହିଭଳି ପିତବାସଙ୍କ ଠାରୁ ୬୨ ଲିଟର ରନ୍ଧାମଦ ଜବତ କରାଯାଇ ତାଙ୍କ ବିରୋଧରେ ୪୬୭/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଲୀନା



@ ହିମାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟିପିଏସ୍‌ଓଡିଏଲର ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର,୨୫।୬ (ସ୍ମୃତି ରଞ୍ଜନ ମହାଲିକ)

ଟାଟା ପାୱାର ସାଉଥର୍ଣ୍ଣ ଓଡିଶା ବିତରଣ ଲିମିଟେଡ (ଟିପିଏସଓଡିଏଲ) ଦକ୍ଷିଣ ଓଡ଼ିଶାରେ ମୌସୁମୀ ବର୍ଷା ସମୟରେ ବିଜୁଳି ଯୋଗାଣ ପାଇଁ ବିଭିନ୍ନ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଧିକ କର୍ମଚାରୀ ନିୟୋଜିତ କରାଯିବା ସହିତ ଆବଶ୍ୟକ ଉପକରଣ ମହଜୁଦ ରଖାଯାଇଛି। ବ୍ରହ୍ମପୁରଠାରେ ଥିବା ଟିପିଏସଓଡିଏଲ ଶକ୍ତି ଯୋଗାଣ ନିୟନ୍ତ୍ରଣ ସିଷ୍ଟମ (ପିଏସସିସି) ବିଦ୍ୟୁତ ଯୋଗାଣ ଉପରେ ୨୪ ଘଣ୍ଟିଆ ନଜର ରଖିବ। ଟିପିଏସଓଡିଏଲ ଅଧୀନରେ ଥିବା ୬ଟି ସର୍କଲ ବ୍ରହ୍ମପୁର ସିଟି, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ରାୟଗଡ଼ା ଓ ଜୟପୁର ସର୍କଲକୁ ମୋବାଇଲ ସବ୍‌ଷ୍ଟେଶନ ଯୋଗାଇ ଦିଆଯାଇଛି। କୌଣସି ବିଜୁଳି ଜନିତ ବ୍ୟାଘାତ ସମୟରେ ଏହା ତୁରନ୍ତ କାର୍ଯ୍ୟରେ ଆସିବ ବୋଲି କୁହାଯାଇଛି। ସମସ୍ତ ସର୍କଲ, ପାୱାର ସପ୍ଲାଏ କଣ୍ଟ୍ରୋଲ ସିଷ୍ଟମ୍ ଓ ସିଇଓ ଅଫିସ ମଧ୍ୟରେ ସାଟେଲାଇଟ ଫୋନ ସଂଯୋଗ, ପୁନଃ ସ୍ଥାପନ ପାଇଁ ପର୍ଯ୍ୟାପ୍ତ ମାନବ ଶକ୍ତି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି ହୋଇଛି। କଂପାନୀ ପକ୍ଷରୁ ସର୍କଲ ଓ ଡିଭିଜନ ସ୍ତରରେ ସେକ୍ସନ ଅଫିସ ଏବଂ ଆସିକା (ପୋର୍ଟେବଲ ଜେନ ସେଟ) ଲାଇଟରେ ଭାରୀ ଡ୍ୟୁଟି ଟର୍ଚ୍ଚ ଯୋଗାଇ ଦିଆଯାଇଛି। ଏଥିସହ ଗ୍ରାହକଙ୍କ ବିଭିନ୍ନ ସମସ୍ୟାର ଉତ୍ତର ଦେବା ପାଇଁ ୨୪ ଘଣ୍ଟିଆ କଲ ସେଣ୍ଟର (ଟୋଲ୍ ଫ୍ରି ନଂ- ୧୯୧୨/୧୮୦୦ ୩୪୫୬ ୭୯୭)ରେ ଅଧିକ କର୍ମଚାରୀ ନିୟୋଜିତ କରାଯାଇଛି। ଗ୍ରାହକ ଟାଟା ପାୱାର ମୋବାଇଲ ଆପ ମାଧ୍ୟମରେ ଯେକୌଣସି ପ୍ରସଙ୍ଗରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, ନେଟୱାର୍କକୁ ସୁରକ୍ଷା ଦେବା ଓ କୌଣସି ସମ୍ଭାବ୍ୟ ବୈଦ୍ୟୁତିକ ଦୁର୍ଘଟଣାକୁ ଏଡାଇବା ପାଇଁ ଟିମ ସଦା ଉଦ୍ୟମ କରୁଛି। ଗ୍ରାହକଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଛନ୍ତି।



## ୩ ଗିରଫ, ଦିନିକିଆ ରିମାଣ୍ଡରେ ମାଷ୍ଟରମାଇଣ୍ଡ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଅନ୍ତର୍ଗତ ବାଲୁଙ୍କେଶ୍ୱର ମନ୍ଦିରରୁ ଘରକୁ ଫେରୁଥିବା ବଳରାମ ସାହୁ ଓରଫ ବଳିଆଙ୍କୁ ଗତ ୫ ତାରିଖରେ ସଂଘବଦ୍ଧ ଭାବେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ସିସିଟିଭି ଫୁଟେଜ ଆଧାରରେ ମୁଖ୍ୟ ଷଡଯନ୍ତ୍ରକାରୀ କୃଷ୍ଣଚନ୍ଦ୍ର ସାହୁ ଓରଫ ଚଇଙ୍କୁ ଗତ ୧୦ ତାରିଖରେ ଗିରଫ କରିଥିଲା। ଶନିବାର ସନ୍ଧ୍ୟାରେ ଅନ୍ୟ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ବଂଶୀଧର ସାହୁ ଓରଫ ବିକି, ଜଗବନ୍ଧୁ ସାହିର ଲକ୍ଷ୍ମୀନାରାୟଣ ବେହେରା ଓ ଗଣେଶ ନଗରର ରବୀନ୍ଦ୍ର କୁମାର ସାହୁ ଓରଫ ମଣ୍ଟୁ। ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ୨ଟି ଖଣ୍ଡା ଓ ଏକ ବାଇକ ଜବତ କରିଛି। ବଳରାମଙ୍କୁ ଜୀବନରେ ମାରିଦେବାକୁ ଚଇ ସୁପାରି ଦେଇଥିଲେ। ଟଙ୍କା ପାଇ ବଳରାମଙ୍କୁ ଆକ୍ରମଣ କରିଥିଲୁ ବୋଲି ୩ ଅଭିଯୁକ୍ତ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା। ଏସଡ଼ିଜେଏମ ପ୍ରଜ୍ଞା ପରମିତା ପ୍ରତିହାରି ଦିନିକିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ତେଣୁ ପୋଲିସ ରବିବାର ଚଇଙ୍କୁ ରିମାଣ୍ଡରେ ନେଇ ଜେରା ଚଳାଇଛି। ପ୍ରକାଶ ଯେ, ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପ୍ରତିଶୋଧ ପରାୟଣ ହୋଇ ବଳରାମଙ୍କୁ ହତ୍ୟା ପାଇଁ ଚଇ ସୁପାରୀ ଦେଇଥିଲେ। ଗତ ୫ତାରିଖ ସକାଳେ ବଳରାମଙ୍କୁ ସୁପାରି ନେଇଥିବା ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରି ପଳାଇଥିଲେ। ଗୁରୁତର ଅବସ୍ଥାରେ ବଳରାମଙ୍କୁ ଏମକେସିଜି ମେଡିକାଲ ଓ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ଉନ୍ନତ ଚିକିତ୍ସା ପାଇଁ ବିଶାଖାପାଟଣା ନେଇଥିଲେ। ଆକ୍ରମଣ ନେଇ ନେଇ ବଳରାମଙ୍କ ମା’ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୯୬/୨୩ ରେ ଏକ ମାମଲା ରୁଜୁ କରି ମାଷ୍ଟରମାଇଣ୍ଡ ଚଇଙ୍କୁ ଗିରଫ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିବା ଜଣାପଡିଲେ ତାଙ୍କୁ ମଧ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।



ଗିରଫ ଅଭିଯୁକ୍ତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ କୋର୍ ଗ୍ରୁପ୍‌ରେ ଓଡ଼ିଶାର ୪

**ନୂଆଦିଲ୍ଲୀ, ୨୫।୬(ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ଜାତୀୟ କ୍ୟାମ୍ପ ପାଇଁ ରବିବାର ୩୯ ଜଣିଆ କୋର୍ ଗ୍ରୁପ୍ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ଓଡ଼ିଶାର ୪ ଖେଳାଳି ସାମିଲ ଅଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ ଓ ଶୀଳାନନ୍ଦ ଲାକ୍ରା। ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ଭାରତୀୟ ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହୋଇ ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ। କ୍ୟାମ୍ପ ଶେଷ ହେବା ପରେ ଭାରତୀୟ ଦଳ ସ୍ପେନ୍ ଯାଇ ୧୦୦ତମ ଆନିଭର୍ସାରି ସ୍ପାନିଶ ହକି ଫେଡେରେଶନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଜୁଲାଇ ୨୫ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଘରୋଇ ସ୍ପେନ୍ ସହିତ ଇଂଲଣ୍ଡ ଓ ନେଦରଲାଣ୍ଡ୍ସ ବିପକ୍ଷରେ ମ୍ୟାଚ ଖେଳିବ। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଖେଳିବା ପରେ ଭାରତୀୟ ଦଳ ଅଗଷ୍ଟ ୩ରୁ ଚେନ୍ନାଇରେ ହେବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାଗନେବ। ସେଠାରେ ଭାରତର କୋରିଆ, ମାଲେସିଆ, ପାକିସ୍ତାନ, ଜାପାନ ଓ ଚାଇନା ସହିତ ମୁକାବିଲା ହେବ। ''ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସରେ ଆମେ ୨୦୨୨-୨୩ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ-ଲିଗ୍ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲୁ। ଆମେ ଏବେ ସେହି ପ୍ରଦର୍ଶନ ବଜାୟ ରଖିବା ଆଶାରେ ଅଛୁ, ବିଶେଷ କରି ବର୍ଷର ଶେଷ ଭାଗରେ ହେବାକୁଥିବା ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟଗୁଡ଼ିକରେ ସ୍ଥିରତା ବଜାୟ ରଖିବା ମୁଖ୍ୟ ଲକ୍ଷ୍ୟ'' ବୋଲି ମୁଖ୍ୟ କୋଚ୍ ଗ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି।


ଅମିତ ରୋହିଦାସ


ନୀଲମ ସଞ୍ଜୀପ ଖେସ୍


ଦୀପସାନ ତିର୍କୀ


ଶୀଳାନନ୍ଦ ଲାକ୍ରା

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

### ଭାରତୀୟ କୋର୍ ଗ୍ରୁପ୍

ଗୋଲକିପର୍ସ: କ୍ରିଶନ ବାହାଦୁର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା, ପୱନ ମଲିକ, ପ୍ରଶାନ୍ତ କୁମାର ଚୌହାନ। ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଯୁଗରାଜ ସିଂ, ମନଦୀପ ମୋର, ନିଲମ ସଞ୍ଜୀପ ଖେସ୍, ସଞ୍ଜୟ, ଯଶଦୀପ ସିୱାଚ୍, ଦୀପସାନ ତିର୍କୀ, ମନଜିତ। ମିଡ୍‌ଫିଲ୍ଡର୍ସ: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବୀଚନ୍ଦ୍ର ସିଂ, ଶମସେର ସିଂ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ସୁମିତ, ଆକାଶଦୀପ ସିଂ, ଗୁଜଜାନ୍ତ ସିଂ, ମହମ୍ମଦ ରାହିଲ ମୌସିନ, ମନିନ୍ଦର ସିଂ। ଫରୱାର୍ଡ୍ସ: ଏସ୍. କାର୍ଥୀ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ସିମରନଜିତ ସିଂ, ଶୀଳାନନ୍ଦ ଲାକ୍ରା, ପୱନ ରାଜଭାର।

# ଅଲ୍‌କାରାଜଙ୍କୁ ପ୍ରଥମ ଗ୍ରାସ୍ କୋର୍ଟ ଟାଇଟଲ

**ଲଣ୍ଡନ, ୨୫।୬ (ଏପି):** କାର୍ଲୋସ ଅଲ୍‌କରାଜ ରବିବାର କୁଇନ୍ସ କ୍ଲବ ଚାମ୍ପିୟନଶିପ୍ ଫାଇନାଲ ଜିତିଛନ୍ତି। ଗ୍ରାସ୍‌କୋର୍ଟରେ ଏହା ହେଉଛି ତାଙ୍କର ପ୍ରଥମ ଏଟିପି ଟାଇଟଲ। ଏଥି ସହ ସେ ର୍‍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଆସନ୍ତା ମାସରେ ହେବାକୁଥିବା ୱିମ୍ବଲଡନ ପାଇଁ ସେ ନମ୍ବର ୱାନ ସିଡ୍ ମାନ୍ୟତା ଲାଭ କରିଛନ୍ତି। ପ୍ରଥମ ସେଟ୍‌ରେ ସଂଘର୍ଷ କରିବାକୁ ପଡ଼ିଥିଲେ ହେଁ ଅଲ୍‌କାରାଜ ଫାଇନାଲରେ ଆଲେକ୍ସ ଡି' ମିନାଉରଙ୍କୁ ୬-୪, ୬-୪ରେ ହରାଇ ଦେଇଛନ୍ତି। ଏଥିସହିତ ସେ ଚଳିତବର୍ଷ ତାଙ୍କ ୫ମ ଏବଂ ଓଭରାଲ ୧୧ତମ ଟାଇଟଲ ହାସଲ କରିଛନ୍ତି। ସ୍ପେନର ଏହି ୨୦ ବର୍ଷୀୟ ଖେଳାଳି ର୍‍ୟାଙ୍କିଙ୍ଗ ତାଲିକାରେ ନୋଭାକ ଜୋକୋଭିଚ୍‌ଙ୍କୁ ହଟାଇ ନମ୍ବର ୱାନ ସ୍ଥାନ ଅଧିକାର କରିନେଇଛନ୍ତି। ଆସନ୍ତା ୱିମ୍ବଲଡନରେ ସେ ସର୍ବୀୟ ଭେଟେରାନ ଜୋକୋଭିଚ୍‌ଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବେ ବୋଲି ଆଶା କରାଯାଉଛି। ଅଲକାରା ଗତବର୍ଷ ଚତୁର୍ଥ ରାଉଣ୍ଡରେ ଜାନିକ ସିନରଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ।

# କ୍ରୀଡ଼ା ମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିର ନକଲ ଶେୟାର କଲେ ଭିନେଶ

**ନୂଆଦିଲ୍ଲୀ, ୨୫।୬(ପି.ଟି.)**

ଆନ୍ଦୋଳନରତ ୬ଜଣ କୁସ୍ତିଯୋଦ୍ଧା ଏସିଆନ ଗେମ୍ସ ଏବଂ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ହେବାକୁ ଥିବା ସିଲେକ୍ସନ ଟ୍ରାଏଲ୍‌ରୁ ରିହାତି ଦିଆଯିବା ସମ୍ପର୍କରେ କୌଣସି ଦାବି ଉପସ୍ଥାପନ କରି ନ ଥିଲେ। ତାହା ପ୍ରମାଣ କରିବାକୁ ଯାଇ ଭିନେଶ ଫୋଗତ ରବିବାର ସୋସିଆଲ ମିଡିଆରେ ତାରିଖ ନ ଥିବା ଏକ ଚିଠିର ନକଲ ଶେୟାର କରିଛନ୍ତି। ପ୍ରସ୍ତୁତି ଲାଗି ସେମାନେ କେବଳ ଅଗଷ୍ଟ ପର୍ଯ୍ୟନ୍ତ ଅତିରିକ୍ତ ସମୟ ମାଗିଥିଲେ। ଯୌନ ଶୋଷଣ ମାମଲାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ପଦବୀରୁ ବ୍ରିଜ୍‌ଭୂଷଣ ଶରଣ ବିଦାୟ ନେବା ପରେ ତାଙ୍କ ସ୍ଥାନରେ ସାମୟିକ ବୋଲି ଉଦୀୟମାନ କୁସ୍ତିଯୋଦ୍ଧାମାନେ ମତବ୍ୟକ୍ତ କରିଥିଲେ। ଭିନେଶ କହିଛନ୍ତି, ସେମାନେ ଅନ୍ୟ କୁସ୍ତିଯୋଦ୍ଧାଙ୍କ ଭଳି ସମ୍ପୂର୍ଣ୍ଣ ଟ୍ରାଏଲରେ ଭାଗ ନେବାକୁ ଚାହାନ୍ତି। ଯୌନ ଶୋଷଣ ମାମଲାରେ ଡବ୍ଲ୍ୟୁଏଫ୍‌ଆଇର ବିଦାୟୀ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂ ଗିରଫ ଦାବିରେ ବହୁ ଦିନ ଧରି ଧାରଣାରେ ବସିଥିବାରୁ ସିଲେକ୍ସନ ଟ୍ରାଏଲରେ ଭାଗ ନେବା ଲାଗି ନିଜକୁ ଭଲରୂପେ ପ୍ରସ୍ତୁତ କରିପାରି ନ ଥିବାରୁ ପ୍ରସ୍ତୁତି ଲାଗି ସେମାନଙ୍କୁ ଅଗଷ୍ଟ ପର୍ଯ୍ୟନ୍ତ ସମୟ ଦିଆଯାଉ ଏବଂ ସେହି ଅନୁସାରେ ସିଲେକ୍ସନ ଟ୍ରାଏଲକୁ ମଧ୍ୟ ଘୁଞ୍ଚାଇ ଦେବାଲାଗି କ୍ରୀଡ଼ା ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଚିଠିଟିରେ ବଜରଙ୍ଗ ପୁନିଆ (୬୫କେଜି), ସାକ୍ଷୀ ମଲିକ (୬୨କେଜି), ତାଙ୍କ ସ୍ୱାମୀ ସତ୍ୟବ୍ରତ କାଡିଆନ (୯୭କେଜି), ସଙ୍ଗୀତା ଫୋଗତ (୫୭କେଜି), ଜିତେନ୍ଦ୍ର କୁମାର (୮୬କେଜି) ଓ ଭିନେଶଙ୍କ ସ୍ୱାକ୍ଷର ରହିଥିଲା। ସିଲେକ୍ସନ ଟ୍ରାଏଲ ଅଗଷ୍ଟ ୧୦ ପରେ କରିବା ଲାଗି କୁସ୍ତିଯୋଦ୍ଧାମାନେ ଅନୁରୋଧ କରିଥିଲେ। ଖବର ଅନୁସାରେ ଆଇଓଏ ଆଡହକ୍ ପ୍ୟାନେଲରେ ଯୋଗ କରାଯାଇଥିବା କୋଚ୍ ଗିଆନ ସିଂ ଓ ଅଶୋକ ଗର୍ଗ ୬ଜଣ କୁସ୍ତିଯୋଦ୍ଧାଙ୍କୁ ଟ୍ରାଏଲ୍ସରୁ ରିହାତି ଦେବାକୁ ଚାହିଁଥିଲେ। ଅନ୍ୟପକ୍ଷରେ ଆଇଓଏକୁ ଜୁଲାଇ ୧୫ ସୁଦ୍ଧା ଭାରତୀୟ ଦଳର ସମ୍ପୂର୍ଣ୍ଣ ଖେଳାଳି ତାଲିକା ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ନିକଟରେ ଦାଖଲ କରିବାକୁ ହେବ। ଅଗଷ୍ଟ ୧୦ ପରେ ସିଲେକ୍ସ ଟ୍ରାଏଲ କରିବା ପାଇଁ କୁସ୍ତିଯୋଦ୍ଧାମାନେ ଅନୁରୋଧ କରିଥିବାରୁ ତାଲିକା ଦାଖଲ ସମୟସୀମା ବୃଦ୍ଧି ପାଇଁ ଓସିଏକୁ ଅନୁରୋଧ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜବାବ ମିଳି ନାହିଁ।


ଭିନେଶ ଫୋଗତ

ମହାସଂଘର ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଏକ ଆଡ୍‌ହକ କମିଟି ଗଠନ କରିଥିଲା। କମିଟି ୬ ଜଣ ଆନ୍ଦୋଳନରତ କୁସ୍ତି ଯୋଦ୍ଧାଙ୍କ ଲାଗି ଏକ ବାଉଟ ଟ୍ରାଏଲ ବ୍ୟବସ୍ଥା କରିଥିଲା। ମାତ୍ର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ସମସ୍ତେ ସମ୍ପୂର୍ଣ୍ଣ ଟ୍ରାଏଲ୍‌ରେ ଭାଗ ନେବା ଉଚିତ

# ଓସିଏଲ୍: ଓଡ଼ିଶା ଚିତାସ୍ ବିଜୟୀ

**ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ)**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ରବିବାର ଅନୁଷ୍ଠିତ ମ୍ୟାଚଗୁଡ଼ିକ ବାଧାପ୍ରାପ୍ତ ହୋଇଛି। ଓଡ଼ିଶା ଟାଇଗର୍ସ ଓ ପାନ୍ଥର୍ସ ମ୍ୟାଚ ବର୍ଷାରେ ସମ୍ପୂର୍ଣ୍ଣ ଧୋଇ ଯାଇଥିବାବେଳେ ଓଡ଼ିଶା ଚିତାସ୍ ଓ ଲାୟନ୍ସ ମ୍ୟାଚ ମାତ୍ର ୬ ଓଭର ବିଶିଷ୍ଟ ସମ୍ଭବ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲାୟନ୍ସ ୬ ଓଭରରେ ୬ ଉଇକେଟ ହରାଇ ୫୨ ରନ କରିପାରିଥିଲା। ଦଳ ପକ୍ଷରୁ ବିପ୍ଳବ ସାମନ୍ତରାୟ ସର୍ବାଧିକ ୨୮ ରନ କରିଥିଲେ। ବିପକ୍ଷ ଦଳର ସୁମିତ ଶର୍ମା ୩ଟି ଓ ହର୍ଷିତ ରାଠୋର ୨ଟି ଉଇକେଟ ନେଇଥିଲେ। ୫୩ ରନର ବିଜୟ ଲକ୍ଷ୍ୟକୁ ଚିତାସ୍ ୬ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଦେବେନ୍ଦ୍ର କନଓ୍ୱର ୨୧ ବଲ୍‌ରୁ ୩୯ ରନକରି ଦଳକୁ ବିଜୟୀ କରିଥିଲେ। ବିପକ୍ଷ ଦଳର ବିପ୍ଳବ ସାମନ୍ତରାୟ ଓ ମିନାଲ ସାମଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ଲାୟନ୍ସ ହାରିଥିଲେ ମଧ୍ୟ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିପ୍ଳବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ତଥା ବିସିସିଆଇ ମାନ୍ୟତାପ୍ରାପ୍ତ ମ୍ୟାଚ ରେଫରି ପିନ୍ଟିଟି ଜୟଚନ୍ଦ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଓଡ଼ିଶା ଆଥ୍‌ଲେଟଙ୍କୁ ଆଶାତୀତ ସଫଳତା


ଭାରତୀୟ ୟୁନିଫାଏଡ୍ ମହିଳା ଭଲିବଲ ଦଳ।

**ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ**

**ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ)**

ଜର୍ମାନୀର ବର୍ଲିନଠାରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଓଡ଼ିଶା ଆଥ୍‌ଲେଟ୍‌ମାନେ ଆଶାତୀତ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ଇତିହାସରେ ପ୍ରଥମଥରପାଇଁ ଓଡ଼ିଶା ପ୍ରତିଯୋଗୀମାନେ ୮ଟି ପଦକ ପାଇଛନ୍ତି ଏବଂ ଜଣେ ପ୍ରତିଯୋଗୀ ୪ର୍ଥ ସ୍ଥାନରେ ରହିଛନ୍ତି। ୨୦୧୯ରେ ୟୁଏଇରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଭାରତ ୪ଟି ପଦକ ପାଇଥିଲା।

ଏଥର ପ୍ରତିଯୋଗିତାର ୪୦୦ ମିଟର ରେସ୍‌ରେ ଓପନ ଲର୍ନିଂ ସିଷ୍ଟମ (ଓଏଲ୍ଏସ୍) ଭୁବନେଶ୍ୱରର ଅରିଦିତା ଚକ୍ରବର୍ତ୍ତୀ ୧:୨୪.୦୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ରବିବାର ଶେଷ ଦିବସରେ ଅନୁଷ୍ଠିତ ଏହି ଇଭେଣ୍ଟରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ସେ ଶଟ୍‌ପୁଟ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ବଲାଙ୍ଗୀର ଆର୍ଏସ୍‌ଡି (ସ୍କୁଲ ଫର୍ ଦି ଡିଫ୍) ସଇଁତଳାର ବୈଷ୍ଣବ ରାଜପଲିଆ ୮.୪୪ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି। ଆଠଗଡ଼ର କଳ୍ପନା ଜେନା ସାଇକ୍ଲିଂର ୨ କିଲୋମିଟର ଟାଇମ୍ ଟ୍ରାଏଲ୍ ଇଭେଣ୍ଟରେ ରୌପ୍ୟ ପଦକ ପାଇଥିବାବେଳେ ନିମାପଡ଼ା ସିବିଆଇଡିର ଜ୍ୟୋତିରଞ୍ଜନ ଓଝା ବ୍ରୋଞ୍ଜ ପଦକ ପାଇଥିବା ସ୍ପେଶାଲ ଅଲିମ୍ପିକ୍ସ (ଏସ୍‌ଓ) ଭାରତ ୟୁନିଫାଏଡ୍ ଭଲିବଲ ଟିମ୍‌ର ସଦସ୍ୟ ଥିଲେ। କିଟ୍‌ର ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍ ୟୁନିଫାଏଡ୍ ବିଚ୍ ଭଲିବଲ ଦଳର ସଦସ୍ୟଭାବେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ୪ର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଫୁଟବଲ ଦଳର ସଦସ୍ୟ ଥିଲେ ବରପାଲି ସରସ୍ୱତୀ ସଂଘର ସଚିନ ବାରିକ। ବଲାଙ୍ଗୀର ଆଶ୍ରାର ଝସକେତନ ସାହୁ ଭାରତୀୟ ଦଳର କୋଚ୍ ଥିଲେ। ରୌପ୍ୟ ପଦକ ହାସଲ କରିଥିବା ଏସ୍‌ଓ ଭାରତୀୟ ମହିଳା ବାସ୍କେଟବଲ ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ କଟକ ସହାୟର ସସ୍ମିତା ରାଉତରାୟ।

''ଏହା ଆମପାଇଁ ଗର୍ବର ମୁହୂର୍ତ୍ତ ଏବଂ ଖୁସି ମନାଇବାର ସମୟ'' ବୋଲି ସ୍ପେଶାଲ ଅଲିମ୍ପିକ୍ସ ଭାରତର ସଭାପତି କସ୍ତୁରୀ ମହାପାତ୍ର ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ହେବାକୁଥିବା ପ୍ରତିଯୋଗିତାଗୁଡ଼ିକରେ ରାଜ୍ୟରୁ ଅଧିକରୁ ଅଧିକ ଆଥ୍‌ଲେଟ୍‌ଙ୍କୁ ଖେଳାଇବାରେ ଆମ କୋଚ୍‌ଙ୍କ ଆତ୍ମବିଶ୍ୱାସ ବଢ଼ାଇଛି ବୋଲି ସ୍ପେଶାଲ ଅଲିମ୍ପିକ୍ସ ଅନ୍ତର୍ଜାତୀୟ ସ୍ତରର କୋଚ୍ ଅର୍ପିତା ମହାପାତ୍ର କହିଛନ୍ତି। ସରକାରୀ ଓ ବେସରକାରୀ ସ୍ତରରୁ ସହାୟତା ମିଳିଲେ ଆମ ଆଥଲେଟ୍‌ମାନେ ଆହୁରି ଅଧିକ ସଫଳତା ପାଇପାରିବେ ବୋଲି ଏସ୍‌ଓବି-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ପ୍ରକାଶ କରିଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



**ସତ୍ୟଜିତ୍ ଖମାରୀ (ଓମ୍)**
ବୁଗବୁଗା, ଅତାବିରା (ବରଗଡ଼)
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ଷଷ୍ଠ ଜନ୍ମବାର୍ଷିକୀରେ ମାଁ ମାହେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା।
ଶ୍ରୀଜିତ୍, ପ୍ରିୟାଂଶା, ଅଭିଲାଷା, ଅଭିଜିତ୍, ଅଭିଲିପ୍‌ସା, ରୋଜାଲିସା, ସୋନାଲିସା, ଆଲିସା, ଲିପ୍‌ସା।
ଧ-୦୬୫୭


# ବଜରଙ୍ଗ ମିଥ୍ୟା କହୁଛନ୍ତି: ଯୋଗେଶ୍ୱର

**ନୂଆଦିଲ୍ଲୀ, ୨୫।୬ (ପି.ଟି.):** ଦେଶର ଟପ୍ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଓ ଯୋଗେଶ୍ୱର ଦତ୍ତ ମଧ୍ୟରେ ଆରୋପ ଓ ପ୍ରତିଆରୋପ ଜାରି ରହିଛି। ଲଣ୍ଡନ ଅଲିମ୍ପିକ ବ୍ରୋଞ୍ଜ ବିଜେତା ଯୋଗେଶ୍ୱର କହିଛନ୍ତି, ମୋ ବିପକ୍ଷ ମ୍ୟାଚ ଜାଣିଶୁଣି ହାରିଯିବା ଲାଗି ସେ ବଜରଙ୍ଗଙ୍କୁ କେବେ ହେଲେ କହି ନାହାନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଅମୂଳକ। ଶନିବାର ସୋସିଆଲ ମିଡିଆରେ ଏକ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ବଜରଙ୍ଗ କହିଛନ୍ତି, ଅତୀତରେ ଅନେକ ଥର ଉଦ୍ଦେଶ୍ୟମୂଳକ ଭାବେ ମ୍ୟାଚ ହାରିଯିବା ଲାଗି ଯୋଗେଶ୍ୱର ତାଙ୍କୁ କହିଥିଲେ। କିନ୍ତୁ ଏହା ନିଛକ ମିଛ ବୋଲି ଯୋଗେଶ୍ୱର କହିଛନ୍ତି। ୨୦୧୬ ଅଲିମ୍ପିକ କ୍ୱାଲିଫିକେଶନରେ ସେ ୬୫କେଜି ଟ୍ରାଏଲର ଅଂଶବିଶେଷ ଥିଲେ। ହେଲେ ଦୁହେଁ ପରସ୍ପରକୁ କେବେ ଭେଟି ନ ଥିଲେ। ଫାଇନାଲରେ ସେ ଅମିତ ଧନକରଙ୍କୁ ଭେଟିଥିଲେ। ଏଥିରେ ସେ ହାରିଯାଇଥିଲେ। ପ୍ରୋ-ରେସ୍‌ଲିଂ ଲିଗ୍‌ରେ କିନ୍ତୁ ଆମେ ଦୁହେଁ ପରସ୍ପରକୁ ଭେଟିଥିଲୁ। ସେଥିରେ ମୁଁ ୩-୦ରେ ବିଜୟୀ ହୋଇଥିଲି। ମୁଁ ଭଲ ଫର୍ମରେ ଥିବାରୁ ଅଧିକ ସ୍କୋର କରିପାରିଥାନ୍ତି। ଲଢେଇ ବେଳେ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ଭଲରୂପେ ଜାଣିଥିଲେ।

# ଲେବାନନ୍ ସେମି ନିକଟତର

**ବେଙ୍ଗାଲୁରୁ, ୨୫।୬:** ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ଲେବାନନ ଓ ବାଂଲାଦେଶ ବିଜୟ ହାସଲ କରିଛନ୍ତି। ଲେବାନନ କ୍ରମାଗତ ୨ୟ ବିଜୟ ସହ ସେମିଫାଇନାଲର ନିକଟତର ହୋଇଥିବାବେଳେ ବାଂଲାଦେଶ ପ୍ରଥମ ବିଜୟ ସହ ସେମିଫାଇନାଲ ଆଶା ଉଜ୍ଜୀବିତ କରିଛି। ଦିବସର ପ୍ରଥମ ମ୍ୟାଚରେ ବାଂଲାଦେଶ ୩-୧ ଗୋଲରେ ମାଲଦ୍ୱୀପକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଲେବାନନ ୪-୧ ଗୋଲରେ ଭୁଟାନକୁ ପରାସ୍ତ କରିଥିଲା। ଫଳରେ ଲେବାନନର ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଥିବାବେଳେ ବାଂଲାଦେଶ ଓ ମାଲଦ୍ୱିପ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ୨୮ ତାରିଖରେ ଅନ୍ତିମ ଲିଗ୍ ମ୍ୟାଚରେ ଲେବାନନ-ମାଲଦ୍ୱୀପ ଏବଂ ବାଂଲାଦେଶ-ଭୁଟାନ ମଧ୍ୟରେ ମୁକାବିଲା ହେବ। ଏହାପରେ ଗ୍ରୁପ୍‌ରୁ କେଉଁ ୨ ଦଳ ସେମିଫାଇନାଲରେ ପ୍ରବେଶ କରିବେ ତାହା ସ୍ପଷ୍ଟ ହେବ। ଲେବାନନ ଏହାର ପ୍ରଥମ ମ୍ୟାଚରେ ବାଂଲାଦେଶକୁ ୨-୦ ଓ ମାଲଦ୍ୱୀପ ୨-୦ରେ ଭୁଟାନକୁ ପରାସ୍ତ କରିଥିଲା।


**Classified Everyday 0674-2580101, 2549949**


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

Demarcated ଘରବାରି ପ୍ଲଟ୍ KEC, ଗୁଡ଼ିଆପୋଖରୀ sqft.-1000/-ରେ immediate registration, ଅଗ୍ରିମ boundarywall, electricity, 30ft. road ମିଳୁଛି। 7008045582, 9692003948. D-0661

ଭୁବନେଶ୍ୱର-ଖୋର୍ଦ୍ଧା ମଝି ପିତାପଲ୍ଲି National Highway ଠାରୁ 300 ମିଟର ପାଖରେ 40' ରୋଡ୍‌କୁ ଲାଗି ଇଲେକ୍ଟ୍ରି ସହିତ Gandhi College ପାଖରେ ପ୍ଲଟ୍ ମିଳୁଛି। Sqft.-999/-, 1199/- Owner-7978601422. D-74879

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645




Newly healthcare benefited SPA experience Therapist, Bhubaneswar. Please visit this SPA. 7749034655. D-75124

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open Salon/ SPA with expert therapist (health benefits). 8114322659. D-75123

Newly open health benefits SPA special offer @ 799 Jaydev Vihar. 8018429809. D-75121

Newly healthcare benefited SPA experience Therapist, Bhubaneswar. Please visit this SPA. 7846814019. D-75125

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ଜିତେନ୍ଦ୍ର କୁମାର ସାହୁ
ପାଇକରାପୁର, ଖୋର୍ଦ୍ଧା, ଭୁବନେଶ୍ୱର
ଆବିର୍ଭାବ : ୧୫.୦୧.୧୯୮୦
ତିରୋଧାନ : ୦୮.୦୭.୨୦୧୧
ତୁମର ଅମର ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
( ଶୋକସନ୍ତପ୍ତ )
ବାପା, ମା, ସ୍ତ୍ରୀ, ପୁଅ, ଝିଅ, ଭାଇ, ଭାଇବୋହୂ, ଝିଆରୀ, ପୁତୁରା, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ ଓ ଜୟ ହନୁମାନ କନ୍‌ଷ୍ଟ୍ରକ୍‌ସନ୍ ଷ୍ଟାଫ୍।
ଧ-୭୧୫୬୪

୩୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ନିନିରାଣୀ ଦାସ
ସ୍ୱାମୀ: ✓ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୦୬୫୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୬ ଜୁନ୍, ୨୦୨୩



# ଚର୍ବି ପରିମାଣ କମାଏ ସଜନା ଶାଗ



**ସ୍ୱା**ସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ସଜନା ଶାଗ। ଏଥିରେ କ୍ୟାଲ୍‌ସିୟମ୍, ପଟାସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, 'ସି' ଏବଂ 'ଇ' ଭରି ରହିଛି। ସଜନା ଶାଗ ରକ୍ତରେ ଏବଂ ପରିସ୍ରାରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ନିୟମିତ ସଜନା ଶାଗ ଖାଇଲେ ତାହା ଶରୀରରେ ଚର୍ବି ପରିମାଣକୁ କମାଇଥାଏ। ଲିଭର୍ ସେଲ୍‌କୁ ନଷ୍ଟ ହେବାରୁ ରକ୍ଷା କରିଥାଏ ସଜନା ଶାଗ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। ଆଣ୍ଠୁ, ଗଣ୍ଠି ବାତ ସମସ୍ୟାରୁ କେତେକାଂଶରେ ମଧ୍ୟ ରକ୍ଷା କରିଥାଏ। ମେଦବହୁଳତା ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ସଜନା ଶାଗରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଛି, ଯାହା କେଶମୂଳକୁ ଦୃଢ଼ କରିଥାଏ। ଏଥିରେ ଭିଟାମିନ ଓ ମିନେରାଲ୍ସ ମଧ୍ୟ ରହିଛି। ଏହାକୁ ଖାଇଲେ ତାହା ପାଚନ କ୍ରିୟାକୁ ଦୃଢ଼ କରିଥାଏ। ଦୃଷ୍ଟିଶକ୍ତି ପାଇଁ ସଜନା ଶାଗ ବେଶ୍ ଉପକାରୀ। କେବଳ ସେତିକି ନୁହେଁ, ଆଜ୍ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଉଷୁମ ପାଣି

**ଉ**ଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଏହାର ସବୁଠାରୁ ଖାସ୍ ଗୁଣ ହେଲା, ଯଦି ଜଣେ ବ୍ୟକ୍ତି ନିୟମିତ ଉଷୁମ ପାଣି ପିଅନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ବୃଦ୍ଧି ଘଟିଥାଏ। ଜଣେ ଆଜମା ରୋଗୀ ପାଇଁ ଏହା ବେଶ୍ ଉପକାରୀ। ଏଭଳି ସମସ୍ୟା ଥିଲେ ପ୍ରତିଦିନ ସକାଳେ ଉଷୁମ ପାଣି ପିଅନ୍ତୁ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ତାହା ଏଥିରୁ ଅନେକାଂଶରେ ଉପଶମ ଦେଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ବି ରହିଛି। କୋଲେଷ୍ଟରଲ ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ମେଦବହୁଳତାକୁ କେତେକାଂଶରେ ଦୂର କରିଥାଏ ଉଷୁମ ପାଣି।



# ଡାଇବେଟିସ ସମସ୍ୟା ଥିଲେ...



**ଆ**ଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଡାଇବେଟିସ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ଼ନି ଏପରି କି ଦୃଷ୍ଟି ଶକ୍ତି ଉପରେ ପଡିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଏ। ତେଣୁ ଏହାର କାରଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଜରୁରୀ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଫୁଲର ମହକ: ରୋଗ ନିବାରକ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

**ପ୍ର**କୃତିର ଅନ୍ୟତମ ସୁନ୍ଦରତମ ସୃଷ୍ଟି ହେଲା 'ଫୁଲ'। ତା'ର ସୁନ୍ଦରତା ଯେ କେବଳ ଆମକୁ ବିମୋହିତ କରେ ତାହା ନୁହେଁ, ମହକ ମଧ୍ୟ ଆମ ମନକୁ ସ୍ପର୍ଶ କରେ ଅତି ନିବିଡ଼ ଭାବେ। ଏହା ବିବିଧ ଯାଦୁକରୀ ଶକ୍ତି ଅଧିକାରୀ ହୋଇଥିବାର ବିଶ୍ୱାସକୁ ନେଇ କାହାଣୀମାନ ସାରା ଦୁନିଆରେ ଚଳି ଆସୁଛି କେଉଁ ଅନାଦି କାଳରୁ। ଏଣୁ ମାଲୁଣୀ ଫୁଲଟିଏ ସୁଙ୍ଘାଇ ଦେଇ ମଣିଷକୁ ମେଣ୍ଢାରେ ରୂପାନ୍ତରିତ କଲା ଭଳି ରହିଛି ଅନେକ ଉପକଥା। ସମ୍ଭବତଃ ଏହାର ପ୍ରଭାବରେ ମଣିଷର ଉଗ୍ରମନକୁ ବଶୀଭୂତ କରି ତା'ଠାରେ ମେଣ୍ଢାର ବିଶ୍ୱସ୍ତ ମନଟିଏ ସୃଷ୍ଟି କରିବା ହେଲା ଏହା ମୂଳରେ ନିହିତ ସତ୍ୟ। ଅନ୍ୟପକ୍ଷରେ ଠାକୁରଙ୍କ ଛଡ଼ାଫୁଲ କିମ୍ବା କୌଣସି ସାଧୁସନ୍ନ୍ୟାସୀଙ୍କ ଦ୍ୱାରା ଆଶୀର୍ବାଦ ରୂପେ ପ୍ରଦତ୍ତ ଫୁଲ ଆମ ଦେହ ଓ ମନକୁ ସୁସ୍ଥ ରଖିବାରେ ବିଶ୍ୱାସ ଆମର ରହିଛି। ପ୍ରକୃତରେ ତଦ୍ୱାରା ଦୂର ହୁଏ ଆମ ମାନସିକ ଚାପ, ଉଜ୍ଜୀବିତ ହୁଏ ସକାରାତ୍ମକ ଭାବପ୍ରବଣତା ଏବଂ ଅବସାନ ଘଟେ ଶାରୀରିକ କ୍ଳାନ୍ତିର। ଏପରିକି ଏହା ଆମଠାରେ ରୋଗ ପ୍ରତିରୋଧକ ଶକ୍ତିକୁ ତ୍ୱରାନ୍ୱିତ କରେ ବୋଲି ଏବେ ସ୍ୱୀକାର କଲେଣି ଚିକିତ୍ସା ବିଜ୍ଞାନୀମାନେ।

ରୋଗ ପ୍ରତିରୋଧ ଏବଂ ଚିକିତ୍ସା କ୍ଷେତ୍ରରେ ଫୁଲ ବ୍ୟବହାର ହେବାର ଇତିହାସ ବେଶ୍ ପୁରାତନ। ତେବେ ଖ୍ରୀଷ୍ଟଜନ୍ମର ପ୍ରାୟ ୪୦୦୦ ବର୍ଷ ପୂର୍ବେ ଏହା ମିଶରରେ ଆରମ୍ଭ ହୋଇଥିବାର ଐତିହାସିକ ସୂଚନା ମିଳେ। ତତ୍ପରେ ଭାରତ, ଚାଇନା, ଗ୍ରୀସ, ରୋମ୍ ଆଦିର ପ୍ରାଚୀନ ସଭ୍ୟତାରେ ଏହାର ଉପଯୋଗ ହେବାର ଜଣାଯାଏ। ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ପ୍ରସିଦ୍ଧ ଗ୍ରୀକ୍ ଚିକିତ୍ସକ ହିପୋକ୍ରେଟ୍‌ସ ଫୁଲର ଔଷଧୀୟ ଗୁଣ ସମ୍ପର୍କରେ ଶିକ୍ଷା ପ୍ରଦାନ କରୁଥିବାର ପ୍ରମାଣ ମଧ୍ୟ ରହିଛି। ତେବେ ତାହା କେବଳ ଫୁଲ ବା ଏହାର ମହକରେ ଉପଯୋଗ ମଧ୍ୟରେ ସୀମାବଦ୍ଧ ନ ଥିଲା, ବରଂ ତହିଁରୁ ତଥା ଗଛଲତା ଓ ଗୁଳ୍ମ ଇତ୍ୟାଦିରୁ ପ୍ରସ୍ତୁତ ବିବିଧ ସୁବାସିତ ତୈଳ ମଧ୍ୟ ଏହାର ଅନ୍ତର୍ଭୁକ୍ତ ଥିଲା।

"ଫୁଲ ଅଥବା ଗଛଲତା ଗୁଳ୍ମଙ୍କ ମନଛୁଆଁ ମହକ ଦୁଶ୍ଚିନ୍ତା, ମାନସିକ ଚାପ, ନିଦ୍ରାହୀନତା, ମୁଣ୍ଡବ୍ୟଥା, କ୍ରୋଧ ତଥା ଅନ୍ୟାନ୍ୟ ମାନସିକ ରୋଗର ଉପଶମ ଘଟାଇପାରେ। କେତେକ ଫୁଲରୁ ନିଷ୍କାଷିତ ସୁବାସିତ ତୈଳକୁ ଅନ୍ୟ ତୈଳ ସହିତ ମିଶ୍ରଣ କରି ଚର୍ମ ଉପରେ ପ୍ରଲେପ ଦେଲେ, ଆଘ୍ରାଣ କଲେ କିମ୍ବା ଜଳରେ ମିଶାଇ ସ୍ନାନ କଲେ ତାହା ସକାରାତ୍ମକ ମାନସିକତା ଉତ୍ପନ୍ନ କରିବା ସହିତ ମାନସିକ ଚାପ ସହ ସଂପୃକ୍ତ ଅଧିକାଂଶ ଲକ୍ଷଣ ଦୂର କରିଥାଏ। ମଲ୍ଲୀ, ଚମ୍ପା, ଲାଭେଣ୍ଡର ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଏପରି କି ଏଗୁଡ଼ିକ ଆମେ ସିଧାସଳଖ ବ୍ୟବହାର କଲେ ସେ ପ୍ରକାର ଫଳ ମିଳିଥାଏ।"





ଅନ୍ୟପକ୍ଷରେ ଆମ ଦେଶରେ ଏହାକୁ ଭିତ୍ତିକରି ଗଢ଼ିଉଠିଲା ଶତାବ୍ଦୀ ଶତାବ୍ଦୀ ତଳେ ଆୟୁର୍ବେଦ ଚିକିତ୍ସା ପଦ୍ଧତି, ଯାହାର ପ୍ରଥମ ଜଣାଶୁଣା ପ୍ରବର୍ତ୍ତକ ଥିଲେ ଚରକ। ତାଙ୍କ ରଚିତ 'ଚରକ ସଂହିତା'ରେ ଏଥିସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ବର୍ତ୍ତମାନ ଆଧୁନିକ ଚିକିତ୍ସା ପଦ୍ଧତି ମଧ୍ୟ ଏହାକୁ ଗ୍ରହଣ କଲାଣି।

ଏଥିଅନୁସାରେ ଫୁଲ ଅଥବା ଗଛଲତା ଗୁଳ୍ମଙ୍କ ମନଛୁଆଁ ମହକ ଦୁଶ୍ଚିନ୍ତା, ମାନସିକ ଚାପ, ନିଦ୍ରାହୀନତା, ମୁଣ୍ଡବ୍ୟଥା, କ୍ରୋଧ ତଥା ଅନ୍ୟାନ୍ୟ ମାନସିକ ରୋଗର ଉପଶମ ଘଟାଇପାରେ। କେତେକ ଫୁଲରୁ ନିଷ୍କାଷିତ ସୁବାସିତ ତୈଳକୁ ଅନ୍ୟ ତୈଳ ସହିତ ମିଶ୍ରଣ କରି ଚର୍ମ ଉପରେ ପ୍ରଲେପ ଦେଲେ, ଆଘ୍ରାଣ କଲେ କିମ୍ବା ଜଳରେ ମିଶାଇ ସ୍ନାନ କଲେ ତାହା ସକାରାତ୍ମକ ମାନସିକତା ଉତ୍ପନ୍ନ କରିବା ସହିତ ମାନସିକ ଚାପ ସହ ସମ୍ପୃକ୍ତ ଅଧିକାଂଶ ଲକ୍ଷଣ ଦୂର କରିଥାଏ। ମଲ୍ଲୀ, ଚମ୍ପା, ଲାଭେଣ୍ଡର ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଏପରି କି ଏଗୁଡ଼ିକ ଆମେ ସିଧାସଳଖ ବ୍ୟବହାର କଲେ ସେ ପ୍ରକାର ଫଳ ମିଳିଥାଏ।


ଫୁଲର ମହକରେ ଏ ପ୍ରକାର ଗୁଣର କାରଣ ହେଲା ଯେ, ତାହା ଘ୍ରାଣ ବ୍ୟବସ୍ଥା ମାଧ୍ୟମରେ ଗତି କରି ମସ୍ତିଷ୍କରେ ପହଞ୍ଚେ ଏବଂ ତା'ର କ୍ରିୟାକଳାପକୁ ପ୍ରଭାବିତ କରେ। ଫଳରେ ତହିଁରୁ ଆମ ଭାବପ୍ରବଣତାକୁ ନିୟନ୍ତ୍ରଣ ଏବଂ ମନକୁ ଶାନ୍ତ କଲା ଭଳି ରସାୟନମାନଙ୍କର କ୍ଷରଣ ଘଟେ। ପୁନଶ୍ଚ ଶାରୀରିକ ପ୍ରକ୍ରିୟାକୁ ମଧ୍ୟ ଏହା ପ୍ରଭାବିତ କରେ। ଅତଏବ ରୋଗ ପ୍ରତିରୋଧକ ଶକ୍ତି ବଢ଼େ ଏବଂ ବିବିଧ ରୋଗର ପ୍ରଭାବ ହ୍ରାସ ପାଏ।

ଫୁଲର ମହକ ଏବଂ ତହିଁରୁ ଉତ୍ପନ୍ନ ସୁବାସିତ ତୈଳ ତାହାର ପ୍ରକାରଭେଦ ଅନୁସାରେ ମନକୁ ପ୍ରଭାବିତ କରିଥାଏ। ଅବଶ୍ୟ ଏହାଦ୍ୱାରା ମନ ରୋଗଟି ସମ୍ପୂର୍ଣ୍ଣ ଦୂର ହୋଇପାରେ କି ନ ପାରେ, ତେବେ ତାହା ରାସାୟନିକ ଭାବେ ତାକୁ ନିଶ୍ଚିତ ରୂପେ ଶାନ୍ତ କରେ ଏବଂ ରୋଗର ଲକ୍ଷଣଗୁଡିକ ସହିତ ଖାପ ଖୁଆଇବାରେ ସାହାଯ୍ୟ କରେ। ଲାଭେଣ୍ଡର, ଗୋଲାପ, ମଲ୍ଲୀ, ରଜନୀଗନ୍ଧା, ଚମ୍ପା ଆଦି ଫୁଲ ଏଥିପାଇଁ ବିଶେଷଭାବେ ଉପଯୋଗୀ। ବାର୍ଦ୍ଧକ୍ୟଜନିତ ସ୍ମୃତିହୀନତା, ଅମନଯୋଗିତା, ଅନିଦ୍ରା ଏବଂ ବିବିଧ ଶାରୀରିକ ଯନ୍ତ୍ରଣା ଆଦିର ମଧ୍ୟ ଏହା ଉପଶମ କରିଥାଏ।

ଅନେକ ସ୍ଥଳେ, ମାନସିକ ରୋଗ ସହିତ ସଂପୃକ୍ତ ହୋଇଥାଏ ଶାରୀରିକ ରୋଗ, ଯେପରିକି ଉଚ୍ଚ ରକ୍ତଚାପ, ହୃଦ୍‌ଘାତ ପ୍ରଭୃତି। ଫୁଲର ମହକ ଏସବୁର ସମ୍ଭାବନା ହ୍ରାସ କରିପାରେ। କୁହାଯାଏ ଯେ ଏହି କାରଣରୁ ରାଜପ୍ରାସାଦଠାରୁ ଆରମ୍ଭ କରି ଜନପଦମାନଙ୍କର ବିଭିନ୍ନ ସ୍ଥାନରେ ପୁଷ୍ପ ଉଦ୍ୟାନମାନ ପ୍ରତିଷ୍ଠା କରାଯାଉଥିଲା। ଏବେବି ଘର ଅଗଣା ଏବଂ ବାଡିରେ ଆମେ ଫୁଲଗଛ ଲଗାଉଛୁ। ସେହିପରି ଦେବଦେବୀଙ୍କ ପୂଜାର୍ଚ୍ଚନାରେ ସୁବାସିତ ଫୁଲର ବ୍ୟବହାର ଆମ ମନରେ ଆଧ୍ୟାତ୍ମିକ ଭାବ ଉଦ୍ରେକ କରି ଭୁଲାଇ ଦେଉଛି ବସ୍ତୁବାଦୀ ଜୀବନର ଯନ୍ତ୍ରଣା। ଅତଏବ ଏହା ହିଁ ହେଉଛି ପ୍ରକୃତରେ ଏକ ଯାଦୁକରୀ ସୃଷ୍ଟି।

-ଉଷାନିବାସ, ଖଣ୍ଡଗିରି ବିହାର,
ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଉଥିଲେ...



**ଆ**ଜିକାଲି ଅନେକ ଲୋକ ନିଜର ଅସନ୍ତୁଳିତ ଖାଦ୍ୟ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ପାଇଁ ହେଉ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଭଳି ଅନେକ ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଅଧିକ ଫ୍ୟାଟ୍ ଥିବା ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଏବଂ କାର୍ଡ଼ିଓଭାସ୍କୁଲାର୍ ରୋଗର ଆଶଙ୍କା ରହିଛି। ଏଭଳି ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହା ଶରୀରରେ ଚର୍ବି ପରିମାଣ ବଢ଼ାଇବା ସହ ହାର୍ଟ ଉପରେ କୁପ୍ରଭାବ ପକାଇଥାଏ। ଫଳରେ ଉଚ୍ଚ ରକ୍ତଚାପ ପରି ସମସ୍ୟାର ସମ୍ମୁଖୀନ ହେବାର ମଧ୍ୟ ଆଶଙ୍କା ରହିଛି। ସବୁଜ ପନିପରିବା, କ୍ଷୀର, ମାଛ, ସୋୟାବିନ୍ ଆଦି ଖାଦ୍ୟ ଖାଇବା ଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା କମ୍ ଥାଏ। ତେଣୁ ମସ୍ତିଷ୍କ କାର୍ଯ୍ୟଧାରାକୁ ଅଧିକ ସକ୍ରିୟ ରଖିବାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।


# ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



**ଶ**ରୀରକୁ ସୁସ୍ଥ ତଥା ନୀରୋଗ ରଖିବାରେ ଉତ୍ତମ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପକ୍ଷରେ କେତେକ କାରଣରରୁ ଅନେକ ଡିପ୍ରେସନ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏଭଳି କେତେକ ସରଳ ଉପାୟ ରହିଛି ଯାହାକୁ ଆପଣେଇ ପାରିଲେ ଆମେ ନିଜକୁ ଡିପ୍ରେସନଠାରୁ କେତେକାଂଶରେ ଦୂରେଇ ରଖିପାରିବା। ପ୍ରଥମ କଥା ହେଲା, ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ। ଚାପର ବଶବର୍ତ୍ତୀ ଯେତେ କମ୍ ହେବେ ତାହା ସେତେ ଭଲ। ଯଦି କୌଣସି କାମ କରିବା ସମୟରେ ଚାପର ସମ୍ମୁଖୀନ ହେଉଛନ୍ତି, ତେବେ ସେଥିରୁ କିପରି ଦୂରେଇ ରହିବେ ସେ ନେଇ ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରନ୍ତୁ। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ। କାରଣ ଏହାଦ୍ୱାରା ଆମର ମାନସିକତା ସକରାତ୍ମକ ରହିଥାଏ। ନିଜର ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ନଜର ଦିଅନ୍ତୁ। ଚିଡ଼ିଚିଡ଼ା ଗୁଣ ଥିଲେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ନିକଟରେ ଡିପ୍ରେସନଠାରୁ ଜଣେ କିପରି ନିଜକୁ ଦୂରେଇ ରଖିପାରିବେ ସେ ନେଇ ଟୋକିଓ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡିଥିଲା ଯେ, ଯେଉଁମାନେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରୁଛନ୍ତି ସେମାନେ ନିଜକୁ ଡିପ୍ରେସନ ଭଳି ଗୁରୁତର ସମସ୍ୟଠାରୁ ଅନେକାଂଶରେ ଦୂରେଇ ରଖିପାରୁଛନ୍ତି। ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଅଭିଜ୍ଞ ମନସ୍ତତ୍ତ୍ୱବିତ୍‌ଙ୍କ ସହ ଆଲୋଚନା କରନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

- ➢ସୁସ୍ଥ ତଥା ନୀରୋଗ ଶରୀର ପାଇଁ ଏକ ରୁଟିନ୍ ଲାଇଫ ଅନୁସରଣ କରନ୍ତୁ।
- ➢ଯଦି ଆପଣଙ୍କ ବୟସ ୫୦ ଟପିଲାଣି ତେବେ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ। କାରଣ ଯଦି ଆପଣ କୌଣସି ସମସ୍ୟା ଲୁଚାଇବାକୁ ଚେଷ୍ଟା କରନ୍ତି ତାହା ରୋଗ ନିରୂପଣରେ ବାଧା ସୃଷ୍ଟି କରିଥାଏ।
- ➢ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ପରିଶ୍ରମ କରନ୍ତୁ। କାରଣ ଆବଶ୍ୟକତାଠାରୁ ଅଧିକ ପରିଶ୍ରମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ।
- ➢ରାତିରେ ଶୋଇବା ସମୟ ନିର୍ଦ୍ଧାରଣ କରନ୍ତୁ। ଠିକ୍ ସମୟରେ ଶୁଅନ୍ତୁ ଏବଂ ଉଠନ୍ତୁ।
- ➢ପ୍ରତିଦିନ ସକାଳେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଅଧ ଘଣ୍ଟାଏ ଚାଲିବାକୁ ଚେଷ୍ଟା କରନ୍ତୁ।
- ➢ଘରେ ରଖିଥିବା ମେଡିସିନ୍‌ଗୁଡିକର ଏକ୍ସପାଏରୀ ତାରିଖ ପ୍ରତି ସଚେତନ ରୁହନ୍ତୁ।
- ➢ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ୍ ସାମିଲ କରନ୍ତୁ।



# କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଆଖୁରସ

**ଆ**ଖୁରସରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆଜିକାଲି କୋଲେଷ୍ଟରଲଜନିତ ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି। ଏଥିରୁ କେତେକାଂଶରେ ଉପଶମ ପାଇବାର ଏକ ସହଜ ତଥା ସରଳ ଉପାୟ ରହିଛି। ଆଖୁରସର ଏଭଳି ଗୁଣ ରହିଛି ଯାହା କୋଲେଷ୍ଟରଲକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥାଏ। କେବଳ ସେତିକି ନୁହେଁ, ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହୁଏ। ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଖାସ୍ କଥା ହେଲା, ଆଖୁରସ ପିଇବା ଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ଏଥିରେ ଥିବା ପୋଟାସିୟମ ତତ୍ତ୍ୱ ପାକସ୍ଥଳୀ ଇନ୍‌ଫେକ୍‌ଶନ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଅସ୍ଥି ଏବଂ ମାଂସପେଶୀକୁ ମଜ୍‌ଭୁତ କରିବାରେ ମଧ୍ୟ ଏହା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଥିବା ଭିଟାମିନ୍-ସି ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ଏହା ରକ୍ଷା କରିଥାଏ। ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହାକୁ ପିଇଲେ ତାହା ଶର୍କରା ପରିମାଣ ବୃଦ୍ଧିକୁ କେତେକାଂଶରେ ରୋକିଥାଏ। ନିୟମିତ ଆଖୁ ରସ ପିଇଲେ ତାହା ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ।



# କଟକ ଚାମ୍ପିୟନ, ସୁନ୍ଦରଗଡ଼ ରନରଅପ୍

## ରାଜ୍ୟ ଆଥଲେଟିକ୍ସ ମିଟ୍ ଉଦ୍‌ଯାପିତ

## ପ୍ରଥମଥର ୪୧ଟି ନୂଆ ମିଟ୍ ରେକର୍ଡ

ଭୁବନେଶ୍ୱର, ୨୫ା୬

(ତପନ ସ୍ୱାଇଁ)

କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ୬୯ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍ ରବିବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ବୟସ ବର୍ଗରେ ଆଥଲେଟ୍‌ଙ୍କ ପ୍ରଦର୍ଶନ ଭିତ୍ତିରେ କଟକ ୬୦୨ ପଏଣ୍ଟ ସହିତ ଦଳଗତ ଚାମ୍ପିୟନ ଏବଂ ସୁନ୍ଦରଗଡ଼ ୪୦୭ ପଏଣ୍ଟ ପାଇ ରନରଅପ୍ ହୋଇଛି। ଓଡ଼ିଶା ଆଥ୍‌ଲେଟିକ୍ ମିଟ୍‌ରେ ପ୍ରଥମଥର ପାଇଁ ୪୧ଟି ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। କେବଳ ଅନ୍ତିମ ଦିବସରେ ୧୨ଟି ନୂଆ ମିଟ୍ ରେକର୍ଡ ସ୍ଥାପିତ ହୋଇଛି। ୨୩ ବର୍ଷରୁ କମ୍ ବାଳକ ୪୦୦ ମିଟର ରେସ୍‌ରେ ସୁନ୍ଦରଗଡ଼ର ଅନମୋଲ କେର୍କେଟା, ୧୦୦୦୦ ମିଟର ରେସ୍‌ରେ ନୟାଗଡ଼ର ଟିକନ ନାୟକ, ୪୦୦ ମିଟର ହର୍ଡଲ୍ସରେ ଯାଜପୁରର ଭୀମ ସର୍ଦ୍ଦାର, ଡିସ୍‌କସ୍ ଥ୍ରୋରେ ଭୁବନେଶ୍ୱରର ଅମନ ପାଣ୍ଡେ ନୂଆ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବାଳକ ଷ୍ଟିପଲଚେଜ୍‌ରେ ଯାଜପୁରର ଦୋଳମଣି ଚିରଗୁନ, ପୁରୁଷ ଷ୍ଟିପଲଚେଜ୍‌ରେ ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା, ୨୦ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ କିଟ୍‌ର ଆଂଶିକା ରାଉତରାୟ, ୨୩ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍‌ରେ ସୁନ୍ଦରଗଡ଼ର ଆର୍ଯ୍ୟନ ଏକ୍କା, ୨୩ ବର୍ଷରୁ କମ୍ ବାଳିକା ୨୦୦ ମିଟର ରେସ୍‌ରେ ଭୁବନେଶ୍ୱରର ସୁଖୀ ବାସ୍କେ, ୨୦ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍‌ରେ କଳାହାଣ୍ଡିର ଡି.ଏମ. ଜୟରାମ, ୨୩ ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ମୟୂରଭଞ୍ଜର ସୁନାରାମ ମୁର୍ମୁ ଓ ୨୩ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ୍‌ରେ କିଟ୍‌ର ଲିପ୍‌ତି କଡ୍ରାକା ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ପ୍ରସାଦ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କ୍ରୀଡ଼ା ବିଭାଗରର ସିଓଓ ଗ୍ରୁପ୍ କ୍ୟାପ୍‌ଟେନ ଦୀନେଶ ସୁରି, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସଭାପତି ଜି.ଏସ. ପଟ୍ଟନାୟକ, ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ରବି ପ୍ରତିହାରୀ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ କୋଷାଧ୍ୟକ୍ଷ ଅଧିପ ଦାସ, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଦଳଗତ ଚାମ୍ପିୟନ କଟକ ଦଳର ଆଥଲେଟ୍‌ମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



ଶଟ୍‌ପୁଟ୍ ଥ୍ରୋ ଅବସରରେ ଆଂଶିକା ରାଉତରାୟ।

# ଆଂଶିକାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ

୬୯ତମ ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍‌ର ଚତୁର୍ଥ ଦିବସରେ ରବିବାର ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ଆଂଶିକା ରାଉତରାୟ। ୨୦ ବର୍ଷରୁ କମ୍ ବାଳିକା ବର୍ଗରେ ସେ ୧୧.୮୩ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ଏହି ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡଥିଲା ୧୦.୮୫ ମିଟର। ଏହି ଇଭେଣ୍ଟରେ ଆଂଶିକା ସ୍ୱର୍ଣ୍ଣ, ସୁନ୍ଦରଗଡ଼ର ମୋନାଲିସା ଏକ୍କା ରୌପ୍ୟ ଓ ମୟୂରଭଞ୍ଜର ନେତ୍ରମଣି ସିଂ ବ୍ରୋଞ୍ଜ ପଦକ ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବାଳିକା ଡିସ୍‌କସ୍ ଥ୍ରୋରେ ଆଂଶିକା ରୌପ୍ୟ ପଦକ ହାସଲ କରିଥିଲେ।

# ଦୀକ୍ଷା ଜିତିଲେ ଲେଡିଜ ୟୁରୋପିଆନ ଟୁର୍ ଇଭେଣ୍ଟ ଟାଇଟଲ

ଚେଟିଆ (ଚେକ୍ ରିପବ୍ଲିକ), ୨୫ା୬ (ପି.ଟି.)

ଟିପ୍‌ସ୍ପୋର୍ଟ ଚେକ୍ ଲେଡିଜ ଓପନଠାରେ ରବିବାର ଫୋର୍ ଶଟ୍ ୱିନ୍ ସହ ଭାରତର ପ୍ରତିଭାସମ୍ପନ୍ନ ଗଲ୍ଫ ଖେଳାଳି ଦୀକ୍ଷା ଡାଗର ଦ୍ୱିତୀୟ ଥର ଲେଡିଜ ୟୁରୋପିଆନ ଟୁର୍ (ଏଲଇଟି) ଇଭେଣ୍ଟ ଟାଇଟଲ ଜିତିଛନ୍ତି। ୨୨ ବର୍ଷୀୟା ଦୀକ୍ଷା ତାଙ୍କର ପ୍ରଥମ ଏଲଇଟି ଟାଇଟଲ ୨୦୧୯ରେ ଜିତିଥିଲେ। ୨୦୨୧ରେ ଲଣ୍ଡନରେ ଆରାମକୋ ଟିମ୍ ସିରିଜ ବିଜୟୀ ଟିମ୍‌ର ସେ ଜଣେ ସଦସ୍ୟା ଥିଲେ। ୨୦୧୬ରେ ଅଦିତୀ ଅଶୋକ ହିରୋ ଓମେନ୍ସ ଇଣ୍ଡିଆନ ଓପନ ଜିତିବା ପରେ ଦୀକ୍ଷା ଦ୍ୱିତୀୟ ଭାରତୀୟ ଭାବେ ଏଲଇଟି ଟୁର୍ ବିଜୟୀ ହୋଇଛନ୍ତି। ୨୦୨୩ରେ ଟାଇଟଲ ଜିତିବାରେ ଅଦିତୀଙ୍କ ପରେ ଦୀକ୍ଷା ଦ୍ୱିତୀୟ ଭାରତୀୟ। ଅଦିତୀ ଚଳିତବର୍ଷ ପ୍ରାରମ୍ଭରେ ମ୍ୟାଜିକାଲ କେନିଆ ଲେଡିଜ ଟାଇଟଲ ବିଜୟୀ ହୋଇଥିଲେ। ଏହି ଦୁଇଜଣ ଭାରତୀୟ କେବଳ ଏଲଇଟିର ସଫଳତାର ସ୍ୱାଦ ଚାଖିଛନ୍ତି। ଦୀକ୍ଷା ତାଙ୍କର ପ୍ରଥମ ଏଲଇଟି ଟାଇଟଲ ୨୦୧୯ ମାର୍ଚ୍ଚରେ ଇନ୍‌ଭେଷ୍ଟିକ ଓମେନ୍ସ ସାଉଥ ଆଫ୍ରିକାନ ଓପନ ଜିତିଥିଲେ। ସେ ୪ବର୍ଷ ୩ ମାସ ଓ ୧୧ ଦିନ ବ୍ୟବଧାନରେ ଦ୍ୱିତୀୟ ଥର ବ୍ୟକ୍ତିଗତ ସଫଳତା ହାସଲ କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ